# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 303 | ଭାଗ ୩୨ | ସଂଖ୍ୟା ୩୦୩ | Bhubaneswar | Sunday 26 January 2025 | Page 8 Rs. 4.00 | ଭୁବନେଶ୍ୱର ରବିବାର ୨୬ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଛୁଟି ଘୋଷଣା

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ସଂଚାର' କାର୍ଯ୍ୟାଳୟ ଜାନୁଆରୀ ୨୬ (ରବିବାର) ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ଆସନ୍ତା ୨୮ ତାରିଖ (ମଙ୍ଗଳବାର) ପ୍ରକାଶ ପାଇବ।

ପରିଚାଳକ

## ଅଭିନନ୍ଦନ

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ସଂଚାର' ପରିବାର ପକ୍ଷରୁ ପାଠକପାଠିକା, ଶୁଭେଚ୍ଛୁ, ସମ୍ବାଦଦାତା, ଏଜେଣ୍ଟ, ବିତରକ ଏବଂ ବିଜ୍ଞାପନଦାତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ସମ୍ପାଦକ

# ୧୩୯ ପ୍ରତିଭାଙ୍କୁ ପଦ୍ମ ପୁରସ୍କାର



ନୂଆଦିଲ୍ଲୀ, ୨୫।୧(ସଂଚାର ବ୍ୟୁରୋ): ଆସନ୍ତାକାଲିର ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦ୍ମ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ଦେଶର ଏହି ସର୍ବୋଚ୍ଚ ବେସାମରିକ ସମ୍ମାନ ପାଇବା ସକାଶେ ଚଳିତ ବର୍ଷ ମୋଟ ବିଭିନ୍ନ କ୍ଷେତ୍ରରେ ଅନବଦ୍ୟ ଅବଦାନ ଓ କୃତିତ୍ୱ ପାଇଁ ୧୩୯ ଜଣ ପ୍ରତିଭାଙ୍କୁ ମନୋନୀତ କରାଯାଇଛି। ସେମାନଙ୍କ ମଧ୍ୟରୁ ୭ ଜଣଙ୍କୁ ପଦ୍ମ ବିଭୂଷଣ, ୧୯ ଜଣଙ୍କୁ ପଦ୍ମ ଭୂଷଣ ଓ ୧୧୩ ଜଣଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିବା ସକାଶେ ଘୋଷଣା ହୋଇଛି। ଏମାନଙ୍କ ମଧ୍ୟରେ ୨୩ ଜଣ ମହିଳା ଥିବା ବେଳେ ୧୦ ଜଣ ବିଦେଶୀ/ପ୍ରବାସୀ ଭାରତୀୟ/ଭାରତୀୟ ବଂଶୋଦ୍ଭବ ରହିଛନ୍ତି। ଏହାଛଡ଼ା ୧୩ ଜଣଙ୍କୁ ମରଣୋତ୍ତର ଭାବେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। ପଦ୍ମ ବିଭୂଷଣ ଉପାଧି ପାଇଁ ମନୋନୀତ ହୋଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ତେଲେଙ୍ଗାନାର ଡା. ଦୁବୁର୍ ନାଗେଶ୍ୱର ରେଡ୍ଡୀ (ଭେଷଜ), ଚଣ୍ଡିଗଡ଼ର ସେବାନିବୃତ୍ତ ଜଷ୍ଟିସ୍ ଜଗଦୀଶ ସିଂହ କେହାର (ପବ୍ଲିକ୍ ଆଫେୟାର୍ସ), ଗୁଜରାଟର କୁମୁଦିନୀ ରଜନୀକାନ୍ତ ଲାଖିଆ (କଳା), କର୍ଣ୍ଣାଟକର ଲକ୍ଷ୍ମୀନାରାୟଣ ସୁବ୍ରମନିଅମ୍ (କଳା), କେରଳର ଏମଟି ବାସୁଦେବନ୍ ➪ପୃଷ୍ଠା-୬

**୭ ଜଣଙ୍କୁ ପଦ୍ମ ବିଭୂଷଣ**
**୧୯ ଜଣଙ୍କୁ ପଦ୍ମ ଭୂଷଣ**
**୧୧୩ ଜଣଙ୍କୁ ପଦ୍ମଶ୍ରୀ**

### ସୁନେଲି ପ୍ରତିଭାଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ



ଓଡ଼ିଶାର ଅନେକ ସୁନେଲି ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ମାନଜନକ 'ପଦ୍ମ ପୁରସ୍କାର' ପାଇଁ ଚୟନ କରି ମୋଦି ସରକାର ଜାତୀୟ ସ୍ତରରେ ସେମାନଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ପ୍ରଦାନ କରିଛନ୍ତି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ➪ପୃଷ୍ଠା-୬

### ୪ ଓଡ଼ିଆ ପାଇବେ ପଦ୍ମଶ୍ରୀ
#### ଶୁଭେଚ୍ଛା ଦେଲେ ମୋହନ

ଆଜି କେନ୍ଦ୍ର ସରକାର ପଦ୍ମ ପୁରସ୍କାର ଘୋଷଣା କରିଥିବା ବେଳେ ଏଥିରେ ୪ ଜଣ ଓଡ଼ିଆଙ୍କ ନାମ ମଧ୍ୟ ରହିଛନ୍ତି। ସେମାନେ ହେଲେ ଭେଷଜ କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରତିପାଦିତ କରିଥିବା ଡା ଅଶୋକ ମହାପାତ୍ର, କଳା ପାଇଁ ଅଦ୍ୱୈତ ଚରଣ ଗଡ଼ନାୟକ, ସାହିତ୍ୟ ପାଇଁ ବିଶିଷ୍ଟ ➪ପୃଷ୍ଠା-୬

## ମୟୂରଭଞ୍ଜ ବିଜେଡିରେ ଫାଟ
# ବିଜେପି ଫେରିଲେ ଅଭିନ୍ନ



ମୟୂରଭଞ୍ଜ, ୨୫।୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବିଜେଡି ଫାଟୁଛି। ଦଳର ଜିଲ୍ଲା ସଂପାଦକ ଥିବା ଅଭିନ୍ନ ସୁନ୍ଦର ପାତ୍ର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦଳୀୟ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପଠାଇଛନ୍ତି ନିଜର ଇସ୍ତଫାପତ୍ର। ମୂରବୀଶୂନ୍ୟ ଦଳରେ ଥିବା ଗୋଷ୍ଠୀ କନ୍ଦଳ ଏବଂ ନିଜ ନିଜ ସ୍ୱାର୍ଥରେ ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତା ଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ସେହିପରି ନିର୍ବାଚନବେଳେ ଟିକେଟ ବଣ୍ଟନରେ ପକ୍ଷପାତକୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ଦଳ ସଂପୂର୍ଣ୍ଣ ହାରିଯାଇଥିଲା ବୋଲି ଅଭିନ୍ନ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ୨୦୧୯ରେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଏବେ ମୟୂରଭଞ୍ଜ ସେଣ୍ଟ୍ରାଲ କୋଅପରେଟିଭର ନିର୍ଦ୍ଦେଶକ ମଧ୍ୟ ଅଛନ୍ତି ଅଭିନ୍ନ। ତେବେ ଅଭିନ୍ନଙ୍କ ଆଗକୁ କି ରଣନୀତି ରହିବ, ତାହା ସ୍ପଷ୍ଟ ହୋଇନାହିଁ। ସେପଟେ ଅଭିନ୍ନଙ୍କ ଅଭିଯୋଗ ନେଇ ବିଜେଡି ପକ୍ଷରୁ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।





୭୬ତମ ସାଧାରଣତନ୍ତ୍ର ଦିବସ ପାଇଁ ଆଲୋକମାଳାରେ ଝଲସୁଛି ଓଡ଼ିଶା ବିଧାନ ସୌଧ

# ନାରୀ ଶକ୍ତିର ବିକାଶ ଗଣତନ୍ତ୍ରର ମୂଳ ଆଧାର



ନୂଆଦିଲ୍ଲୀ,୨୫।୧: ଦେଶର ସମ୍ବିଧାନ ସଭାର ଗଠନ ମଧ୍ୟ ଆମର ଗଣତାନ୍ତ୍ରିକ ମୂଲ୍ୟବୋଧର ସାକ୍ଷୀ ଥିଲା। ଏଥିରେ ଦେଶର ସବୁ ପ୍ରାନ୍ତ ଓ ସମସ୍ତ ସମ୍ପ୍ରଦାୟର ପ୍ରତିନିଧି ଥିଲେ। ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କୃପାଲାନି, ହଂସାବେନ ମେହେଟ୍ଟା ଓ ମାଳତୀ ଚୌଧୁରୀଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଏଥିରେ ୧୫ ଜଣ ମହିଳା ସଦସ୍ୟ ଥିଲେ। ଯେତେବେଳେ ବିଶ୍ୱର ଅନେକ ସ୍ଥାନରେ ନାରୀ ସମାନତା କେବଳ ଏକ ସୁଦୂର ଆଦର୍ଶ ଥିଲା, ସେତେବେଳେ ଭାରତରେ ମହିଳାମାନେ ଦେଶର ଭାଗ୍ୟ ଗଢ଼ିବାରେ ସକ୍ରିୟ ଭାବରେ ଯୋଗଦାନ କରିଥିଲେ, ଯାହା ନାରୀ ଶକ୍ତିର ବିକାଶରେ ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ସାଧାରଣତନ୍ତ୍ର ଦିବସ ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସାଧାରଣତନ୍ତ୍ର ଦିବସ ପାଳନ ସମସ୍ତ ଦେଶବାସୀଙ୍କ ପାଇଁ ସାମୂହିକ ଉଲ୍ଲାସ ଓ ଗୌରବର ବିଷୟ। ଏହା କୁହାଯାଇପାରେ ଯେ ଗୋଟିଏ ଦେଶର ଇତିହାସରେ ୭୫ ବର୍ଷର ସମୟ ଆଖିର ପଲକ ପକାଇବା ଭଳି ସ୍ୱଳ୍ପ କ୍ଷଣ ହୋଇପାରେ। କିନ୍ତୁ ଭାରତ ପାଇଁ ଗତ ୭୫ ବର୍ଷର ପରିପ୍ରେକ୍ଷୀରେ ଏହା ଆଦୌ କୁହାଯାଇପାରିବ ନାହିଁ। ଏହା ହେଉଛି ସେହି ସମୟ ଯେତେବେଳେ ଭାରତର ଦୀର୍ଘ ଦିନର ସୁପ୍ତ ଆତ୍ମା ପୁଣି ଜାଗ୍ରତ ହୋଇଛି ଏବଂ ଆମ ଦେଶ ବିଶ୍ୱରେ ନିଜର ଉଚିତ ସ୍ଥାନ ଦଖଲ କରିବାକୁ ଆଗେଇ ଆସିଛି ବୋଲି ସେ କହିଛନ୍ତି। ଆମ ଦେଶ ଭାଗ୍ୟବାନ ଥିଲା ଯେ ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର ଏବଂ ବାବାସାହେବ ଆମ୍ବେଦକରଙ୍କ ଭଳି ମହାନ ବ୍ୟକ୍ତିତ୍ୱ ଆମ ଦେଶର ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପୁନର୍ଜୀବିତ କରିଥିଲେ। ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭାଇଚାରା କେବଳ ତାତ୍ତ୍ୱିକ ଧାରଣା ନୁହେଁ ଯାହା ସହ ଆମେ ଆଧୁନିକ ➪ପୃଷ୍ଠା-୬

- ଦେଶର ଭାଗ୍ୟ ଗଢ଼ିବାରେ ମହିଳାଙ୍କ ଥିଲା ସକ୍ରିୟ ଯୋଗଦାନ
- ନ୍ୟାୟ, ସମାନତା ଓ ଭାଇଚାରା ଆମ ସଭ୍ୟତାର ଅଂଶ
- ଭାରତୀୟ ଅର୍ଥ ବ୍ୟବସ୍ଥା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଛି
- ବିଶ୍ୱର ସର୍ବୋତ୍ତମ ଡିଜିଟାଲ ଭିତ୍ତିଭୂମି ସୃଷ୍ଟି କରିଛି ଭାରତ

## ଖରା ସହ ଆକ୍ତାମାକ୍ତା କରିବ କୁହୁଡି

**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାରେ ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ପାଇଁ ୧୫ଟି ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସୁନ୍ଦରଗଡ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ୨୭ ତାରିଖରେ ବି ଘନ କୁହୁଡି ନେଇ ସୁନ୍ଦରଗଡ, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, କଳାହାଣ୍ଡି ଏବଂ କନ୍ଧମାଳ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ୫୦ ମିଟରରୁ କମ୍ ରହିବ ଭିଜିବିଲିଟି। କିଛି ଅଞ୍ଚଳରେ ଜିରୋ ଭିଜିବିଲିଟି ହେବାର ସମ୍ଭାବନା ରହିଛି। ଘନ କୁହୁଡି ସମୟରେ ସଂପୃକ୍ତ ଜିଲ୍ଲାର ଘାଟି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଗାଡି ଚଳାଚଳ ବନ୍ଦ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଘନ କୁହୁଡି ସହ ଦିନ ଏବଂ ରାତିର ତାପମାତ୍ରା ବୃଦ୍ଧି ହେବ। ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିବା ନେଇ ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର। ବିଶେଷ କରି ଉପକୂଳ ଓଡ଼ିଶା ସମେତ ପଶ୍ଚିମ ଓଡ଼ିଶାର ଜିଲ୍ଲା ଗୁଡିକରେ ଦିନର ତାପମାତ୍ରା ୩୫ ଡିଗ୍ରୀ ଛୁଇଁପାରେ।



## ପଦ୍ମ ବିଜେତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୫।୧ (ସଂଚାର ବ୍ୟୁରୋ): ସାଧାରଣତନ୍ତ୍ର ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର କିଛି ସୁନାମଧନ୍ୟ ପଦ୍ମ ପୁରସ୍କାର ବିଜେତାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଚତୁର୍ଭୁଜ ମେହେର, ପ୍ରମୋଦ ଭଗତ ଓ ସୁଦର୍ଶନ ସାହୁଙ୍କୁ ଭେଟିଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟ ପ୍ରତି ସେମାନଙ୍କ ଯୋଗଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ସବୁ ପଦ୍ମ ପୁରସ୍କାର ବିଜେତାଙ୍କୁ ମାସିକ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରୁଥିବାରୁ ଏଥିପାଇଁ ସେମାନେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ସେମାନଙ୍କ ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ସୁରକ୍ଷା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ। ସେମାନଙ୍କ ପରାମର୍ଶକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ଆଗାମୀ ଦିନରେ ରାଜ୍ୟର ➪ପୃଷ୍ଠା-୬

## ମିଶନ୍ ଶକ୍ତି ପାଇଁ ନୂଆ ଗାଇଡ୍‌ଲାଇନ୍
# ତିନି ବର୍ଷରେ ବଦଳିବ ନେତୃତ୍ୱ

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ମିଶନ ଶକ୍ତି ପାଇଁ ନୂଆ ଗାଇଡଲାଇନ୍ ଜାରି କରିଛନ୍ତି ରାଜ୍ୟ ସରକାର। ବିଭାଗ ପକ୍ଷରୁ ଆଜି ଏନେଇ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଜାରି ହୋଇଛି। ମିଶନ ଶକ୍ତି ଅଧିନରେ ଥିବା ସମସ୍ତ ପ୍ରଶାସନିକ ସଂଗଠନ, କାର୍ଯ୍ୟକାରୀ କମିଟି ଓ ସବ-କମିଟିର ପର୍ଯ୍ୟାୟ କ୍ରମେ ପୁନର୍ଗଠନ ହେବ ବୋଲି ଉକ୍ତ ଚିଠିରେ ଦର୍ଶାଯାଇଛି। ଜିଲ୍ଲା ସ୍ତରରେ ଥିବା ଡିଏଲଏଫର ପୁନର୍ଗଠନ ପାଇଁ ଜିଲ୍ଲାପାଳଙ୍କୁ ମିଶନ ଶକ୍ତି ବିଭାଗ କମିଶନର ତଥା ସଚିବ ଶାଳିନୀ ପଣ୍ଡିତ ଚିଠି କରିଛନ୍ତି। ସେହିପରି ପ୍ରତ୍ୟେକ ପ୍ରଶାସନିକ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ। ପ୍ରତି ତିନି ବର୍ଷରେ ଥରେ ନେତୃତ୍ୱ ପରିବର୍ତ୍ତନ ହେବ। ପ୍ରଶାସନ ସହ ସଂଯୋଗ କରିବା ଲକ୍ଷ୍ୟ ନେଇ ମିଶନ ଶକ୍ତିରେ ସାଙ୍ଗଠନିକ ପରିବର୍ତ୍ତନ କରାଯିବା ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଅବଶ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତରବରିଆ ପଦକ୍ଷେପ ବୋଲି କହି ବିରୋଧୀମାନେ ଆପତ୍ତି ଉଠାଇଛନ୍ତି। କିନ୍ତୁ ସମସ୍ତଙ୍କୁ ସୁଯୋଗ ମିଳିବା ଦରକାର ବୋଲି ମତ ଦେଇଛି ଶାସକ ବିଜେପି। ସରକାରଙ୍କ ଗାଇଡଲାଇନ୍ ଆସିବା ପରେ ବ୍ୟାନର, ପୋଷ୍ଟର ଓ ପତାକା ଧରି ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ମିଶନ ଶକ୍ତି ମହିଳା। ମିଶନ ଶକ୍ତି ପୁର୍ନଗଠନ ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ମୟୂରଭଞ୍ଜ ମିଶନ ଶକ୍ତି ଏକଜିକ୍ୟୁଟିଭ କମିଟିର ଶହ ଶହ ସଦସ୍ୟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଧସେଇ ପଶିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

## ଆଜିର ସାଧାରଣତନ୍ତ୍ର ଦିବସ ସମାରୋହରେ ଇଣ୍ଡୋନେସିଆ ରାଷ୍ଟ୍ରପତି ମୁଖ୍ୟ ଅତିଥି
# ୨୦୨୫ ହେବ ଭାରତ-ଏସିଆନ ପର୍ଯ୍ୟଟନ ବର୍ଷ




ନୂଆଦିଲ୍ଲୀ,୨୫।୧: ଆସନ୍ତାକାଲି ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ୭୬ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ ସିବୁଆଣ୍ଟୋ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏଥିସକାଶେ ଆଜି ଅପରାହ୍ଣରେ ରାଷ୍ଟ୍ରପତି ଏଠାରେ ପହଞ୍ଚିଛନ୍ତି। ରାଷ୍ଟ୍ରପତି ଭବନଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଏକ ନୂତନ ସ୍ତରରେ ପହଞ୍ଚାଇବା ସକାଶେ ଚଳିତ ବର୍ଷକୁ ଭାରତ-ଏସିଆନ୍ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯିବ, ଯାହା ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସାଂସ୍କୃତିକ ଆଦାନ ପ୍ରଦାନ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ ୨୦୧୮ରେ ତାଙ୍କ ଇଣ୍ଡୋନେସିଆ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ଏକ ବ୍ୟାପକ ରଣନୈତିକ ଭାଗିଦାରୀ ବେଶ୍ ଆଗକୁ ଯାଇଥିଲା। ରାଷ୍ଟ୍ରପତିଙ୍କ ସଦ୍ୟ ଗସ୍ତ ଅବସରରେ ପାରସ୍ପରିକ ସହଯୋଗର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋଚନା ହୋଇଛି। ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରତିରକ୍ଷା ଉତ୍ପାଦନ ଓ ଯୋଗାଣ ଶୃଙ୍ଖଳା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଛି। ସାମୁଦ୍ରିକ ନିରାପତ୍ତା, ସାଇବର ସୁରକ୍ଷା ଏବଂ ଆତଙ୍କବାଦ ମୁକାବିଲା କ୍ଷେତ୍ରରେ ସହଯୋଗ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହା ଅପରାଧ ନିବାରଣ, ସନ୍ଧାନ ଏବଂ ଉଦ୍ଧାର ତଥା ଦକ୍ଷତା ବିକାଶ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବ। ଗତ କିଛି ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇ ୩୦ ➪ପୃଷ୍ଠା-୬

## ରକ୍ତରଞ୍ଜିତ ହେଲା ରକ୍ତ ସମ୍ପର୍କ
# ଦାଦା-ଖୁଡ଼ୀଙ୍କୁ ହାଣିଲା ପୁତୁରା

**ଗୋଲାମୁଣ୍ଡା,୨୫।୧(ସଂଚାର ବ୍ୟୁରୋ):** କଥାରେ ଅଛି ରକ୍ତସମ୍ପର୍କ ସବୁଠାରୁ ମଜଭୁତ। କାରଣ ରକ୍ତ ସମ୍ପର୍କ ଭିତରେ ଯେତେ ବି ଶତ୍ରୁତା ଥାଉ ନା କାହିଁକି, ବିପଦ ବେଳେ ନିଶ୍ଚିତ ଭାବେ ସେଇ ରକ୍ତସମ୍ପର୍କ ହିଁ ଶତ୍ରୁ ସମ୍ମୁଖରେ ସାଞ୍ଜୁ ହୋଇ ଛିଡ଼ାହେବ। କିନ୍ତୁ କଳାହାଣ୍ଡିରେ ଆଜି ଘଟିଥିବା ଏକ ବୀଭତ୍ସ ହତ୍ୟାକାଣ୍ଡ ଏପରି ଧାରଣାକୁ ଭୁଲ୍ ପ୍ରମାଣିତ କରିଦେବ। କାରଣ ଜଣେ ଯୁବକ ପାରିବାରିକ କଳହକୁ କେନ୍ଦ୍ର କରି ନିଜ ଦାଦା-ଖୁଡ଼ୀଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରିଛି। ନିଜର ହିତାହିତ ଜ୍ଞାନ ଭୁଲ୍ ରକ୍ତସମ୍ପର୍କକୁ ରକ୍ତରଞ୍ଜିତ କରିଛି ଏହି ହତ୍ୟାକାରୀ ପୁତୁରା। ଦାଦା ଓ ଖୁଡ଼ୀଙ୍କ ରକ୍ତରେ ହୋଲି ଖେଳିଛି ଏହି ହୃଦୟହୀନ ପୁତୁରା। ଆଜି ପୂର୍ବାହ୍ନରେ ଏପରି ହୃଦୟ ବିଦାରକ ଘଟଣା କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା କାର୍ଲି ଗାଁରେ ଘଟିଛି।

ମିଳିଥିବା ସୂଚନାନୁସାରେ, ଗୋଲାମୁଣ୍ଡା ଥାନା ଅନ୍ତର୍ଗତ କାର୍ଲି ଗାଁର ବୁଡ୍ଡୁ ବାଗଙ୍କ ପୁତୁରା (ବଡ଼ ଭାଇଙ୍କ ପୁଅ) ବସନ୍ତ ବିବାହିତ ଓ ତା'ର ୩ଟି ପିଲା ଅଛନ୍ତି। ବୁଡ୍ଡୁ ବାଗ ଓ ବସନ୍ତ ଅଲଗା ଅଲଗା ରହନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ଉଭୟଙ୍କ ସମ୍ପର୍କରେ ଯଥେଷ୍ଟ ତିକ୍ତତା ରହିଥିଲା। ଦାଦା ବୁଡ୍ଡୁ ବାଗ ଓ ଖୁଡ଼ୀ ସଜନା ବାଗ ବର୍ଷେରୁ ଅଧିକ ସମୟ ଧରି ବସନ୍ତକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇଆସୁଥିବା ଏକାଧିକ ବାର ଅଭିଯୋଗ ହୋଇଛି। ଏପରି ନିର୍ଯାତନା ଘଟଣାରେ ବସନ୍ତ ନିଜ ସମାଜର ଲୋକ ଓ ଥାନାରେ ଅଭିଯୋଗ ମଧ୍ୟ କରିଥିଲ। କିନ୍ତୁ ତାକୁ କେହି ବି ନ୍ୟାୟ ଦେବା ଉପରେ ➪ପୃଷ୍ଠା-୬



## କାନ ଡେରିଥା

ସ୍ନେହ ଜ୍ଞାନ ଦିଏ, ନମ୍ର ମାନ ଦିଏ
ଯୋଗ୍ୟତା ଯେ ଦିଶୁ ଥାଏ
ଏହି ତିନି ଗୁଣ ଯା ପାଖରେ ନାହିଁ
ଅମଣିଷ ଗଣା ହୁଏ
ଆଦର ଜମା ନଥାଏ...
ଉଚ୍ଚତ୍ତମ ସ୍ଥାନ ପାଇବାକୁ ହେଲେ
ଚରିତ୍ର ସୁଧରା ଯାଏ।

■ ଦେବାଶିଷ

# ବିଜେଡିରେ ବଢୁଛି ଅମାନିଆଙ୍କ ସଂଖ୍ୟା

- **ମଉକା ଦେଖି ରାଗ ସୁଝାଉଛନ୍ତି**
- **ମଜା ଦେଖୁଛନ୍ତି ଅସନ୍ତୁଷ୍ଟ**

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ବିଜେଡି ଦଳରେ ଧିରେ ଧିରେ ଅମାନିଆଙ୍କ ସଂଖ୍ୟା ବଢୁଛି। ଦଳୀୟ କାର୍ଯ୍ୟାଳୟ ଭିତରେ ହେଉ କିମ୍ବା ବାହାରେ, ଏମାନେ ଖାଲି ମନଇଚ୍ଛା ବିବୃତ୍ତି ଦେଉନାହାନ୍ତି, ହାତାହାତି ବି ହେଉଛନ୍ତି। ଅମାନିଅମାନେ ମଉକା ଦେଖି ସନ୍ୟାସୀ ଓ ତାଙ୍କ ଟିମ୍ ଉପରେ ରାଗ ଶୁଝାଉଥିବାବେଳେ ଅସନ୍ତୁଷ୍ଟମାନେ ଚୁପ୍‌ଚାପ୍ ମଜା ଦେଖୁଛନ୍ତି। ଗତ କିଛିଦିନ ହେଲା ବିଜେଡି ରାଜନୀତିରେ ଅମାନିଆମାନେ ମନଇଚ୍ଛା ମତ ଦେବା ସହିତ ଦଳକୁ ଏକପ୍ରକାର ଅକଳରେ ପକାଇବାରେ ଲାଗିଛନ୍ତି। ବିଶେଷକରି ଏମାନେ ମଉକା ଦେଖି ସନ୍ୟାସୀ ଓ ତାଙ୍କ ଟିମ୍ ଉପରେ ରାଗ ଶୁଝାଉଛନ୍ତି। ଏହି ଅମାନିଆଙ୍କ ତାଲିକାରେ ସଦ୍ୟ ଯୋଡ଼ିହୋଇ ଯାଇଛନ୍ତି ଭୁବନେଶ୍ୱରରୁ ବିଜେଡି ସାଂସଦ ପ୍ରାର୍ଥୀ ହୋଇଥିବା ମନ୍ମଥ ରାଉତରାୟ। ସନ୍ୟାସୀଙ୍କ ଦୟାରୁ ଦଳରେ ଯୋଗଦେବାର ଘଣ୍ଟାଏ ଭିତରେ ଟିକଟ ହାତେଇଥିବା ଶ୍ରୀ ରାଉତରାୟ ସିଧାସଳଖ ନବୀନ ନିବାସର ଗୁମର ଖୋଲିଛନ୍ତି। ସନ୍ୟାସୀ ସେଠାରେ ଏବେ ବି ନବୀନଙ୍କ ଭଲମନ୍ଦ ବୁଝୁଥିବା କହିଛନ୍ତି। ଏହି କେଇପଦ କଥା ଗଣମାଧ୍ୟମରେ ନିଆଁଭଳି ବ୍ୟାପିଛି। ସନ୍ୟାସୀଙ୍କ ଲୁଚାଛପା ଯା'ଆସର କଥାକୁ ପଦାରେ ପକାଇଛନ୍ତି ଶ୍ରୀ ରାଉତରାୟ। ପୂର୍ବରୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଓ ବିଧାୟକ ସୌଭିକ ବିଶ୍ୱାଳ ବୁଲେଇ ବଙ୍କେଇ ନବୀନ ନିବାସ ଓ ସନ୍ୟାସୀଙ୍କ କଥାକୁ ଆଗକୁ ଆଣିବା ସହିତ ଦଳର ବିପର୍ଯ୍ୟୟ ପାଇଁ ସେମାନଙ୍କୁ ଦାୟୀ କରିଥିଲେ। ସେହିଭଳି ପ୍ରସନ୍ନ ଆଚାର୍ଯ୍ୟ, ବଦ୍ରି ନାରାୟଣ ପାତ୍ର, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମଧ୍ୟ ବିଜେଡିର ପରାଜୟ ନେଇ ଅମାନିଆ ବିବୃତ୍ତି ଦେଇଥିବାବେଳେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ ସାହୁ ବି ବିଜେଡିର ପରାଜୟର ଗୁମର ଖୋଲି ଏହା ଅହଙ୍କାରର ପରାଭବ ବୋଲି କହିଛନ୍ତି। ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଆଉ ଦୁଇପାଦ ଆଗକୁ ଯାଇ ଖୋଲା ସଭାରେ ବିଜେପି ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଅନ୍ୟ ପକ୍ଷରେ ଦଳର ମହିଳା ସଦସ୍ୟମାନେ ଶଙ୍ଖ ଭବନ ଭିତରେ ପିଟାପିଟି ହେବାର ଦୃଶ୍ୟ ବି ଦେଖିବାକୁ ମିଳିଛି। ଦଳ ହାରିବା ପରେ ପ୍ରଥମ ଥର ପାଇଁ ମହିଳାମାନେ ଏଭଳି ଖଣ୍ଡଯୁଦ୍ଧ ପାଇଁ ସାହସ କରିଛନ୍ତି। ସେହିଭଳି ଶଙ୍ଖଭବନ ଭିତରେ ଦଳର ଜଣେ ଆଗଧାଡିର ନାରୀନେତ୍ରୀଙ୍କୁ ବି ନବାଗତମାନେ ଅପମାନିତ କରିବାକୁ ପଛାଇନଥିଲେ। ଏଥିସହିତ ରାଜଧାନୀର ଦୁଇ ବାହୁବଳୀ କର୍ପୋରେଟର ବି ଦଳୀୟ ନେତାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଦଳର ଦୁଇ ସାଂସଦ ସୁଜିତ କୁମାର ଓ ମମତା ମହନ୍ତ ଦଳୀୟ ନେତାଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇ ବିଜେପିକୁ ପଳାଇଛନ୍ତି। ଗୋଟିଏ ପଟେ ଅମାନିଆଙ୍କ ➪ପୃଷ୍ଠା-୬



## ଓସ୍କାର ଦୌଡ଼ରେ ପ୍ରିୟଙ୍କା ଚୋପ୍ରାଙ୍କ 'ଅନୁଜା'





ମୁମ୍ବାଇ,୨୫।୧: ମର୍ଯ୍ୟାଦାଜନକ ଓସ୍କାର-୨୦୨୫ ପୁରସ୍କାର ପାଇଁ ବଲିଉଡ୍ ଅଭିନେତ୍ରୀ ତଥା ମାତ୍ର ୧୮ ବର୍ଷ ବୟସରେ ବିଶ୍ୱସୁନ୍ଦରୀ ହେବାର ଗୌରବ ହାସଲ କରିଥିବା ପ୍ରିୟଙ୍କା ଚୋପ୍ରାଙ୍କ ପ୍ରଡକ୍ସନ୍ କମ୍ପାନୀ ପର୍ପଲ୍ ପେବ୍‌ଲ ପିକ୍ଚର୍ସ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର 'ଅନୁଜା' ଦୌଡ଼ରେ ସାମିଲ୍ ହୋଇଛି। ଶ୍ରେଷ୍ଠ ଲାଇଭ୍ ଆକ୍ସନ୍ ଶର୍ଟ ଫିଲ୍ମ ତାଲିକାରେ ନାମାଙ୍କିତ ହୋଇଥିବା ଏହି ଫିଲ୍ମଟି ଦୁଇ ଭଉଣୀଙ୍କ ପ୍ରେରଣାଦାୟୀ କାହାଣୀ ଉପରେ ଆଧାରିତ। ଖୁବ୍‌ଶୀଘ୍ର ଏହା ଓଟିଟି ପ୍ଲାଟ୍‌ଫର୍ମରେ ଆସିବ ବୋଲି ଜଣାପଡ଼ିଛି। ଏହି ପୁରସ୍କାର ପାଇବା ସକାଶେ ୧୮୦ଟି କ୍ଷୁଦ୍ର ଚଳଚ୍ଚିତ୍ର ଦୌଡ଼ରେ ସାମିଲ୍ ଥିବା ବେଳେ ସେମାନଙ୍କ ମଧ୍ୟରୁ 'ଅନୁଜା' କାଟ୍‌ଛାଣ୍ଟ ପରେ ଶୀର୍ଷ ୫ ଚଳଚ୍ଚିତ୍ରରେ ସାମିଲ୍ ହୋଇପାରିଛି।

ଏହି ଚଳଚ୍ଚିତ୍ରଟି ଅନନ୍ୟ କାହାଣୀ ସହ ଉତ୍କୃଷ୍ଟ ଅଭିନୟ ପାଇଁ ➪ପୃଷ୍ଠା-୬



# ମାଗଣା ସ୍ୱାସ୍ଥ୍ୟ ଶିବିରକୁ ଉଦ୍‌ଘାଟନ କଲେ ବିଧାୟକ

**ଗରଦପୁର, ୨୫।୧ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନମଣ୍ଡଳୀ ଅଧିନ ଗରଦପୁର ବ୍ଲକ୍ ତେଣ୍ଡାକୁଡା ପଞ୍ଚାୟତ ବସନ୍ତପୁର ଗ୍ରାମରେ ଥିବା ସିରିଡି ସାଇ ମନ୍ଦିର ପରିସରରେ ଶନିବାର ସିରିଡି ସାଇ ଚାରିଟେବୁଲ୍ ଟ୍ରଷ୍ଟ ଓ କେୟାର ହସ୍ପିଟାଲ,ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟ ସେବା ଶିବିରକୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ପ୍ରଥମେ ଫିତା କାଟି ଉଦଘାଟନ କରିବା ପରେ ରୋଗି ଦେଖିବା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ପ୍ରତିନିଧି କ୍ଷିତିଶ୍ ଦାଶ୍, ଗରଦପୁର ବ୍ଲକ୍ ଅଧକ୍ଷ ଅଭୟ ମହାରାଜ, ପୂର୍ବତନ ସରପଞ୍ଚ ରବିନ୍ଦ୍ର ମହାପାତ୍ର,ମିର୍ ଗୁଲାବ୍ ଜିଲାନି,ବିଜେଡି ନେତା ସ୍ୱରୁପ ରଞ୍ଜନ ମହାନ୍ତି, କମଳ ମହାନ୍ତି, ବାସୁଦେବ ବେହେରା,ସୁକାନ୍ତ ନାୟକ, ରାଜଦୀପ ମହାନ୍ତି, ଦେବୀ ପ୍ରଶାଦ ମହାନ୍ତି ପ୍ରମୁଖ ଯୋଗଦେଇ ଟ୍ରଷ୍ଟିର ଏତାଦୃଶ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟସେବା ଶିବରରେ କେୟାର ହସ୍ପିଟାଲ, ଭୁବନେଶ୍ୱରର ଅଭିଙ୍ଗ୍ୟ ଡାକ୍ତର ଡ. ସ୍ୱରୁପ ଦତ୍ତ,ଡ. ଜ୍ୟୋତିର୍ମୟ ସାହୁ, ଡ. ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇଥିବା ବେଳେ ଶହ ଶହ ସଂଖ୍ୟାରେ ପୁରୁଷ ମହିଳା ଓ ଶିଶୁ ଯୋଗଦେଇ ନିଜର ନିଃଶୁଳ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। ଶେଷରେ ଟ୍ରଷ୍ଟର ଟ୍ରଷ୍ଟି ରୁଦ୍ର ମହାନ୍ତି ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଭୂତକୋଠି ପାଲଟିଛି ଆମ ପାଠାଗାର

■ ଖୋଲୁନି କବାଟ ■ ଅନାବନା ଗଛ କବଳରେ ଗୃହ ■ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

**ମହାକାଳପଡ଼ା, ୨୫।୧ (ସଂଚାର ବ୍ୟୁରୋ):** ୨୦୨୧ ମସିହାରୁ ଉଦଘାଟିତ ହୋଇଥିବା ଆମ ପାଠାଗାରରୁ ତାଲା ଖୋଲୁନି। ଯେଉଁ ଲକ୍ଷ ଓ ଉଦ୍ଦେଶ୍ୟ ନେଇ ଗ୍ରାମରେ ପାଠାଗାରର ନିର୍ମାଣ କରାଯାଇଥିଲା ତାହା ଏବେ ବିପର୍ଯ୍ୟସ୍ତ ହୋଇପଡିଛି। ସେହି ସମୟରେ ଖୋଦ୍ ସରପଞ୍ଚ ନିଜ ଗାଁରେ ଏହି ପାଠାଗାର ନିର୍ମାଣ କରାଇଥିଲେ। ହେଲେ ଉଦଘାଟନ ପରେ ସେହି ପାଠାଗାରରୁ କବାଟ ଖୋଲିବା ଦେଖିବାକୁ ମିଳିନି। କାହିଁକି ଓ କ'ଣ ପାଇଁ ପାଠାଗାରରେ ତାଲା ଝୁଲୁଛି ତାକୁ ନେଇ ଏବେ ସନ୍ଦେହ ବଢ଼ିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଞ୍ଚଳର କିଛି ସଚେତନ ନାଗରିକ।

ମହାକାଳପଡ଼ା ବଳିପାଳ ଗ୍ରାମ ପଞ୍ଚାୟତର ମୂଳବସନ୍ତ ଗ୍ରାମରେ ଏହି ପାଠାଗାର ୨୦୨୦ ମସିହାରେ ହୋଇଥିବା ବେଳେ ୧୭ ଜାନୁଆରୀ ୨୦୨୧ରେ ଏହାର ଉଦଘାଟନ କରାଯାଇଥିଲା। ତତ୍କାଳୀନ ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବିଡ଼ିଓ ଦେବାଶିଷ ରାଉତ ଓ ସରପଞ୍ଚ ପଞ୍ଚାନନ ସ୍ୱାଇଁ ଏହି ପାଠାଗାରକୁ ଉଦଘାଟିତ କରିଥିଲେ। ଉଦଘାଟନକୁ ୪ ବର୍ଷ ବିତି ଯାଇଛି ହେଲେ ନା ପାଠାଗାରରୁ ତାଲା ଖୋଲୁଛି ନା କେବେ କେହି




ତାହାର ସୁବିଧା ପାଉଛନ୍ତି। ଯେଉଁ ସରପଞ୍ଚ ଏହାକୁ ଆରମ୍ଭ କରିଥିଲେ ସିଏ ଏବେ ପୂର୍ବତନ ସରପଞ୍ଚ ହୋଇସାରିଛନ୍ତି। ହେଲେ ଖୋଦ୍ ନିଜ ଗାଁର ଏ ଘଟଣାରେ ଦୃଷ୍ଟି ଦେଉନାହାନ୍ତି। ପାଠାଗାର ଏବେ ଭୂତକୋଠି ରେ ପରିଣତ ହୋଉଛି। ଗୋଟିଏ ସରପଞ୍ଚ ଯାଇ ଆଉ ବର୍ଷେ ପରେ ବର୍ତ୍ତମାନର ସରପଞ୍ଚ ବିଦାୟ ନେବେ ହେଲେ ଏ ପାଠାଗାର ଖୋଲିବା ପାଇଁ କେହି ଯେମିତି ଦୃଷ୍ଟି ଦେଉନାହାନ୍ତି।

ପାଠାଗାର ଖୋଲିଲେ ପଞ୍ଚାୟତର ଯୁବଗୋଷ୍ଠୀ, ସାଧାରଣ ଲୋକ ଓ ଛାତ୍ରଛାତ୍ରୀମାନେ ବ୍ୟବହାର କରିପାରନ୍ତେ। ହେଲେ ଏଥିପାଇଁ କାହିଁକି ଦୃଷ୍ଟି ଦିଆଯାଉନି ବୋଲି ପ୍ରଶ୍ନ କରିଛନ୍ତି ସଚେତନ ନାଗରିକ। ଖବର ପ୍ରସାରଣ ପରେ ସରପଞ୍ଚ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାକୁ କାର୍ଯ୍ୟକ୍ଷମ କରି ଏହାର ସୁପରିଚାଳନା ଦିଗରେ ପ୍ରୟାସ କରିବେ କି ଚୁପ୍ ରହିବେ ତାହା ଦେଖିବାକୁ ବାକି।




# ୧୫ତମ ଜାତୀୟ ମତଦାତା ଦିବସ ପାଳିତ

**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** ୧୫ତମ ଜାତୀୟ ମତଦାତା ଦିବସ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳେ ଜିଲ୍ଲା କାର୍ଯ୍ୟାଳୟ ପରିସରରୁ ଏହି ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ପୌରସଂସ୍ଥା ଟାଉନ ହଲ ଠାରେ ଏକତ୍ରିତ ହୋଇଥିଲେ । ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ଟାଉନ ହଲ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅଧ୍ୟକ୍ଷତା କରିଥିଲେ । ମତଦାନ ଏକ ଜାତୀୟ କର୍ତ୍ତବ୍ୟ । ପ୍ରତ୍ୟେକ ମତଦାତା ହାସଲ କରିଥିବା ଏହି ସାମ୍ବିଧାନିକ ଅଧିକାର କୁ ସୁଚାରୁ ରୂପେ ପାଳନ କରିବା ସହ ଦେଶ ଗଠନରେ ତାଙ୍କର ସୁଚିନ୍ତିତ ନିର୍ଣ୍ଣୟ ଏକ ସଫଳ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ ବୋଲି ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଏନେଇ ପୂର୍ବରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇ ଥିଲା ।

# ଶଶାଙ୍କ ଶେଖରଙ୍କ ଉପରେ ଜିଲ୍ଲା ବିଜେପି ସଭାପତି ଭାର

**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ) :** କେନ୍ଦ୍ରାପଡା ବିଜେପି ତାର ସଂଗଠନ ପରିବର୍ତ୍ତନ କରିଛି । ପୂର୍ବରୁ ବିଭିନ୍ନ ପଦ ପଦବୀରେ ଥିବା ଦଳୀୟ ପଦାଧିକାରୀଙ୍କୁ ବଦଳାଇ ନୂତନ ଭାବେ ଦାୟିତ୍ୱ ପ୍ରଦାନ କରିଛି । କିଛିଦିନ ପୂର୍ବରୁ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତ୍ତା ବଦଳି ଥିବା ବେଳେ ଶନିବାର ଜିଲ୍ଲା ସଭାପତି ମଧ୍ୟ ପରିବର୍ତ୍ତନ ହୋଇଛନ୍ତି। ପୂର୍ବରୁ ସଂଚାର କରିଥିବା ପୂର୍ବାନୁମାନ ଏବଂ ପ୍ରଥମରେ ସ୍ଥାନ ପାଇଥିବା ପାର୍ଥୀ ନିର୍ବାଚିତ ହେବା ପରେ ତାହା ସତରେ ପରିଣତ ହୋଇଛି ।

ଭାରତୀୟ ଜନତା ପାର୍ଟି କେନ୍ଦ୍ରାପଡା ଜିଲ୍ଲା ତାର ନୂତନ ଜିଲ୍ଲା ସଭାପତିଙ୍କୁ ନିର୍ବାଚିତ କରିଛି । ନିର୍ବାଚନ ପ୍ରକ୍ରିୟାର ଅନ୍ତିମ ଚରଣରେ ଅନୁଷ୍ଠିତ ଏକ ସାଙ୍ଗଠନିକ ସମାବେଶରେ ପୂର୍ବତନ ଜିଲ୍ଲା ସାଧାରଣ ସଂପାଦକ ଯୁବନେତା ଶଶାଙ୍କ ଶେଖର ସେଠୀଙ୍କୁ ଜିଲ୍ଲା ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଆଳିର ଚଣ୍ଡିଆଗଡିରେ ଜନ୍ମିତ ଶଶାଙ୍କ ୧୯୯୩ ମସିହାରେ ଆଳି ମହାବିଦ୍ୟାଳୟରେ ପାଠପଢୁଥିବା ବେଳେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଂସ୍ପର୍ଶରେ ଆସି ଏହାର କାର୍ଯ୍ୟକର୍ତ୍ତା ହେବା ସହ ଜିଲ୍ଲା ଓ ରଜ୍ୟ ସ୍ତରର ବିଭିନ୍ନ ସାଂଗଠନିକା ଦାୟିତ୍ୱ ରହି ରାଜ୍ୟ ସଂପାଦକ ହୋଇ ପାରିଥିଲେ । ପରେ ୨୦୧୬ ମସିହାରେ ବିଜେପିରେ



ଯୋଗ ଦେଇ ରାଜନୈତିକ କାର୍ଯ୍ୟକ୍ରମରେ ସକ୍ରୀୟ ଅଂଶ ଗ୍ରହଣ କରି ଜିଲ୍ଲା ସଂପାଦକ ହେବା ସହ ସଂଗଠନର ବିଭିନ୍ନ ବିଭାଗରେ କାର୍ଯ୍ୟକରି ଦକ୍ଷତା ଦେଖାଇଛନ୍ତି । ତେବେ ୨୦୨୨ ମସିହା ଜିଲ୍ଲା ପରିଷଦ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ପତ୍ନୀ ରେଖା ସେଠୀଙ୍କ ନିର୍ବାଚନ ପରିଚାଳନା କରି ଅଭିଜ୍ଞତା ହାସଲ କରିଛନ୍ତି । ଶନିବାର ଜିଲ୍ଲା ସଂସ୍କୃତି ଭବନ ପରିସର ରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା ।

ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି ସାଙ୍ଗଠନିକ ସମାବେଶ ରେ ଭଦ୍ରକର ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସଂପାଦକ ଡ଼ଃ ଜତିନ ମହାନ୍ତି, ନିର୍ବାଚନ ଅଧିକାରୀ ବିନୋଦ ଦାସଙ୍କ ସମେତ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଜେନା, ସୁନାକର ବେହେରା, ଅଭିମନ୍ୟୁ ଗୋଛାୟତ, ଉମାକାନ୍ତ ପଟ୍ଟନାୟକ, ପୂର୍ବତନ ବିଧାୟକ ଡ଼ଃ ଅଲେଖ ଚନ୍ଦ୍ର ଜେନା, ଦୋଳ ଗୋବିନ୍ଦ ନାୟକ, ବିଧାୟକ ପ୍ରାର୍ଥୀ ଗୀତାଞ୍ଜଳୀ ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରା, ଡ଼ଃ କଳ୍ପନା ମଲିକ ଓ ଜିଲ୍ଲା ମହିଳା ସଭାନେତ୍ରୀ ଡ଼ଃ ଜ୍ୟୋସ୍ନାମୟୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ଅବସରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ସମେତ ଜିଲ୍ଲାର ୨୭ଟି ମଣ୍ଡଳର ସବାପତି ଓ ନିର୍ବାଚିତ କର୍ମକର୍ତ୍ତାମାନେ ତଥା ମହିଳା ଶାଖା ପକ୍ଷରୁ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ଶଶାଙ୍କ ସଭାପତି ହେବାପରେ ସଂଗଠନର ବିଭିନ୍ନ ବିଭାଗରେ ତାଙ୍କୁ ସ୍ୱାଗତ କରାଯିବା ସହ ଅଭିନନ୍ଦନ ଜ୍ଞାପନ କରାଯାଇ ଥିବା ଜଣାପଡିଛି ।

# ଦଳିତ ବ୍ୟକ୍ତିଙ୍କ ଘର ପୋଡ଼ିଦେଲେ ୫ ଦୁର୍ବୃତ୍ତ

**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** ଜଣେ ଦଳିତ ବ୍ୟକ୍ତିଙ୍କ ଘର କିଛି ଦୁର୍ବୃତ୍ତ ପୋଡିଦେଇଥିବା ଜାଣିବାକୁ ମିଳିଛି । ଏଭଳି ଅଭାବନୀୟ ଘଟଣା ନିକିରାଇ ଥାନା ଅଧୀନରେ ଘଟିଥିବା ଦେଖିବାକୁ ମିଳିଛି। ଶୁକ୍ରବାର କେନ୍ଦ୍ରାପଡା ବ୍ଲକ୍ ଅନ୍ତର୍ଗତ ବାରୋ ଗ୍ରାମର ଟ୍ରଲି ଚଳାଇ ବହୁ ଦୁଃଖ କଷ୍ଟରେ ପରିବାର

## ଥାନାରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ

ପ୍ରତି ପୋଷଣ କରୁଥିବା ଗରୀବ ଅସହାୟ ଦଳିତ ବ୍ୟକ୍ତି ବିକଳୀ ମଲ୍ଲିକଙ୍କ ବଡପୁଅ ଅଶୋକ ମଲ୍ଲିକର ଘର ଆଗରେ ଥିବା ଦୁଇ ବଖରା ଚାଳ ଘରକୁ ସେହି ଗ୍ରାମର ୯ ଜଣ ଅଭିଯୁକ୍ତ ଯଥା- ଅମି ମଲ୍ଲିକ, ଅମୂଲ୍ୟ ମଲ୍ଲିକ, ବାବାଜୀ ମଲ୍ଲିକ, ରାମ ମଲ୍ଲିକ, ବାଦାଲ ମଲ୍ଲିକ, ଭଗୀୟା ମଲ୍ଲିକ ଏବଂ ଗୋପୀନାଥ ମଲ୍ଲିକ ଚାରୁ ମଲ୍ଲିକ ପ୍ରଭୃତି ଅସାମାଜିକ ଏବଂ ଖଳ ପ୍ରକୃତିର ଲୋକ ପୂର୍ବ ଜମିବାଡି ବିବାଦୀୟ ଶତ୍ରୁତାକୁ କେନ୍ଦ୍ରକରି ୨୪ ତାରିଖ ସକାଳ ସମୟରେ ଉକ୍ତ ଦୁଇ ବଖରା ଘର ଉପରେ ଯୋର ଜବରଦସ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ନିଆଁରେ ଅଶୋକଙ୍କ ଘର



ପୋଡିଯିବା ସହ ଏକ ସାଇକେଲ ସହିତ ୨୦ ବସ୍ତାରୁ ଅଧିକ ଧାନ, ଘରେଥିବା ସମସ୍ତ ଆସବାବ ପତ୍ର ପଖାପାଖି ୫ଲକ୍ଷ ଟଙ୍କାରୁ ଅଧିକ ଧନ ସମ୍ପର୍ତ୍ତି ପୋଡି ପାଉଁଶ ହୋଇ ଯାଇଥିବା ନିକିରାଇ ଥାନାରେ ଅଭିଯୋଗ ହୋଇଥିବା ଥାନା ଅଧିକାରିଣୀ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି କହିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ଏକ କେସ୍ ମଧ୍ୟ ରୁଜୁ କରିବା ସଂଗେ ସଂଗେ ଘଟଣାସ୍ଥଳରେ ସଦଳବଳ ପହଞ୍ଚି ତଦନ୍ତ ଚଳାଇଥିବା ବିଶେଷ ସୂତ୍ରରୁ ଖବର ନେବାରୁ ଜଣାପଡିଛି ।

## ବିପଦ ସଙ୍କୁଳ ଗୃହରେ ଚାଲିଛି ବଗଲାଇ ପ୍ରାଥମିକ ବିଦ୍ୟାଳୟ

# ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଦାବି




**କୋଣାର୍କ, ୨୫।୧ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ସର୍ବ ପୁରାତନ ସରକାରୀ ବଗଲାଇ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ଗୁଡିକୁ ବିପଦ ସଙ୍କୁଳ ଅବସ୍ଥାରେ ରହିଥିବା ବେଳେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଗୋଟିଏ ଶ୍ରେଣୀ ଗୃହରେ ପାଠ ପଢୁଥିବା ବେଳେ ଛାତ୍ର ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଦାବି ହେଉଛି। ଖବରରୁ ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ବଗଲାଇ ଗ୍ରାମ ଠାରେ ପ୍ରାଥମିକ ଶିକ୍ଷାର ପ୍ରସାର କରିବା ପାଇଁ ସେହି ଗ୍ରାମର ବୁଦ୍ଧିଜୀବୀମାନେ ୮-୦୯-୧୯୩୬ ମସିହାରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଭାରତ ସ୍ୱାଧୀନତାର ପୂର୍ବରୁ ଏହି ବିଦ୍ୟାଳୟ ଟି ଖୋଲା ଯାଇଥିଲା ବେଳେ ବିଦ୍ୟାଳୟ ପ୍ରତିଷ୍ଠା ହେବାର ୮୯ ବର୍ଷ ବିତିଗଲାଣି । ମାତ୍ର ଏହି ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବା ବେଳେ ପୁରୁଣା ବିପଦ ସଙ୍କୁଳ ଶ୍ରେଣୀ ଗୃହରେ ଚାଲିଛି ପାଠପଢା। ଯାହା କି ଛାତ୍ର ଛାତ୍ରୀ ମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଛାତ୍ର ଅଭିଭାବକ ମାନେ ଅଭିଯୋଗ କରିଛନ୍ତି। କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେବା ସହ ନିକଟରେ ଥିବା ଅଙ୍ଗନବାଡି କେନ୍ଦ୍ର ପାଲଟିଛି ସାହା ଭରସା। ଏହି ବିଦ୍ୟାଳୟରେ ୧ମ ଶ୍ରେଣୀ ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୫ଜଣ ଛାତ୍ର ଛାତ୍ରୀ ଅଧ୍ୟୟନରତ। ଏହି ବିଦ୍ୟାଳୟରେ ଶିକ୍ଷାର ବିକାଶ ଓ ଛାତ୍ରଛାତ୍ରୀ ମାନଙ୍କୁ ସୁରକ୍ଷିତ ଶିକ୍ଷା ପ୍ରଦାନ ଓ ସେମାନଙ୍କ ଜୀବନ ସୁରକ୍ଷିତ ରଖିବା ପାଇଁ ବଗଲାଇ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ବିଦ୍ୟାଳୟ ଛାତ୍ର, ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ବଗଲାଇ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# ଭତ୍ତାଧାରୀ କଳାକାର ସଂଘର ୧୬ ଦଫା ଦାବିପତ୍ର



**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଭତ୍ତାଧାରୀ କଳାକାର ସଂଘ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ଉଦ୍ଦେଶ୍ୟରେ ୧୬ ଦଫା ଦାବିପତ୍ର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଜରିଆରେ ପ୍ରଦାନ କରାଯାଇଛି । ଗଗନ ବିହାରୀ ସିଂହଙ୍କ ନେତୃତ୍ୱରେ ବହୁ କଳାକାର ଉପସ୍ଥିତ ଥିଲେ । ଭତା ପଉଥିବା କଳାକାର ଙ୍କ ମୃତ୍ୟୁପରେ ତାଙ୍କ ପରିବାର କୁ ଭତା ପ୍ରଦାନ, ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ସପ୍ତାହରେ ଭତା ପ୍ରଦାନ କରାଯିବା, ୨ ଦିନିଆ ଜିଲ୍ଲା ସ୍ତରୀୟ ମହୋତ୍ସବ ପାଇଁ ୬ ଲକ୍ଷ ଟଙ୍କା ପ୍ରଦାନ କରିବା, ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାରମାନଙ୍କୁ ମାସିକ ୧୦ ହଜାର ଟଙ୍କା ଭତା ପ୍ରଦାନ, ପ୍ରତି ବ୍ଲକରେ ବ୍ଲକ ସଂସ୍କୃତି ଭବନ ନିର୍ମାଣ, ଜିଲ୍ଲା ସ୍ତରୀୟ କଳାକାର ମାନଙ୍କ ଅଡିଶନ ସମୟରେ ଦୂରଦର୍ଶନ ଓ ଆକାଶବାଣୀ ସ୍ୱୀକୃତି ପ୍ରାପ୍ତ ତଥା ବିଭିନ୍ନ ସଂଗୀତ ମହା ବିଦ୍ୟାଳୟ ରୁ ଯୋଗ୍ୟତା ହାସଲ କରିଥିବା କଳାକାରଙ୍କୁ ବିଚାରପତି ଭାବେ ଗ୍ରହଣ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଦାବିପତ୍ର ପ୍ରଦାନ ସମୟରେ ସଂପାଦକ ବିଧୁ ଭୂଷଣ ତ୍ରିପାଠୀ, ରବୀନ୍ଦ୍ର ନାଥ ସାହୁ, ଲକ୍ଷ୍ମୀପ୍ରିୟା ଧଳ, ନକୁଳ ଚରଣ ଦାସ, ରବିନ୍ଦ୍ର କୁମାର ଲେଙ୍କା, ରମାକାନ୍ତ ବେହେରା ଓ ଦୟାନିଧି ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର




**ରାଜକନିକା, ୨୫।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦିନ ବ୍ଲକ ସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜକନିକା ବିଡ଼ିଓ ଅଶୋକ କୁମାର ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶିନୀ ନାୟକ, ସନ୍ମାନିତ ଅତିଥିଭାବେ ବିଧାୟକଙ୍କ ପ୍ରତିନିଧି ବିକାଶ ଦାସ ଓ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୮୯୬ ଜଣ ପଞ୍ଜିକରଣ କରିଥିବା ବେଳେ ଅସ୍ଥିଶଲ୍ୟରେ ୪୭୩, ଶ୍ରାବଣବାଧିତ ୧୧୩, ଦୃଷ୍ଟିଶକ୍ତି ବାଧିତ ୧୪୮ ଓ ମାନସିକ ବିକାରଗ୍ରସ୍ତ ୧୨୭ ଜଣଙ୍କୁ ଡାକ୍ତର ପରୀକ୍ଷା ନିରୀକ୍ଷା କରିଥିଲେ। କେଉଁମାନେ କେତେ ଶତକଡା ଭିନ୍ନକ୍ଷମ ଅନଲାଇନ ମଧ୍ୟରେ ପ୍ରକାଶ ପାଇବା ସହିତ ହିତାଧିକାରୀଙ୍କ ଘରକୁ ପୋଷ୍ଟଲ ମଧ୍ୟରେ ସାର୍ଟିଫିକେଟ ପଠାଇ ଦିଆଯିବାର ସୂଚନା ମିଳିଛି। ତେବେ ଏହି ଶିବିରକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଦୀପ ବଳିଆରସିଂ, ବିଶ୍ୱକଲ୍ୟାଣ ମହାରଣା, ସରୋଜ କୁମାର ସାହୁ, ଦେବାଶିଷ ଅଚର୍ଯ୍ୟ ଓ ରାକେଶ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ମାନସିକ ବିକାରଗ୍ରସ୍ତଙ୍କୁ ସେବା ଯୋଗାଇଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

**କେନ୍ଦ୍ରାପଡ଼ା, ୨୫।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିମାନଙ୍କୁ ସେବା ଯୋଗାଇ ଦିଆଯାଇଛି। ଟ୍ରଷ୍ଟର ସଦସ୍ୟମାନେ ବୁଲି ବୁଲି ସେମାନଙ୍କ ଚୁଟି, ନଖ କାଟି ଗାଧୋଇ ଦେଇ ନୂତନ ବସ୍ତ୍ର ପିନ୍ଧାଇ ଖାଇବାକୁ ଦେଇଥିବା ଦେଖିବାକୁ ମିଳିଛି।



ସହରର ଭିନ୍ନଭିନ୍ନ ସ୍ଥାନରେ ମାନସିକ ରୋଗୀମାନେ ପରିଭ୍ରମଣ କରିଥାଆନ୍ତି। ନା ଠିକ୍ ଢଙ୍ଗରେ ପୋଷାକ ପରିଧାନ କରନ୍ତି, ନା ତାଙ୍କର କେଉଁଠି ଠିକଣା ଥାଏ। ସେମାନଙ୍କୁ ସାମାଜିକ ଚଳଣୀକୁ ଫେରାଇବା ପାଇଁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କେନ୍ଦ୍ରାପଡ଼ା ସହରରେ ବୁଲୁଥିବା ପ୍ରାୟ ଦଶ ଜଣକୁ ଚିହ୍ନଟ କରାଯାଇଥିଲା। ସେମାନଙ୍କୁ ଧରି ତାଙ୍କର ପୁରୁଣା ଅଳିଆ ପୋଷାକକୁ ବଦଳାଇ ଅନ୍ୟ ପୋଷାକ ପରିଧାନ କରାଯାଇଥିଲା। ତାଙ୍କର ଦାଢ଼ୀ ଚୁଟି ସଫାକରି, ତାଙ୍କୁ ଗାଧୋଇଦେଇ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ତାଙ୍କ ପାଇଁ ଖାଦ୍ୟ ପ୍ରଦାନ କରାଯାଇଥିଲା। କିଛି କିଛି ମନସିକ ବିକାରଗ୍ରସ୍ଥମାନେ ଭାରି ଖୁସୀ ହେଉଥିଲେ। ଏହି କର୍ମ ଆମ ପାଇଁ ଭଗବାନଙ୍କ ଆଶିର୍ବାଦ ବୋଲି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ସହରର ସାନ୍ତସାହି ପୋଲ, ମେଡ଼ିକାଲ ଛକ, ପୁରୁଣା ଓ ନୂଆ ବସ୍ ଷ୍ଟାଣ୍ଡ, ତିନିମୁହାଣି, ଦୁହୁରିଆ ଓ ଗୋପ ଛକ ଅଞ୍ଚଳରେ ଥିବା ଏହି ମାନସିକ ରୋଗୀମାନଙ୍କୁ ଚିହ୍ନଟ କରାଯାଇଥିଲା। ଏପରି କାମକୁ ଦେଖି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାଙ୍କୁ ବହୁ ସଧାରଣ ଜନତା ସାଧୁବାଦ ଜଣାଇଥିଲେ। ଜଳନ୍ଧର ପାଇକରାୟଙ୍କ ତତ୍ତ୍ୱାବଧାନରେ ଏହି ଅଭିନବ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ରାଉତ, ତପନ କୁମାର ନାଥ, କାଳନ୍ଦୀ ମଲ୍ଲିକ, ରାଜେଶ ବାରିକ, ଓ୍ୱିନୋଦ କୁମାର ନାଥ, ଗୋପିନାଥ ସ୍ୱାଇଁ ଓ ନିଗମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏମିତି ନିଆରା ସେବା କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

# ଲୋକନାଥ ମହାବିଦ୍ୟାଳୟରେ ଜାତୀୟ ମତଦାତା ଦିବସ

**ଗରଦପୁର, ୨୫।୧ (ସଂଚାର ବ୍ୟୁରୋ):** କୋରୁଆ ସ୍ଥିତ ଲୋକନାଥ ମହାବିଦ୍ୟାଳୟ, ପାଟକୁରା ପରିସରରେ ରାଜନୀତି ବିଜ୍ଞାନ ବିଭାଗ ଆନକୁଲ୍ୟରେ ୧୫ ତମ ଜାତୀୟ ମତଦାତା ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହତ୍ୟରେ ଓ ବିଭାଗୀୟ ମୁଖ୍ୟ ଡ଼ ସୁଶାନ୍ତ କୁମାର ପରିଡ଼ାଙ୍କ ପରିଚାଳନାରେ ଏହା ପାଳିତ ହୋଇଥିଲା । ଏଥିରେ କେନ୍ଦ୍ରାପଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରଛାତ୍ରୀ ମାନକୁ ମତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲୋ



ପରିଶେଷରେ ଅଧ୍ୟାପକ ସୁମନ ମଲ୍ଲିକ ଧନ୍ୟବାଦ୍ ପ୍ରଦାନ କରିଥିଲେ।ଏହି ଆଲୋଚନାରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଆଧାର କାର୍ଡ ପାଇଁ ରାସନ୍ ନମିଳିବା ଘଟଣା

# ସଂଚାରରେ ଖବର ପ୍ରକାଶ ପରେ ଘରେ ପହଞ୍ଚିଲେ ଆଧାର ଟିମ୍

**ମହାକାଳପଡ଼ା, ୨୫।୧ (ସଂଚାର ବ୍ୟୁରୋ):** ସଂଚାର ଖବରକାଗଜର ମହାପ୍ରଭାବ ଫଳରେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କର ଆଧାର କାର୍ଡ କରାଯାଇ ପାରିଛି। ଆଧାର କାର୍ଡ ନଥିବାରୁ ଦୀର୍ଘ ବର୍ଷ ଧରି ସେ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ଥିଲେ। ଶତପ୍ରତିଶତ ଭିନ୍ନକ୍ଷମ ହୋଇ ମଧ୍ୟ ରାସନ୍ ଚାଉଳରୁ ବଞ୍ଚିତ ହୋଇ ଘରେ ରହିଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପଞ୍ଚାୟତ ପ୍ରତିନିଧିମାନଙ୍କ ପାଖରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ନିଦ ଭାଙ୍ଗିଥିଲା। ଏମିତି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିବା ପରେ ଅଞ୍ଚଳବାସୀ ଓ ବୁଦ୍ଧିଜୀବି ସରକାରଙ୍କ ବ୍ୟବସ୍ଥା ଓ ଲୋକପ୍ରତିନିଧିଙ୍କୁ ସମାଲୋଚନା କରିଥିଲେ। ସମାଲୋଚନା ପରେ ତାଙ୍କ ଘରେ ପ୍ରଶାସନ ତରଫରୁ ଆଧାର ଟିମ୍ ପହଞ୍ଚି ଆଧାର କାର୍ଡ କରାଇଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିସୁଆଁ ଗ୍ରାମର ବିଧବା ସତ୍ୟଭାମା



ରାଉତ(୭୦ ବର୍ଷ)ଙ୍କ ୪୦ ବର୍ଷୀୟ ଝିଅ ଲକ୍ଷ୍ମୀପ୍ରିୟା ରାଉତ ଜଣେ ଶତପ୍ରତିଶତ ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମହିଳା। ଅଭାବ ଅନଟନ ଭିତରେ ପାଗିଳୀ ଝିଅଟିକୁ ଧରି ଯନ୍ତ୍ରଣାଦାୟକ ଜୀବନ କାଟୁଛନ୍ତି ସତ୍ୟଭାମା।

## ଲକ୍ଷ୍ମୀପ୍ରିୟାଙ୍କର ହେଲା ଆଧାର କାର୍ଡ

## ସଂଚାରକୁ ଛୁଟୁଛି ଅଞ୍ଚଳବାସୀଙ୍କ ପ୍ରଶଂସା

ଭଙ୍ଗା ଦଦରା କୁଡ଼ିଆରେ ଦୁଇ ପ୍ରାଣୀ କୁଟୁମ୍ବ ଭୟଭୀତ ଅବସ୍ଥାରେ ରହିବାକୁ ବାଧ୍ୟ ହେଉଛନ୍ତି। ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ସତ୍ୟଭାମାଙ୍କ ପାଇଁ ସରକାରଙ୍କ ଆବାସ ଯୋଜନା ଅପହଞ୍ଚ ହୋଇ ରହିଛି। ସବୁଠାରୁ ବଡ଼ କଥା ହେଉଛି କି ପାଗଳି ଝିଅ ଲକ୍ଷ୍ମୀପ୍ରିୟାର ଆଙ୍ଗୁଠି ଛାପ ନ ଦେଇ ହେବାରୁ ଆଜି ପର୍ଯ୍ୟନ୍ତ ଆଧାର କାର୍ଡ ହୋଇ ପାରି ନଥିଲା। ଯାହା ଫଳରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରାସନ୍ କାର୍ଡରୁ ଚାଉଳ ମିଳୁନି। ସତ୍ୟଭାମାଙ୍କ ନାମରେ କେବଳ ମାସକୁ ମିଳୁଛି ୫ କିଲୋ ଚାଉଳ। ଏହି ୫ କିଲୋ ଚାଉଳରେ ପରିବାର ପ୍ରତିପୋଷଣ କେମିତି କରିବେ ସେନେଇ ଚିନ୍ତାରେ ଅଛନ୍ତି ସତ୍ୟଭାମା। ଝିଅର ରାସନ୍ ଚାଉଳ ଓ ଘରଟିଏ ପାଇଁ ସରପଞ୍ଚଙ୍କ ପାଖରୁ ଆରମ୍ଭ କରି ନେତାଙ୍କୁ ଗୁହାରି କରି କରି ଥକି ପଡ଼ିଛନ୍ତି ହେଲେ ତାଙ୍କ ଗୁହାରି ଶୁଣି ସମସ୍ତେ ନିରବ।

ଏମିତି ଘଟଣା ବିଷୟରେ ସଂଚାର ଆଗରେ ଅଭିଯୋଗ କରିଥିଲେ ସତ୍ୟଭାମା। ଦୈନିକ ଖବରକାଗଜ ସଂଚାର ରେ ଏନେଇ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଆଧାର କାର୍ଡ ଟିମ୍ ଘରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କର ଆଧାର କାର୍ଡ କରାଇଛନ୍ତି। ଯାହା ଦୀର୍ଘ ୧୦ ବର୍ଷ ଧରି ହୋଇପାରୁନଥିଲା ତାହା ସଂଚାରର ପ୍ରୟାସ ପାଇଁ ସମ୍ଭବ ହୋଇପାରିଛି ବୋଲି ସତ୍ୟଭାମା ଓ ଅଞ୍ଚଳବାସୀ କହିଛନ୍ତି। ସେଥିପାଇଁ ସେମାନେ ସଞ୍ଚାର ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।

## ସତ୍ୟପାଠ

ମୁଁ ଶ୍ରୀମତୀ ସ୍ୱପ୍ନେଶ୍ୱରୀ ଦାସ , ବୟସ ୩୯ ବର୍ଷ, ସ୍ୱାମୀ- ପ୍ରସନ୍ନ କୁମାର ଦାସ, ଗ୍ରାମ- ଝାଞ୍ଜିର ମଙ୍ଗଳା ପ୍ରେସ୍ ଲେନ୍, ଥାନା, ବାଦାମବାଡ଼ି , ଜିଲ୍ଲା-କଟକ।

ଏତଦ୍ ଦ୍ୱାରା, ମାର୍ଶାଘାଇ ନୋଟାରୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତା-୨୦/୦୧୨୦୧୫ ରିଖ ହାଜର ହୋଇ ଏହି ସତ୍ୟପାଠ ଜରିଆରେ ଜଣାଉଛି ଯେ, ମୋର ଆଧାର କାର୍ଡ ନମ୍ବର-୪୭୪୪୯୫୩୭୦୪୧୨ ଉଲ୍ଲେଖିତ ଅଛି । ମୋର ବିଭାଘର ପୂର୍ବରୁ ମୋର ଏକ ପୋଷ୍ଟାଲ ବ୍ୟାଙ୍କ୍ ନମ୍ବର-୭୪୦୬୯୭୭୪୬୦ ଏକାଉଣ୍ଟ ପାସବୁକରେ ସ୍ୱପ୍ନେଶ୍ୱରୀ ପରିଡା, ପିତା- ଲଳିତ ମୋହନ ପରିଡା, ଗ୍ରା/ପୋ-ପିକରାଳୀ, କିନ୍ତୁ କମ୍ପ୍ୟୁଟର ଦ୍ୱାରା ଭୁଲ୍ ବସତ ମୋର ନାମ ସ୍ୱପ୍ନେଶ୍ୱରୀ ପଣ୍ଡା ହୋଇଅଛି । ଉପରୋକ୍ତ ଠିକଣାରେ ସ୍ୱପ୍ନେଶ୍ୱରୀ ପରିଡା ଓ ସ୍ୱପ୍ନେଶ୍ୱରୀ ପଣ୍ଡା ଜଣେ ମାତ୍ର ବ୍ୟକ୍ତି ଅଟନ୍ତି । ଯାହା ମୋର ଏହି ସତ୍ୟପାଠରେ ଉଲ୍ଲେଖ ଅଛି । ଯଦି କୌଣସି ତ୍ରୁଟି ଥାଏ, ତେବେ ମୁଁ ଆଇନ ଅନୁଯାୟୀ ଦଣ୍ଡିତ ହେବି ବୋଲି ଜଣାଉଅଛି।

(ସ୍ୱପ୍ନେଶ୍ୱରୀ ଦାସ)

# ଉତ୍କର୍ଷ ଓଡ଼ିଶା କନକ୍ଲେଭ ; ୫ ଲକ୍ଷ କୋଟି ନିବେଶ ଆଶା

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ଉତ୍କର୍ଷ ଓଡିଶା- ମେକ୍ ଇନ୍ ଓଡିଶା କନକ୍ଲେଭ ୨୦୨୫। ଭୁବନେଶ୍ୱରର ଜନତା ମଇଦାନରେ ତିନି ଦିନ ଧରି ଆୟୋଜିତ ହେବ ଉତ୍କର୍ଷ ଓଡିଶା ପୁଞ୍ଜିନିବେଶ ଶିଖର ସମ୍ମିଳନୀ। ଆସନ୍ତା ୨୮ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ପ୍ରାଥମିକ ଲକ୍ଷ୍ୟ ହେଉଛି ଉଭୟ ପାରମ୍ପରିକ ଏବଂ ଯୁଗୋପଯୋଗୀ ବିଭିନ୍ନ ଶିଳ୍ପ କ୍ଷେତ୍ରରେ ଓଡିଶାର ଅଗ୍ରଣୀ ଭୂମିକାକୁ ଗୁରୁତ୍ୱ ଦେବା। ଏଥିସହ ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ, ଶିଳ୍ପୋନ୍ନତ ତଥା ଅନ୍ତର୍ଭୁକ୍ତୀକରଣ ରାଜ୍ୟରେ ପରିଣତ କରିବା ନେଇ ପ୍ରକାଶ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ। ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବ୍ୟତୀତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ ପ୍ରମୁଖ ଯୋଗଦେବେ। ତେବେ ରାଜ୍ୟକୁ ଅଦ୍ୟାବଧି ୨ ଲକ୍ଷ ୭୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆସିଛି, ଯାହାକି ୨ ଲକ୍ଷ ୧୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରୁ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆଶା ରଖିଛୁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର ପାଇଁ ରାଜ୍ୟ ସରକାର ବଦ୍ଧପରିକର। 'ସ୍କିଲ୍ଡ ଇନ୍ ଓଡ଼ିଶା' ଭଳି ପଦକ୍ଷେପ ମାଧ୍ୟମରେ ଆଇଟି, ଉନ୍ନତ ଉତ୍ପାଦନ, ସେମିକଣ୍ଡକ୍ଟର୍ ଓ ଅକ୍ଷୟ ଶକ୍ତି ଭଳି କ୍ଷେତ୍ରରେ ଅଭିବୃଦ୍ଧି ଆଣିବାରେ ସକ୍ଷମ ହେବ।

ଅପର ପକ୍ଷରେ ଉତ୍କର୍ଷ ଓଡିଶା କନ୍‌କ୍ଲେଭରେ ସିଙ୍ଗାପୁର, ମାଲେସିଆ ଓ ଅଷ୍ଟ୍ରେଲିଆ ଆଦି ଓଡିଶାର ସହଭାଗୀ ଦେଶ ଭାବେ ଅଂଶଗ୍ରହଣ କରିବେ। ସେହିପରି ଏହି ସମାରୋହରେ ୧୬ଟି ଦେଶର କୂଟନୈତିଜ୍ଞ ଏବଂ ପ୍ରତିନିଧି ଯୋଗଦେବେ। ଏସ୍‌ଏଲ୍ ମିତ୍ତଲ, ବିର୍ଲା, ଅନୀଲ ଅଗ୍ରୱାଲ, ହିତେଶ ଯୋଶୀ, ଟିବି ନରେନ୍ଦ୍ରନ ଭଳି ଜଣାଶୁଣା ଶିଳ୍ପପତି ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସମ୍ମିଳନୀରେ ବିକଶିତ ରାଷ୍ଟ୍ରମାନଙ୍କ ଅଂଶଗ୍ରହଣ ଓଡ଼ିଶାକୁ ପ୍ରଯୁକ୍ତି ବିଦ୍ୟା ହସ୍ତାନ୍ତର, ମିଳିତ ଉଦ୍ୟୋଗ ଏବଂ ଜ୍ଞାନ ବିନିମୟ ପାଇଁ ସୁଯୋଗ ପ୍ରଦାନ କରିବ। ଅନ୍ତର୍ଜାତୀୟ ନିବେଶକଙ୍କ ସହ ଉଚ୍ଚ ମାନର ସହଯୋଗିତା ବିଶ୍ୱର ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।




## ରାମମନ୍ଦିର ଟ୍ରାଫିକ ପୋଷ୍ଟ ନିକଟରେ ଓଲଟିଲା ପାଣି ଟ୍ୟାଙ୍କର



ଭୁବନେଶ୍ୱର,୨୫।୧ (ସଂଚାର ବ୍ୟୁରୋ): ରାଜଧାନୀରେ ଦୁର୍ଘଟଣା। ଭୁବନେଶ୍ୱର ରାମମନ୍ଦିର ଟ୍ରାଫିକ ପୋଷ୍ଟ ନିକଟରେ ଓଲଟିଲା ପାଣି ଟ୍ୟାଙ୍କର । ଭାରସାମ୍ୟ ହରାଇ ରାସ୍ତାଉପରେ ଓଲଟିପଡିଛି ପାଣି ଟ୍ୟାଙ୍କର। ଯେଉଁଥିରେ ଡ୍ରାଇଭର ଓ ହେଲ୍‌ପର ଆହତ ହୋଇଥିବା ଜଣାପଡିଛି । ଖବର ଅନୁଯାୟୀ, ଶନିବାର ଦିନ ସକାଳ ସମୟରେ ଭୁବନେଶ୍ୱର ରାମ ମନ୍ଦିର ନିକଟରେ ଏକ ପାଣି ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟିପଡିଛି । ଯାହାଫଳରେ ଗାଡିରେ ଥିବା ହେଲ୍‌ପର୍ ଏବଂ ଡ୍ରାଇଭର ଆହତ ହୋଇଛନ୍ତି । ଆହତଙ୍କୁ ତୁରନ୍ତ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସେପଟେ ରାସ୍ତା ମଝିରେ ଟ୍ୟାଙ୍କର ଓଲଟିବା ପରେ କିଛି ସମୟ ପାଇଁ ଜାମ୍ ରହିଥିଲା । ହେଲେ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ରାସ୍ତାମଝିରେ ପଡିଥିବା ଟ୍ୟାଙ୍କରକୁ ରୋଡ୍ କଡ଼କୁ ଆଣିଥିଲା । ଯାହାପରେ ଯିବାଆସିବାରେ ସୁବିଧା ହୋଇଥିଲା ।

## ୨୩ ବିଜେପି ସାଙ୍ଗଠନିକ ଜିଲ୍ଲା ସଭାପତିଙ୍କ ନାମ ଘୋଷିତ

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ଆଜି ବିଜେପି ପକ୍ଷରୁ ୨୩ଟି ଜିଲ୍ଲା ପାଇଁ ସାଙ୍ଗଠନିକ ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଆଉ ୧୪ଟି ଜିଲ୍ଲା ପାଇଁ ନିଷ୍ପତ୍ତି ବାକି ରହିଛି। ଏହି ଅନୁସାରେ, ବିଜେପିର କଟକ ଜିଲ୍ଲା (୧) ସାଙ୍ଗଠନିକ ଜିଲ୍ଲାର ନୂଆ ସଭାପତି ସୁକାନ୍ତ କୁମାର ବିଶ୍ୱାଳଙ୍କ ନାମ ଘୋଷଣା କରାଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆନୁଷ୍ଠାନିକ ଭାବେ ଏହି ନାଁ ଘୋଷଣା କରିଛନ୍ତି। କଟକ ସର୍କିଟ ହାଉସଠାରେ ସାଙ୍ଗଠନିକ ନିର୍ବାଚନର ଫଳାଫଳ ଘୋଷଣା ହୋଇଥିବା ବେଳେ ନିଆଳି, କଟକ ସଦର, ଚୌଦ୍ୱାର-କଟକ, ବାରବାଟୀ-କଟକ ଏବଂ ବାଙ୍କୀ ନିର୍ବାଚନମଣ୍ଡଳୀକୁ ନେଇ ନୂତନ ଭାବେ ଗଠିତ ହୋଇଛି କଟକ ଜିଲ୍ଲା (୧) ସାଙ୍ଗଠନିକ ଜିଲ୍ଲା। ଏହାଛଡ଼ା କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଶଶାଙ୍କ ଶେଖର ସେଠୀ, ବାଲେଶ୍ୱର ପାଇଁ ଈଶ୍ୱର ଚନ୍ଦ୍ର ବେହେରା, କଟକ ନଗର ପାଇଁ ସୁକାନ୍ତ ଚନ୍ଦ୍ର ବିଶ୍ୱାଳ, ପୁରୀ ପାଇଁ ଦେବେନ୍ଦ୍ର ତରାଇ, ବଲାଙ୍ଗୀର ପାଇଁ ଶ୍ରୀବତ୍ସ ବେହେରା, ସୁନ୍ଦରଗଡ଼ ପାଇଁ ଗିରୀଶ ସାହୁ, ଢେଙ୍କାନାଳ ପାଇଁ ରାସ ବିହାରୀ ସାହୁଙ୍କ ନାମ ନୂଆ ଜିଲ୍ଲା ସଭାପତି ଭାବେ ଘୋଷଣା କରାଯାଇଛି। ଆହୁରି କଳାହାଣ୍ଡି ଜିଲ୍ଲା ପାଇଁ ଯୁଗଲ ପୋଢ଼, ଗଞ୍ଜାମ ପାଇଁ ସରୋଜ ସାବତ, ଜଗତସିଂହପୁର ପାଇଁ ପ୍ରତାପ ମିଶ୍ର, ବାଲେଶ୍ୱର ଉତ୍ତର ପ୍ରଦୀପ କୁମାର ପଣ୍ଡା, କଟକ (ଗ୍ରାମାଞ୍ଚଳ) ରାମନାରାୟଣ ମହାନ୍ତି, ନୂଆପଡ଼ା କମଳେଶ ଦୀକ୍ଷିତ, ବରଗଡ଼ ଡଃ ଅରୂପାନନ୍ଦ ସାହୁ, ବୌଦ୍ଧ ପ୍ରେମାନନ୍ଦ ମିଶ୍ର, କେନ୍ଦୁଝର ଶୁକଦେବ ମହାନ୍ତି, ମାଲକାନଗିରି ଅଶୋକ କୁମାର ପରିଡ଼ା, ଘୁମୁସର (ଭଞ୍ଜନଗର) ନୀଳମାଧବ ପାତ୍ର, ପୂର୍ବ ମୟୂରଭଞ୍ଜ ନିହାର ମୋଦି ଓ ପଶ୍ଚିମ ମୟୂରଭଞ୍ଜ (ରାଇରଙ୍ଗପୁର) ଜିଲ୍ଲା ସଭାପତି ଭାବେ ଜୁରୀଲାଲ ମହାନ୍ତଙ୍କ ନାମ ଘୋଷଣା କରାଯାଇଥିବା ଜଣାପଡ଼ିଛି। କିନ୍ତୁ ଦେବଗଡ଼ ଜିଲ୍ଲା ପାଇଁ କୌଣସି ପ୍ରକାର ପରିବର୍ତ୍ତନ କରାଯାଇନାହିଁ। ସେଠାରେ ପୂର୍ବପରି ଅରୁଣ ସାହୁ ଜିଲ୍ଲା ସାଙ୍ଗଠନିକ ସଭାପତି ଦାୟିତ୍ୱ ଜାରି ରଖିବେ।

● ୧୪ ଜିଲ୍ଲା ପାଇଁ ନିଷ୍ପତ୍ତି ବାକି

## ଟ୍ରାକ୍ଟର ଓଲଟି ଡ୍ରାଇଭରଙ୍କ ମୃତ୍ୟୁ

ଆନନ୍ଦପୁର,୨୫।୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବୈତରଣୀ ନଦୀ ବୁଢ଼ିକୁଦ ନିକଟରେ ଅଘଟଣ। ଚୋରାରେ ବାଲି ଚାଲାଣ ବେଳେ ଓଲଟିଲା ଟ୍ରାକ୍ଟର । ଯେଉଁଥିରେ ଟ୍ରାକ୍ଟର ଚାଳକଙ୍କ ଜୀବନ ଚାଲିଯାଇଛି। ମୃତକ ଆନନ୍ଦପୁର ଥାନା ଗୟଳମୁଣ୍ଡା ଗାଁର ତୁସା ମୁଣ୍ଡ୍ୟା ବୋଲି ଜଣାପଡିଛି । ଖବର ଅନୁଯାୟୀ, ଶୁକ୍ରବାର ସଂଧ୍ୟା ସମୟରେ ବୈତରଣୀ ନଦୀର ବୁଢ଼ିକୁଦ ଘାଟରୁ ଚୋରାରେ ବାଲି ବୋଝେଇ କରି ନେଉଥିଲା ଏକ ଟ୍ରାକ୍ଟର । ହେଲେ ଘାଟରୁ କିଛି ବାଟ ଯିବା ପରେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଯାହାଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଡ୍ରାଇଭରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ସେପଟେ ଘଟଣା ସଂପର୍କର ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳର ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଖଣ୍ଡଗିରି ଯାତ୍ରା ମହାକୁମ୍ଭ

# ଅଶ୍ଳୀଳ ନାଚ ପାଇଁ ଠେଙ୍ଗାମାଡ଼ ପୁରସ୍କାର

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ଖଣ୍ଡଗିରି ଯାତ୍ରା ମହାକୁମ୍ଭରେ ବିଗତ ଦିନରେ ଏକାଧିକ ନୃତ୍ୟାଙ୍ଗନା ଅଶ୍ଳୀଳ ନୃତ୍ୟ ପାଇଁ ବେଶ୍ ଚର୍ଚ୍ଚା ସାଉଁଟିଥିଲେ ହେଁ ଚଳିତ ବର୍ଷ ଏହା ଉପରେ କଟକଣା ଲଗାଯାଇଛି। ଯାତ୍ରାପ୍ରେମୀମାନେ ନିଜ ପରିବାର ସଦସ୍ୟସଦସ୍ୟାଙ୍କ ସହ ଯାତ୍ରା ଦେଖିବା ସକାଶେ ଆସୁଥିବାରୁ ଏପରି ଅଶ୍ଳୀଳ ନୃତ୍ୟ ସେମାନଙ୍କ ପାଇଁ ଦୁର୍ବିସହ ହୋଇପଡ଼ିଛି। ତା'ଛଡ଼ା ଏହା ଓଡ଼ିଆ ସଂସ୍କୃତିର ପରିପନ୍ଥୀ ହୋଇଥିବାରୁ ଚଳିତ ବର୍ଷର ଯାତ୍ରା ମହାକୁମ୍ଭରେ ୩ ପ୍ରମୁଖ ନୃତ୍ୟାଙ୍ଗନାଙ୍କୁ ଯାତ୍ରା ମଞ୍ଚଠାରୁ ଦୂରେଇ ରଖିବା ସକାଶେ ଆୟୋଜକ ଓ ଖଣ୍ଡଗିରି ପୁଲିସ୍ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି କ୍ରମରେ ଆଜି ଏକାମ୍ର ବିଧାୟକ ବାବୁ ସିଂ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଦେଶୀ ଉପାୟ ଆପଣାଇଛନ୍ତି। ସେ ସିଧାସଳଖ ବୟାନ ଦେଇଛନ୍ତି ଯେ ଆଗାମୀ ଖଣ୍ଡଗିରି ଯାତ୍ରାକୁମ୍ଭରେ ଯେଉଁମାନେ ବି ଅଶ୍ଳୀଳ ନୃତ୍ୟ କରିବେ, ସେମାନଙ୍କୁ ପୁରସ୍କାର ଭାବେ ଦର୍ଶକଙ୍କ କରତାଳି ମିଳିବନାହିଁ, ବରଂ କେବଳ ଠେଙ୍ଗା ପ୍ରହାର ହେବ। ଏଥିପାଇଁ ୧୦୦ ଠେଙ୍ଗା କିଣାଯାଇଛି ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ଏପରି ବୟାନକୁ ନେଇ ଏବେ ଚାରିଆଡ଼େ ଚର୍ଚ୍ଚା। ସୂଚନାଯୋଗ୍ୟ ଯେ ଆସନ୍ତା ମାଘ ସପ୍ତମୀରୁ ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଆରମ୍ଭ ହେବ। ତେବେ ବିଧାୟକଙ୍କ ଏପରି ବୟାନ୍ ଖଣ୍ଡଗିରିରେ ଅଶ୍ଳୀଳ ନୃତ୍ୟକୁ କେତେଦୂର ରୋକିପାରୁଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

● ବିଧାୟକଙ୍କ ଚେତାବନୀ
● ୧୦୦ ଠେଙ୍ଗା ପ୍ରସ୍ତୁତ

## ୧୦ ଉପକୂଳ ଦ୍ୱୀପରେ ପତାକା ଉତ୍ତୋଳନ

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ଗତ ବର୍ଷ ନଭେମ୍ବରରେ ଓଡ଼ିଶାରେ ସର୍ବଭାରତୀୟ ଆରକ୍ଷୀ ମହାନିର୍ଦ୍ଦେଶକ ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପକୂଳ ରାଜ୍ୟଗୁଡିକରେ ଥିବା ଜନବସତିବିହୀନ ଦ୍ୱୀପଗୁଡ଼ିକରେ ସାଧାରଣତନ୍ତ୍ର ଦିବସ କିମ୍ବା ତା' ପୂର୍ବ ଦିନ ଜାତୀୟ ପତାକା ଉତ୍ତୋଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ଜନବସତିବିହୀନ ଦ୍ୱୀପପୁଞ୍ଜଗୁଡ଼ିକରେ ଭାରତର ଗର୍ବ ଓ ସାର୍ବଭୌମତ୍ୱ ପ୍ରଦର୍ଶନ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ ଏହି ଚିନ୍ତାଧାରାର ଉଦ୍ଦେଶ୍ୟ। ସ୍ୱାଧୀନତା ପରେ ଭାରତୀୟ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଐତିହାସିକ କାର୍ଯ୍ୟକ୍ରମ ପାଇଁ ଓଡ଼ିଶାର ୧୦ଟି ଉପକୂଳ ଦ୍ୱୀପକୁ ଚିହ୍ନଟ କରି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନକୁ କାର୍ଯ୍ୟକାରୀ କରିବା ଦିଗରେ ତ୍ୱରିତ ପଦକ୍ଷେପ ନେଇଥିଲେ। ସେହି ଅନୁଯାୟୀ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହାକୁ କାର୍ଯ୍ୟକାରୀ କରିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ, ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣ ଦ୍ୱୀପ, ଭଦ୍ରକ ଜିଲ୍ଲାର ନୟା ଟାପୁ ଦ୍ୱୀପ, ଉଡ଼ାବାଲି, କନିକା, ଲଙ୍ଗ ହ୍ୱିଲର, ସର୍ଟ ଆଇଲାଣ୍ଡ, ସ୍ମଲ ହ୍ୱିଲର ଏବଂ ଜଗତସିଂହପୁର ଜିଲ୍ଲାର ବୋଇତରକୁଦ, ଜଟାଧାରୀ ତଣ୍ଡା ଏବଂ ବରକୁଦ ଦ୍ୱୀପରେ ଜାତୀୟ ପତାକା ଉଡ଼ାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ, ଆଜି ସମସ୍ତ ଦ୍ୱୀପଗୁଡିକରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶା ପୁଲିସର ସାମୁଦ୍ରିକ ଥାନା ପକ୍ଷରୁ ଏହି ଦ୍ୱୀପଗୁଡ଼ିକୁ ସର୍ଭେ କରାଯାଇ ଜାତୀୟ ପତାକା ଉତ୍ତୋଳନ କରାଯାଇଛି।

## ୨୬୧ ପଦବୀରେ ନିଯୁକ୍ତିକୁ ଅନୁମୋଦନ

### ଓଡ଼ିଶା ଉଠା ଜଳସେଚନ ନିଗମର ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ ବୈଠକ

● ସୋଲାର୍ ଡିପ ବୋରୱେଲ ପାଇଁ ଟେଣ୍ଡର ପ୍ରସ୍ତାବ ଗୃହୀତ
● ନିୟମିତ କର୍ମଚାରୀଙ୍କ ସପକ୍ଷରେ ଅତିରିକ୍ତ ୪ ପ୍ରତିଶତ ମହଙ୍ଗା ଭତ୍ତା

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ଓଡ଼ିଶା ଉଠା ଜଳସେଚନ ନିଗମର ୨୦୭ତମ ନିର୍ଦ୍ଦେଶକ ମଣ୍ଡଳୀ ପରିଷଦ (ବୋର୍ଡ ଅଫ୍ ଡାଇରେକ୍ଟର୍ସ) ବୈଠକ ଗତକାଲି ଉନ୍ନୟନ କମିଶନର ଓ ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏଲ୍‌ଆଇସିର ଅଧ୍ୟକ୍ଷା ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଓଏଲଆଇସିର ପରିଚାଳନା ନିର୍ଦ୍ଦେଶକ ତଥା ବୋର୍ଡର ନିର୍ଦ୍ଦେଶକ ଆଲୋକ କୁମାର କରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଆଲୋଚନା ପୂର୍ବକ ପରିଷଦ ଦ୍ୱାରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁମୋଦନ ଲାଭ କରିଛି। କନ୍ଧମାଳ ଜିଲ୍ଲାରେ ୫୦୦ଟି, ମୟୂରଭଞ୍ଜ ଜିଲ୍ଲାରେ ୬୦୦ଟି, ଦେବଗଡ଼ ଜିଲ୍ଲାରେ ୩୦୦ଟି, କୋରାପୁଟ ଜିଲ୍ଲାରେ ୭୦୦ଟି, ନବରଙ୍ଗପୁର ଜିଲ୍ଲାରେ ୧୦୦୦ଟି ଏବଂ ନୂଆପଡ଼ା ଜିଲ୍ଲାରେ ୧୦୦୦ ସଂଖ୍ୟକ ସୋଲାର ଡିପ୍ ବୋରୱେଲ ସ୍ଥାପନ ପାଇଁ ଟେଣ୍ଡର ପ୍ରସ୍ତାବକୁ ବୋର୍ଡ ଅନୁମୋଦନ କରିଛି। ଏଥିସହ ମଞ୍ଜୁରୀପ୍ରାପ୍ତ ଖାଲି ପଦବୀରେ ୨୬୧ଟି ବୈଷୟିକ ଓ ଅଣ ବୈଷୟିକ କର୍ମଚାରୀ ନିଯୁକ୍ତିକୁ ଅନୁମୋଦନ ମିଳିଛି। ତା'ଛଡ଼ା ନିଗମର ନିୟମିତ କର୍ମଚାରୀଙ୍କ ସପକ୍ଷରେ ଅତିରିକ୍ତ ୪ ପ୍ରତିଶତ ମହଙ୍ଗା ଭତ୍ତା (ଡିଏ)କୁ ମଧ୍ୟ ବୋର୍ଡ ଅନୁମୋଦନ ଦେଇଥିବା ଜଣାପଡ଼ିଛି।



## ରାଜ୍ୟସ୍ତରୀୟ ଜାତୀୟ ମତଦାତା ଦିବସ


# ସାମୂହିକ ଶପଥପାଠ କରାଇଲେ ମୁଖ୍ୟ ସଚିବ

ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): ପଞ୍ଚଦଶ ଜାତୀୟ ମତଦାତା ଦିବସ ପାଳନ ଅବସରରେ ଆଜି ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇଛନ୍ତି। ମତଦାତା ସଚେତନତା ଓ ଭାରତକୁ ଏକ ସୁଦୃଢ଼ ଗଣତନ୍ତ୍ର ରୂପେ ବଜାୟ ରଖିବା ଦିଗରେ ପ୍ରେରିତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଆଜି ରାଜ୍ୟସ୍ତରୀୟ ପଞ୍ଚଦଶ ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମତଦାତା ସଂକଳ୍ପ ପାଠ କରାଇବା ସହ ସଭାକୁ ସମ୍ବୋଧନ କରିଥିଲେ। ମୁଖ୍ୟ ସଚିବ ନିଜର ମତାମତ ଉପସ୍ଥାପନ କରି ମତଦାନକୁ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ଦାୟିତ୍ୱ ବୋଲି ଅଭିହିତ କରିଥିଲେ। ସେ କହିଥିଲେ ଯେ ଭାରତ ସର୍ବବୃହତ ଗଣତନ୍ତ୍ର ରୂପେ ସମଗ୍ର ବିଶ୍ୱରେ ଏକ ଉଦାହରଣ । ଏହି ପ୍ରତିଷ୍ଠାକୁ ଅକ୍ଷୁଣ୍ଣ ରଖିବା ଦିଗରେ ନାଗରିକ ଭାବେ ଆମ ସମସ୍ତଙ୍କର ଦାୟିତ୍ୱ ରହିଛି। ତେଣୁ ସମସ୍ତ ମତଦାତା ସେହି ଦାୟିତ୍ୱ ପ୍ରତି ଯତ୍ନବାନ ହେବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ଆହୁଜା ମତ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ମତଦାତା ସଚେତନତା ସମ୍ବନ୍ଧୀୟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଏବଂ ଫଟୋ ପ୍ରଦର୍ଶନୀ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନ୍, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି ପରମେଶ୍ୱରନ୍, ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ କୁମାର ରାଣା ଭାରତୀୟ ଗଣତନ୍ତ୍ର ଓ ସେଥିରେ ମତଦାତାଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ରେ ଆଇକନ୍ ରୂପେ କାର୍ଯ୍ୟ କରି ମତଦାନ ପାଇଁ ସଚେତନତା ସୃଷ୍ଟି ପାଇଁ ପ୍ରମୋଦ ଭଗତ, କମଳାକାନ୍ତ ନାୟକ, ଜୟନ୍ତୀ ବେହେରା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ସାଧାରଣ ନିର୍ବାଚନ-୨୦୨୪ ପାଇଁ ବିଭିନ୍ନ ଦିଗରେ ସୂଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଥିବାରୁ ଖୋର୍ଦ୍ଧା, କେନ୍ଦୁଝର, ପୁରୀ, ମାଲକାନଗିରି, ସୁନ୍ଦରଗଡ଼, ଝାରସୁଗୁଡ଼ା, ବୌଦ୍ଧ, ବାଲେଶ୍ୱର, ସମ୍ବଲପୁର ଆଦି ଜିଲ୍ଲାକୁ ମଧ୍ୟ ସମ୍ମାନିତ କରାଯାଇଥିବା ଜଣାପଡ଼ିଛି।

୫ ନିର୍ବାଚନ-୨୦୨୪ ଆଇକନ୍ ସମ୍ମାନିତ




## ହାତୀକୁ ବୋମାମାଡ଼, ଶୁଣ୍ଢରେ ଲାଗିଛି ଗଭୀର କ୍ଷତ



ସୁନ୍ଦରଗଡ଼/ ନରସିଂହପୁର, ୨୫।୧ (ସଂଚାର ବ୍ୟୁରୋ): ହାତୀକୁ ବୋମାମାଡ଼। ଦନ୍ତା ହାତୀକୁ ବୋମାମାଡ଼ ଅଭିଯୋଗ ହୋଇଛି। ସୁନ୍ଦରଗଡ଼ ଉଜ୍ଜ୍ୱଳପୁର ଫରେଷ୍ଟ ରେଞ୍ଜ କରୁଆବାହାଲ ଜଙ୍ଗଲରେ ବୋମାମାଡ଼ ହୋଇଛି। ହାତୀ ଶୁଣ୍ଢରେ ବାଜିଛି ବୋମା। ଗୁରୁତର ଅବସ୍ଥାରେ ଜଙ୍ଗଲରେ ଛଟପଟ ହେଉଛି ଅସୁସ୍ଥ ଦନ୍ତା । ବନ ବିଭାଗ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଅନୁମାନ କରାଯାଉଛି ୭ରୁ ୮ ଦିନ ପୂର୍ବରୁ ଲାଗିଥିଲା ଆଘାତ କିନ୍ତୁ ଚିକିତ୍ସା କରାଯାଇନଥିଲା। ସେପଟେ ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ପାଞ୍ଚଗୋଛିଆ ବିଟ ରଙ୍ଗଡ଼ାବ ଗାଁରେ ଦନ୍ତା ହାତୀର ମୃତ୍ୟୁ ହୋଇଛି। ତେବେ ହାତୀର ମୃତ୍ୟୁ କିପରି ହେଲା କାରଣ ଜଣାପଡି ନାହିଁ । ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଅନ୍ୟପଟେ ବିଭିନ୍ନ ଫରେଷ୍ଟ ରେଞ୍ଜ ଅଞ୍ଚଳ ଗୁଡିକରେ ଫରେଷ୍ଟ ଗାର୍ଡ ମାନଙ୍କ ପାଇଁ ରହିଥିବା ବିଟ ଗୁଡିକରେ କୌଣସି କର୍ମଚାରୀ ରହୁ ନଥିବା ଯୋଗୁ ଦୁର୍ବୃତ୍ତଙ୍କୁ ଏପରି କାଣ୍ଡ କରିବାକୁ ବେଶ୍ ସୁଯୋଗ ମିଳୁଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ସଂସଦରତ୍ନ ଭର୍ତ୍ତୃହରିଙ୍କୁ ସର୍ବଶ୍ରେଷ୍ଠ ବାରବାଟୀ ସମ୍ମାନ

### 'ମୋ କଟକ ସୁରକ୍ଷା ମଞ୍ଚ'ର ସ୍ୱନକ୍ଷତ୍ର ଉତ୍ସବ

କଟକ,୨୫।୧(ସଂଚାର ବ୍ୟୁରୋ): ମୋ କଟକ ସୁରକ୍ଷା ମଞ୍ଚର ୫ମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ପରିସରରେ ମଞ୍ଚର ମୁଖ୍ୟ ଉପଦେଷ୍ଟା ଚୌଧୁରୀ ପ୍ରଭାତ କେଶରୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉତ୍ସବକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ପରେ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ଓ ମୁକୁଟ ପରିଧାନ ପୂର୍ବକ ସର୍ବଶ୍ରେଷ୍ଠ ନାଗରିକ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିବା ପରେ ମୁଖ୍ୟ ଅତିଥି ଭାବେ ମେୟର ସୁବାଷ ସିଂ ଯୋଗଦେଇ ମୋ କଟକ ସୁରକ୍ଷା ମଞ୍ଚ କରୁଥିବା ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକର ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ, ବିଜେପି ନେତ୍ରୀ ନମିତା ମଞ୍ଜରୀ ସାହୁ, ଯୁବ ସମାଜସେବୀ ଶୋଭେନ ମହାନ୍ତି, ସମାଜସେବୀ ସୁଶୀଲ ନାଥ, ଉପଦେଷ୍ଟା ଅଶୋକ ମହାନ୍ତି, ସ୍ଥାନୀୟ କର୍ପୋରେଟର ଜେ. କାମେଶ୍ୱର ରାଓ ପ୍ରମୁଖ ଯୋଗଦେଇ ମୋ କଟକ ସୁରକ୍ଷା ମଞ୍ଚ କଟକର ଉନ୍ନତି ନିମନ୍ତେ କରୁଥିବା କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉତ୍ସବରେ କଟକ ଜିଲ୍ଲାର ୨୦୨୪ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିବା ୧୯ ଜଣ ଛାତ୍ରଛାତ୍ରୀ, ସାମ୍ବାଦିକ, ବିଭିନ୍ନ ସାମାଜିକ ସଂଗଠନ, ସୂଚନାଧିକାର କର୍ମୀ, ସମାଜସେବୀ ଓ ଅନନ୍ୟ ପ୍ରତିଭାଙ୍କୁ ବାରବାଟୀ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ କଟକ ସହରର ବୁଦ୍ଧିଜୀବୀ, କର୍ପୋରେଟର, ଦଳୀୟ ନେତାକର୍ମୀ ଯୋଗଦେଇଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଅକ୍ଷୟ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ କଟକ ସହରବାସୀଙ୍କ ମୌଳିକ ଅଧିକାର, ସମସ୍ୟାର ସମାଧାନ ଓ ସୁରକ୍ଷା ଦିଗରେ ମଞ୍ଚ ସମ୍ପାଦକ ଜିତେନ୍ଦ୍ର ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।



## କୁହୁଡି ନେଉଛି ଜୀବନ

### ଗଛରେ ପିଟି ହେଲା କାର୍, ଜଣେ ଯାତ୍ରୀଙ୍କ ମୃତ୍ୟୁ

ବାଲିପାଟଣା, ୨୫।୧ (ସଂଚାର ବ୍ୟୁରୋ): ଗଛରେ ପିଟିହେଲା କାର୍। ଘନ କୁହୁଡ଼ି ଲାଗି ଦିଶିଲାନି ରାସ୍ତା। ଶେଷରେ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟିହେଲା କାର୍। ଭୁବନେଶ୍ୱର-ପୁରୀ ବାଇପାସ୍ ଲିଙ୍ଗିପୁର ଟ୍ରାଫିକ ଛକ ନିକଟରେ ଘଟିଛି ଏପରି ଦୁର୍ଘଟଣା। ଯେଉଁଥିରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ୪ ଜଣ ଗୁରୁତର ହୋଇଛନ୍ତି। ସମସ୍ତ ମୃତାହତଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ୫ ଜଣ ଏକ ଭୋଜିରେ ଯୋଗ ଦେଇ କାର୍ ଯୋଗେ କଟକ ଅଭିମୁଖେ ଫେରୁଥିଲେ। ଘନ କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦିଶୁନଥିଲା। ଭୁବନେଶ୍ୱର-ପୁରୀ ବାଇପାସ୍ ଲିଙ୍ଗିପୁର ଟ୍ରାଫିକ୍ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲା। ଯାହାପରେ ନିକଟରେ ଥିବା ଇଲେକ୍ଟ୍ରିକ୍ ପୋଲରେ ପିଟି ହୋଇଥିଲା କାର୍। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉକ୍ତ ଗଛଟି ଭାଙ୍ଗି ଯାଇଥିଲା। ଏହାସହିତ କାର୍‌ଟି ମଧ୍ୟ ଭାଙ୍ଗି ଯାଇଥିଲା। ଏହି ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବାହିନୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ମେଡିକାଲ୍ ପଠାଇଛନ୍ତି। ଧଉଳି ପୋଲିସ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ତଦନ୍ତ କରୁଛି।



## ବାପାଙ୍କ ଗାଳି ସହି ନ ପାରି ଝୁଲିପଡ଼ିଲେ ପୁଅ

### ତରବରିଆ ଶବ ସତ୍କାର ନେଇ ବଢ଼ିଲା ସସ୍‌ପେନ୍ସ





ଭୁବନେଶ୍ୱର,୨୫।୧ (ସଂଚାର ବ୍ୟୁରୋ): ବାପା ଗାଳି କରିବାରୁ ସହିନପାରି ପୁଅ ଆତ୍ମହତ୍ୟା କରିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ଭୁବନେଶ୍ୱର ଉପକଣ୍ଠସ୍ଥିତ ଧଉଳୀ ପାଦ ଦେଶରେ ଥିବା କାଣ୍ଡି ସାହିରେ। ଅଧିକନ୍ତୁ ପୁଅର ମୃତ୍ୟୁ ପରେ ପରିବାର ଲୋକେ ନା ତାକୁ ଡାକ୍ତରଖାନା ନେଲେ ନା ପୁଲିସ ଥାନାରେ ଏନେଇ ଖବର ଦେଲେ। ବରଂ ତରବରିଆ ଭାବେ ପୁଅର ଶବ ସତ୍କାର କରିଦେଇ ପରିବାର ଲୋକେ ଏବେ ବିବାଦ ଘେରକୁ ଟାଣି ହୋଇଯାଇଛନ୍ତି। ଏପରି ଏକ ଘଟଣା ପରେ ମୃତ୍ୟୁକୁ ନେଇ ସସପେନ୍ସ ଅଧିକ ଘନୀଭୂତ ହୋଇଛି। ଅନ୍ୟପକ୍ଷରେ ପୁଅକୁ ହରାଇ ଭାଙ୍ଗିପଡିଛନ୍ତି ବାପା-ମା'। ଆଖିରୁ ସେମାନଙ୍କର ଲୁହ ଶୁଖୁନାହିଁ ମାତ୍ର ୧୩ ବର୍ଷର ପୁଅକୁ ଆଖି ସାମ୍ନାରେ ହରାଇଲେ କୌଣସି ବାପା-ମା' ଧୈର୍ଯ୍ୟ ଧରି ରହିପାରିବେ ନାହିଁ। କିନ୍ତୁ ପୁଅର ମୃତ୍ୟୁ କେମିତି ହେଲା, କେଉଁ ଅବସ୍ଥାରେ ତାଙ୍କର ମୃତଦେହ ମିଳିଲା, ସେନେଇ ପରିବାର ଲୋକେ କୌଣସି ସଠିକ ଉତ୍ତର ଦେଇପାରୁନାହାଁନ୍ତି। ଯାହା ଫଳରେ ମୃତ୍ୟୁକୁ ନେଇ ସସପେନ୍ସ କ୍ରମାଗତ ଭାବେ ବଢ଼ିଚାଲିଛି। ପ୍ରଥମେ ମୃତ୍ୟୁ ଓ ପରେ ପୁଲିସକୁ କୌଣସି ସୂଚନା ନ ଦେଇ ତରବରିଆ ଭାବେ ଶବ ସତ୍କାର କରିବା ଘଟଣା ଅନେକ ସନ୍ଦେହ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ, ପାଠ ପଢ଼ା ପ୍ରତି ବୁବୁଲଙ୍କର ଆଗ୍ରହ ନଥିଲା। ସ୍କୁଲ ନଯାଇ ସାଙ୍ଗସାଥୀଙ୍କ ସହ ସମୟ ବିତାଉଥିଲେ ବୁବୁଲ। ଏଥିପାଇଁ ବାପା ଆକଟ କରୁଥିଲେ। ତେବେ ଗତକାଲି ସକାଳେ ଏନେଇ ବାପା ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ରାଗି ଯାଇ ବୁବୁଲ ଘରୁ ବାହାରିଯାଇଥିଲେ। କିନ୍ତୁ ଏହାର କିଛି ସମୟ ପରେ ସ୍ଥାନୀୟ ପଞ୍ଚବଟି ଆଶ୍ରମ ପରିସରରୁ ବୁବୁଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଗାଁର କେତେକ ମହିଳା ଜାଳକାଠ ସଂଗ୍ରହ ପାଇଁ ଆଶ୍ରମ ପରିସରକୁ ଯାଇଥିବା ବେଳେ ସେଠାରେ ଗଛରେ ବୁବୁଲଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। କିନ୍ତୁ ସେତେବେଳକୁ ବୁବୁଲ ସବୁଦିନ ପାଇଁ ଆଖି ବୁଜିସାରିଥିଲେ।

# କର୍କଟ ପୀଡିତାଙ୍କୁ କର୍କଟ ଯୋଦ୍ଧା ସମ୍ମାନ



ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ): କର୍କଟ ଭଳି ଏକ ମାରାତ୍ମକ ରୋଗ ସହିତ ଲଢ଼ି ନିଜର ମନବଳକୁ ଦୃଢ଼ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ୪ ଜଣ ବିଶିଷ୍ଟ ସାରସ୍ୱତ ସାଧକ କବିଙ୍କୁ କର୍କଟ ଯୋଦ୍ଧା ସମ୍ମାନ ରେ ସମ୍ମାନିତ କରାଯାଇଅଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ତଥା ପ୍ରତିଦିନ ତିନି ସହ ରୁ ଉର୍ଦ୍ଧ କର୍କଟ ରୋଗୀଙ୍କୁ ଚିକିତ୍ସା କରୁଥିବା ଭୁବନେଶ୍ୱର ଏମ୍ସ ର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡ଼ ସରୋଜ କୁମାର ଦାସ ମଜୁମଦାରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଅଛି । ଆଜି ରୋଟାରୀ ଭବନ ପରିସରରେ 'ଅପରାହ୍ନ' ସମ୍ବାଦପତ୍ର ପକ୍ଷରୁ ଆୟୋଜିତ କବିତା ପାଠ ଓ କର୍କଟ ଯୋଦ୍ଧା ସମ୍ମାନ ପ୍ରଦାନ ସମାରୋହରେ ଏ ସବୁ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ପ୍ରାୟ ୩୦ ରୁ ଉର୍ଦ୍ଧ କବି କର୍କଟ ରୋଗ ସମ୍ପର୍କ ରେ ଜନସଚେତନତା ସୃଷ୍ଟି କଲାଭଳି କବିତାମାନ ପାଠ କରିଥିଲେ । ଶେଷରେ କର୍କଟ ରୋଗରେ ପୀଡିତା କବୀ ସ୍ନେହଲତା ଦାସ ଲେଙ୍କା, ପୁଷ୍ପଲତା ମିଶ୍ର,ଜାନକୀ ବଲ୍ଲଭ ଦାସ ଓ ମାନୀ ଦାଶ ଙ୍କୁ କର୍କଟ ଯୋଦ୍ଧା ସମ୍ମାନ ଦିଆଯାଇଥିଲା । 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା, ପରିଚାଳନା ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦାସ ଓ ବିଶିଷ୍ଟ କଥାକାର, ସଂଳାପକାର ତଥା କବି ରମଣିରଞ୍ଜନ ପ୍ରମୁଖ ମଞ୍ଚାସିନ ଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ମହାନତାର ଗୁଣ-ଉତ୍ତମ କର୍ମ, ନିଃସ୍ୱାର୍ଥପର ସେବା, ପରୋପକାର ଓ ତ୍ୟାଗ ଜୀବନର କ୍ଷୁଁଠଇ ନା କେଉଁଠି ବହୁଗୁଣ ହୋଇ ପ୍ରତିଦାନ ସ୍ୱରୂପ ପ୍ରାପ୍ତ ହୋଇଥାଏ ଆଉ ଜୀବନ ମହାନ କରି ତୋଳେ।

SANCHAR
ସଂଚାର



# ଓଡ଼ିଶାକୁ ସର୍ବାଧିକ ଗୁରୁତ୍ୱ

ସ୍ୱାଧୀନତାର ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ଦେଶର ଅନ୍ୟତମ ଅବହେଳିତ ରାଜ୍ୟଭାବେ ବିବେଚିତ ହୋଇଆସୁଥିଲା। ଏହି ସମୟରେ ଓଡ଼ିାର ବିକାଶ ଯେ ହୋଇନାହିଁ, ସେକଥା ନୁହେଁ। କିନ୍ତୁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ବିକାଶ ପ୍ରକ୍ରିୟା ମନ୍ଥର ହୋଇଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଏହାର ଅନେକ କାରଣ ରହିଛି। ତେବେ ଓଡ଼ିଶାର ଦୁର୍ବଳ ନେତୃତ୍ୱ ଏହାର ଏକ ପ୍ରମୁକ କାରଣ। ସ୍ୱାଧୀନତା ପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟରେ କଂଗ୍ରେସ ସର୍ବାଧିକ ସମୟ କ୍ଷମତାରେ ରହିଛି। କିନ୍ତୁ ହରେକୃଷ୍ଣ ମହତାବ ଏବଂ ବିଜୁ ପଟ୍ଟନାୟକଙ୍କ ପରେ ଓଡ଼ିଶାରେ କଂଗ୍ରେସର କେହି ସେପରି ପ୍ରଭାବୀ ନେତା ଦେଖିବାକୁ ମିଳିନଥିଲେ। ନନ୍ଦିନୀ ଶତପଥି ଖୁବ କମ ସମୟ ପାଇଁ ନିଜକୁ ଜଣେ ଜାତୀୟ ସ୍ତରର ନେତ୍ରୀଭାବେ ପ୍ରତିଷ୍ଠା କରିଥିଲେ। କିନ୍ତୁ ସେ ନିଜ ରାଜନୈତିକ ଜୀବନ ଅନ୍ତ ହେବାର ବହୁ ପୂର୍ବରୁ ନିଷ୍କ୍ରିୟ ହୋଇଗଲେ। ଜାନକୀ ବଲ୍ଲଭ ପଟ୍ଟନାୟକ ରାଜ୍ୟ କଂଗ୍ରେସର ଜଣେ ପ୍ରବୀଣ ନେତା ଥିଲେ। କିନ୍ତୁ ଜାତୀୟ ସ୍ତରରେ ବା କେନ୍ଦ୍ର ସରକାରଭିକ ଉପରେ ତାଙ୍କର ପ୍ରଭାବ ନଥିଲା। ସେ କେବଳ ରାଜ୍ୟରେ ନିଜ କ୍ଷମତା ବଜାୟ ରଖିବା ଉପରେ ଦୃଷ୍ଟି ଦେଇଥିଲେ। ସେ ଯଦି କେନ୍ଦ୍ରୀୟ ରାଜନୀତିରେ ଦୃଷ୍ଟି ନିବଦ୍ଧ କରିଥାନ୍ତେ ତେବେ କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥାଆନ୍ତେ। ଏହା ଓଡ଼ିଶା ପାଇଁ ଲାଭଜନକ ହୋଇଥାଆନ୍ତା। କଂଗ୍ରେସର ଦୀର୍ଘ ବର୍ଷର ଶାସନ କାଳରେ ଓଡ଼ିଶା ଚରମ ଅବହେଳାର ଶିକାର ହୋଇଥିଲା। ସ୍ୱାଧୀନତାର ପ୍ରଥମ ୨୦ ବର୍ଷ ଭିତରେ ଓଡ଼ିଶାରେ ଯେପରି ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା, ତାହା ପରବର୍ତ୍ତୀ ସମୟରେ ଧିମେଇ ଗଲା। ବିଶେଷ କରି ରେଳବିକାଶରେ ଓଡ଼ିଶା ସାରା ଦେଶରେ ପଛରେ ପଡ଼ିଥିଲା। ତେବେ ସବୁଠାରୁ ବଡ଼ କଥା ହେଲା ଓଡ଼ିଶାର ସମ୍ମାନ। ଓଡ଼ି ଏକ ଗରିବ ଏବଂ ପଛୁଆ ରାଜ୍ୟ ବୋଲି ଆଜି ବି ଦୁର୍ନାମ ରହିଛି। ଅଶୀ ଦଶକରେ ପିଲା ବିକ୍ରୀ ଘଟଣା ସାରା ଦେଶରେ ଓଡ଼ିଶାକୁ ବଦନାମ କରିଥିଲା। ଏହା ହେଉଛଇ ସବୁଠାରୁ ଦୁର୍ଭାଗ୍ୟର ବିଷୟ। ଏସବୁ ବଦନାମ ଏବଂ ଅସମ୍ମାନ ଭିତରେ ବିଜୁ ବାବୁ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସହ ଜାତୀୟ ସ୍ତରରେ ମଧ କେହି ସମକକ୍ଷ ନଥିଲେ। ଜାତୀୟ ସ୍ତରରେ ଅଣ କଂଗ୍ରେସ ରାଜନୀତିର ସେ ଥିଲେ ସର୍ବୋଚ୍ଚ ନେତା। ସେଥିପାଇଁ କେନ୍ଦ୍ରରେ ଯେତେବେଳେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ ଓଡ଼ିଶାକୁ ଉଚିତ ସମ୍ମାନ ମିଳିଛି। ଏକଦା ଓଡ଼ିଶାର ୨୧ ଲୋକସଭା ଆସନରୁ କଂଗ୍ରେସ ୨୦ ଆସନ ଜିତୁଥିଲା। କେନ୍ଦ୍ରରେ ଓଡ଼ିଶାରୁ କେହି ଜଣେ ହେଲେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ପାଇନଥିଲେ। ଏକଦା ଓଡ଼ିଶାରୁ କେବଳ ଜଣେ ବ୍ରଜ ମୋହନ ମହାନ୍ତି କେନ୍ଦ୍ରରେ ଉପମନ୍ତ୍ରୀ ଥିଲେ। ୨୦୦୯ରେ କଂଗ୍ରେସ ରାଜ୍ୟର ୬ଟି ଲୋକସଭା ଆସନ ଜିତିଥିଲା। କିନ୍ତୁ କେବଳ ଜଣେ ଶ୍ରୀକାନ୍ତ ଜେନା କେନ୍ଦ୍ରରେ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ହୋଇଥିଲେ। ହେମାନନ୍ଦ ବିଶ୍ୱାଳ, ଭକ୍ତ ଚରଣ ଦାସଙ୍କ ଭଳି ବରିଷ୍ଠ ନେତା ଲୋକସଭାକୁ ନିର୍ବାଚିତ ହୋଇଥିଲେ ମଧ ସେମାନେ କେହି ମନ୍ତ୍ରୀ ପଦ ପାଇନଥିଲେ। ଏହା ଥିଲା ଓଡ଼ିଶା ପ୍ରତି କଂଗ୍ରେସର ହୀନମନ୍ୟତା। ଏଥିପାଇଁ କଂଗ୍ରେସ ଆଜି ରାଜ୍ୟରେ ତଳିତଲାନ୍ତ ହେବାକୁ ବସିଲାଣି। ଅତୀତରେ ଓଡ଼ିଶାରୁ ଚିନ୍ତାମଣି ପାଣିଗ୍ରାହୀ, କେ ପି ସିଂହଦେଓ, କାହ୍ନୁ ଚରଣ ଲେଙ୍କା ପ୍ରମୁଖ କେନ୍ଦ୍ରରେ ରାଷ୍ଟ୍ରପାହ୍ୟା ମନ୍ତ୍ରୀ ହୋଇଛନ୍ତି। ସେମାନେ କ୍ୟାବିନେଟ ମନ୍ତ୍ରୀ ହେବାକୁ ଯୋଗ୍ୟ ଥିଲେ। ଅନ୍ୟ ପକ୍ଷରେ ୧୯୭୭ରୁ ଆଜି ପର୍ଯ୍ୟନ୍ତ ଯେତେବେଳେ କେନ୍ଦ୍ରରେ ଅଣକଂଗ୍ରେସ ସରକାର ପ୍ରତିଷ୍ଠା ହୋଇଛି ସେତେବେଳେ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଓଡ଼ିଶାର ପ୍ରତିନିଧିତ୍ୱ ବଢ଼ିଛି। ଅଣକଂଗ୍ରେସ ସରକାର ସମୟରେ କେନ୍ଦ୍ରରେ ଓଡ଼ିଶାର ନେତାମାନେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର କ୍ୟାବିନେଟ ମନ୍ତ୍ରୀ ପଦ ପାଇଛନ୍ତି। ରବି ରାୟ ଲୋକସଭାର ବାଚସ୍ପତି ହୋଇଛନ୍ତି। ୨୦୧୪ରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନଡିଏ ସରକାର ପ୍ରତିଷ୍ଠା ହେବା ପରେ ଓଡ଼ିଶାକୁ ଯଥୋଚିତ ନ୍ୟାୟ ଏବଂ ସମ୍ମାନ ମିଳିଛି। ଏବେ କେନ୍ଦ୍ରରେ ଓଡ଼ିଶାର ୩ଜଣ କ୍ୟାବିନେଟ ମନ୍ତ୍ରୀ ଅଛନ୍ତି। ରେଳବାଇ, ସୂଚନା ଏବଂ ପ୍ରସାରଣ, ଶିକ୍ଷା, ଆଇଟି, ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିଛି। ଅଶ୍ୱିନୀ ବୈଷ୍ଣବ ରେଳବାଇ ମନ୍ତ୍ରୀ ହେବା ପରେ ଓଡ଼ିଶାରେ ରେଳ ବିକାଶ ତ୍ୱରାନ୍ୱିତ ହୋଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୀର୍ଘ ବର୍ଷ ଧରି କେନ୍ଦ୍ରରେ ପେଟ୍ରୋଲିୟମ ମନ୍ତ୍ରୀ ଥିଲେ। ସେ ମଧ ଅନେକ ଦିନ ଧରି ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦାୟିତ୍ୱରେ ଥିଲେ। ତାଙ୍କ ଉଦ୍ୟମରେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ କେନ୍ଦ୍ର ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ନରେନ୍ଦ୍ର ମୋଦିଙ୍କ ସମୟରେ ଓଡ଼ିଶାର ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପତି ହୋଇପାରିଲେ। ଏହା କିଛି କମ କଥା ନୁହେଁ। ଓଡ଼ିଶାରୁ କେହି ଜଣେ ଭାରତର ରାଷ୍ଟ୍ରପତି ହେବେ ଏକଥା କେହି କଳ୍ପନା କରିନଥିଲେ। କେନ୍ଦ୍ରର ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓଡ଼ିଆ ଅଫିସର ଅଛନ୍ତି। ସେଥିପାଇଁ ଗତ ନିର୍ବାଚନରେ ଓଡ଼ିଶାବାସୀ ବିଜେପିକୁ ଅକୁଣ୍ଠିତ ସମର୍ଥନ ପ୍ରଦାନ କରିଛନ୍ତି। ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକି ନିଜ ବଳରେ ସରକାର ଗଠନ କରିବାକୁ ସମର୍ଥ ହୋଇଛି। ଏହା ପରେ ମଧ ନରେନ୍ଦ୍ର ମୋଦି, ଅମିତ ଶାହା ଏବଂ ଜେପି ନଡ୍ଡା ଓଡ଼ିଶାକୁ ବାରମ୍ବାର ଆସିଛନ୍ତି ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଓଡ଼ିଶାର ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଓଡ଼ିଶାରେ ମାତ୍ର ୭ ମାସ ତଳେ ବିଜେପି ସରକାର ଗଠିତ ହୋଇଛି। ମାତ୍ର ୭ ମାସ ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ପଞ୍ଚମ ଥର ପାଇଁ ଓଡ଼ିଶା ଆସୁଛନ୍ତି। ୨୮ରେ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଯାଉଥିବା ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗ ଦେବେ। ବିଗତ ୭ ମାସ ଭିତରେ ମୋଦିଜୀ ଅନେକ ଥର ଓଡ଼ିଶା ଆସିଛନ୍ତି। ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଛନ୍ତି, ଡିଜିପି ସମ୍ମିଳନୀରେ ଯୋଗ ଦେଇଛନ୍ତି, ପ୍ରବାସୀ ଭାରତୀୟ ଦିବସ ଅବସରରେ ଆୟୋଜିତ ସମ୍ମିଳନୀରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବ୍ୟତିତ ବିଜେପିର ଅନେକ ତୁଙ୍ଗ ନେତା, କେନ୍ଦ୍ରମନ୍ତ୍ରୀଗଣ ଓଡ଼ିଶା ଆସିଛନ୍ତି। ଓଡ଼ିଶାକୁ ବିଜେପିର ଏକ ଗଡ଼ରେ ପରିଣତ କରିବା ଲାଗି ମୋଦିଜୀ ଯୋଜନା କରିଛନ୍ତି। ଗୁଜରାଟ, ମଧ୍ୟପ୍ରଦେଶ, ୟୁପି ଭଳି ଓଡ଼ିଶାରେ ବିଜେପି ଯେପରି ଦୀର୍ଘ ବର୍ଷ ପର୍ଯ୍ୟନ୍ତ ଶାସନ କ୍ଷମତାରେ ରହିବ ସେଥିଲାଗି ବିଜେପି କେନ୍ଦ୍ରୀୟ ନେତୃତ୍ୱ ଯୋଜନା କରିଛନ୍ତି ଏବଂ ସୁଚିନ୍ତିତ ଉପାୟରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଓଡ଼ିଶାରେ କିଏ କ୍ଷମତାରେ ରହିବ, କିଏ ନିର୍ବାଚନରେ ବିଜୟୀ ହେବ ତାହା ବଡ଼ କଥା ନୁହେଁ। ବଡ଼ କଥା ହେଲା ଓଡ଼ିଶାର ବିକାଶ। ମୋଦିଙ୍କ ଶାସନ କାଳରେ ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଓଡ଼ିଶାର ରାଜନୈତିକ ଗୁରୁତ୍ୱ ବଢ଼ିଛି। ଏହାକୁ ବିରୋଧୀ ମଧ ସ୍ୱୀକାର କରିବା ଉଚିତ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ସଙ୍କଳ୍ପ ନେବାକୁ ମୋଦିଜୀ ଆହ୍ୱାନ କରିଛନ୍ତି। ଆଶା କରାଯାଉଛି ତାଙ୍କର ଏହି ସଙ୍କଳ୍ପ ସଫଳ ହେବ। ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇବାର ୧୦୦ ବର୍ଷ ପୂରଣ ହେବେ ରାଜ୍ୟର ବିକାଶରେ କାହାର ଅଧିକ ଭୂମିକା ରହିଛି ତାହାର ତର୍ଜମା କରାଯିବ ସେଥିରେ ନରେନ୍ଦ୍ର ମୋଦିଙ୍କ ନାମ ନିଶ୍ଚିତ ଭାବେ ରହିବ। ଆସିବା ଆସନ୍ତା ୨୮ରେ ଭୁବନେଶ୍ୱରରେ ଉତ୍କର୍ଷ ଓଡ଼ିଶା ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଦେଶ ବିଦେଶର ଅନେକ ନିବେଶକ ଯୋଗ ଦେବେ। ଏହା ମାଧ୍ୟମରେ ଓଡ଼ିଶାକୁ ବିପୁଳ ପୁଞ୍ଜି ଆସିବ ଏବଂ ରାଜ୍ୟରେ ଶିଳ୍ପ ବିକାଶ ସହ ଭିତ୍ତିଭୂମି ବିକାଶ ସମ୍ଭବ ହୋଇପାରିବ। ଏହି ବିକଶିତ ଓଡ଼ିଶା ଗଠନ ଲାଗି ଏହାଠାରୁ ଭିତ୍ତିଭୂମି ପଡ଼ିବ ବୋଲି ଆଶା କରାଯାଉଛି। ଏବେ ଓଡ଼ିଶାରେ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ଉଡିଶା ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାର ବିକାଶ ଦାୟିତ୍ୱ ଏକ ଟିମ ଗଠନ କରି ଦେଇଛନ୍ତି। ଏହି ଟିମର ମୁଖିଆ ହେଲେ ମୋହନ ମାଝୀ। ତାଙ୍କ ସହିତ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଏବଂ ଜୁଏଲ ଓରାମ ମଧ ଅଛନ୍ତି। ଲୋକସଭାରେ ଓଡ଼ିଶାରୁ ବିଜେପି୨୦ଜଣ ସଭ୍ୟ ଅଛନ୍ତି। ବିକାଶ ପାଇଁ ଏହାଠାରୁ ଅଧିକ ବଡ଼ ସୁଯୋଗ ଆଉ କେବେ ମିଳିବ କି ନାହିଁ ସନ୍ଦେହ।

# ରାମରାଜ୍ୟର ପରିକଳ୍ପନା ଏବଂ ଏହାର ବାସ୍ତବତା



ଆଶୁତୋଷ ନାୟକ

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସାଧାରଣ ଜନତା ପ୍ରକୃତ କ୍ଷମତାର ଅଧିକାରୀ ହୋଇଥାନ୍ତି। ଜନତାଙ୍କ ଆଶୀର୍ବାଦ ବିନା କୌଣସି ରାଜନୈତିକ ବ୍ୟକ୍ତି କିମ୍ବା ଦଳ କ୍ଷମତା ହାସଲ କରିବା ଅସମ୍ଭବ। ମନୁଷ୍ୟର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ବିନା ସମାଜରେ ବଞ୍ଚିବା ଅସମ୍ଭବ। ଆମ ଦେଶର ଗରିବ ଏବଂ ମଧବିତ୍ତ ଏହି ୩ଟି ମୌଳିକ ଚାହିଦା ପୂରଣ କରିବା ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଏହା ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଯେ ଆମ ଦେଶର ସୁବିଧାବାଦୀ, ସ୍ୱାର୍ଥପର ରାଜନେତା କ୍ଷମତା ଓ ପଦପଦବୀ ହାସଲ କରିବା ପାଇଁ ବ୍ୟଗ୍ର। ସେମାନେ ସମସ୍ତ ନୀତି, ନିୟମ, ନୈତିକତା, ଆଦର୍ଶତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କ୍ଷମତା ହାସଲ କରିବା ପାଇଁ ସଦାସର୍ବଦା ଚେଷ୍ଟିତ। ଆମ ଦେଶର ଗରିବ ଓ ମଧବିତ୍ତ ବ୍ୟକ୍ତି ସମସ୍ତ ନିତ୍ୟବ୍ୟବହାର କରୁଥିବା ସାମଗ୍ରୀ ଯେପରି ସାମାନ୍ୟ ଛୁଞ୍ଚି ଟୁ ଆରମ୍ଭ କରି ଫ୍ରିଜ ପ୍ରଯ୍ୟନ୍ତ ଜିଏସଟି ଆକାରରେ ସରକାର କୋଟି କୋଟି ଟଙ୍କା ଆଦାୟ କରୁଛନ୍ତି। ଟୋଲଟାକ୍ସରେ ଅନେକ ରାଜସ୍ୱ ସରକାର କମାଉଛନ୍ତି। ଏପରିକି କ୍ୟାନସର, ଡାଇବେଟିସ, ହାର୍ଟଆଟାକ ପରି ଭୟଙ୍କର ରୋଗର ଉପଶମ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନ ରେ ଆମ ସରକାର ୧୨%ଜିଏସଟି ଆଦାୟ କରୁଛନ୍ତି।ଗୋଟିଏ ସାଧାରଣ ଗରିବ, ମଧବିତ୍ତ ପରିବାର ପାଇଁ ଏହା 'ବୋଝ ଉପରେ ଲଳିତା ବିଡା ସଦୃଶ 'ଜ୍ଞ ବର୍ତ୍ତମାନ ସମୟରେ ପନିପରିବା ଓ ଅତ୍ୟାବଶ୍ୟକୀୟ ସାମଗ୍ରୀର ଅହେତୁକ ବୃଦ୍ଧି ସାଧାରଣ ଗରିବ ମଧବିତ୍ତ ବ୍ୟକ୍ତିଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ରାତିଦିନ ସଂଘର୍ଷ କରୁଛନ୍ତି ଏବଂ ଯେଉଁମାନେ କ୍ୟାନସର, ଡାଇବେଟିସ, ହାର୍ଟ ଆଟାକ ପରି ଭୟଙ୍କର ରୋଗରେ ପୀଡିତ ସେମାନଙ୍କ ସମସ୍ତ ଝାଳବୁହା କଷ୍ଟଉପାର୍ଜିତ ଅର୍ଥ ବିନିଯୋଗ ହେଉଛି ମେଡ଼ିସିନ ଏବଂ ମେଡିକାଲ ଟେଷ୍ଟରେ। ସେଥିପାଇଁ ଅନେକ ସାଧାରଣ ବ୍ୟକ୍ତି ଋଣ ଭାରରେ ଭାରାକ୍ରାନ୍ତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ସରକାରୀ କଳ ଏବଂ ଜଟିଳ ବ୍ୟବସ୍ଥା ଦାୟୀ।



ଆଇଏଲଓର ରିପୋର୍ଟ ଅନୁସାରେ ୨୦୦୦ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟାରେ ଦୁଇଗୁଣା ବୃଦ୍ଧି ଘଟିଛି।୨୦୦୦ ମସିହାରେ ଆମ ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ୩୫.୨%ଥିଲା କିନ୍ତୁ ୨୦୨୨ରେ ଏହା ୬୫.୭% ବୃଦ୍ଧି ଘଟିଛି। ସରକାର ବେକାରୀ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଆମ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇପଡ଼ିଥିବା ପରି ପ୍ରତୀୟମାନ ହେଉଛି। ବଡ଼ ବଡ଼ ଅଟ୍ଟାଳିକ, ରାସ୍ତା ନିର୍ମାଣ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷ ଲକ୍ଷ ଗଛଲତା ବଳି ପଡୁଛନ୍ତି। ସେଥିପାଇଁ ତାପମାତ୍ରା ଅହେତୁକ ବୃଦ୍ଧି ଘଟୁଛି। ଅନେକ ସ୍ଥାନରେ ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୮ସ୍ୱ, ୪୯ସ୍ୱ କେତେକ ସ୍ଥାନରେ ଏହା ୫୦ ଡିଗ୍ରୀରୁ ଅଧିକ ପ୍ରଚଣ୍ଡ ରୌଦ୍ର ତାପ ହେଉଛି। ପାଣିପାଗ ବିଶେଷଜ୍ଞଙ୍କ ମତରେ ଆଗକୁ ପରିସ୍ଥିତି ଭୟଙ୍କର ହେବାକୁ ଯାଉଛି। ବିଶ୍ୱରେ ଅସ୍ୱାଭାବିକ ଭାବେ ବଦଳୁଛି ପାଣିପାଗ। ଜଳବାୟୁ ପରିବର୍ତ୍ତନ ପାଇଁ ବନ୍ୟପ୍ରାଣୀ, ଗଛଲତା, ମନୁଷ୍ୟ, ଜୀବଜନ୍ତୁ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଏହି ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ସେମାନେ ପ୍ରାଣତ୍ୟାଗ କରୁଛନ୍ତି। ବିଶ୍ୱର ଲଣ୍ଡନ, ପ୍ୟାରିସ ନ୍ୟୁୟର୍କ, ଟୋକିଓ ପରି ବଡ଼ବଡ଼ ସହର ଏବଂ ଆମ ଦେଶର ମେଟ୍ରୋସିଟି ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ଚେନ୍ନାଇରେ କ୍ରମାଗତ ଜନସଂଖ୍ୟା ଓ ଗାଡ଼ିମଟର, କଳକାରଖାନା ବୃଦ୍ଧି ପାଇଁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି। ସ୍ପ୍ରେ, ଅତର ବହୁଳ ବ୍ୟବହାର ପାଇଁ ଆମ ଓଜନ ସ୍ତରରେ ରନ୍ଧ୍ର ହେବାରେ ଲାଗିଛି। ଏଥିପାଇଁ ଚର୍ମକର୍କଟ ପରି ଭୟଙ୍କର ସମସ୍ୟାରେ ଜର୍ଜରିତ ବିଶ୍ୱବାସୀ। ବିଭିନ୍ନ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏପରି ପରିସ୍ଥିତି ଲାଗିରହିଲେ ଆଗାମୀ କିଛି ବର୍ଷ ମଧ୍ୟରେ ବିଶ୍ୱର ୫୦%ରୁ ଅଧିକ ବ୍ୟକ୍ତି ବିଭିନ୍ନ ଶ୍ୱାସଜନିତ ରୋଗ ଯେପରି ଆଜମା, ଫୁସଫୁସ୍, ହାର୍ଟଷ୍ଟ୍ରୋକ, କ୍ୟାନସର ପରି ଭୟଙ୍କର ରୋଗରେ ଆକ୍ରାନ୍ତ ହେବେ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ।ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ। ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୁଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ। କରୋନା ମହାମାରୀ ସମୟରେ ନିଜକୁ ସବୁଠାରୁ ବଳଶାଳୀ ମନେକରୁଥିବା ସମଗ୍ର ମାନବଜାତି ନିଜର ଅସ୍ତିତ୍ୱ ପାଇଁ ଗୃହବନ୍ଦୀ ହୋଇରହିଥିଲା। ସମଗ୍ର ବିଶ୍ୱ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷିଆ, ଜାପାନ, ଚୀନ, ଫ୍ରାନ୍ସ, ଜର୍ମାନୀ ଇତ୍ୟାଦି କରୋନା ଭୁତାଣୁ ଆଗରେ ନତମସ୍ତକ ହୋଇପଡ଼ିଥିଲା। ସେମାନଙ୍କ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା, ଉନ୍ନତ ଜ୍ଞାନକୌଶଳ ସବୁକିଛି ବ୍ୟର୍ଥ ହୋଇଯାଇଥିଲା। ବିକଶିତ ରାଷ୍ଟ୍ର ମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିଲା।ଲକ୍ଷ ଲକ୍ଷ ଲୋକ ପୋକମାଛି ପରି ମୃତ୍ୟୁବରଣ କରୁଥିଲେ। ଅନେକ ବ୍ୟକ୍ତିଙ୍କ ଖାଦ୍ୟ ଅଭାବରୁ ସେ ସମୟରେ ଜୀବନ ପ୍ରଦୀପ ଲିଭିଯାଇଥିଲା। ପ୍ରାଣଘାତୀ ମାରାତ୍ମକ କରୋନା ଭୁତାଣୁ ପାଖରେ ସମଗ୍ର ବିଶ୍ୱ ଯେପରି ଅସହାୟ ଓ ନିରୁପାୟ ହୋଇପଡ଼ିଥିଲା ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ ଅଛି। ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱାଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି। ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି। ଧୀରେ ଧୀରେ ଆମ ଦେଶର ରାଜନୀତି କଲୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ। ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା। ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ। ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା।ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ।କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା। ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା।ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି। ସଦ୍ୟ ସମାପିତ ଲୋକସଭା ନିର୍ବାଚନରେ ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ରାଜନୈତିକ ଦଳ ମାନେ ବିପୁଳ ଟଙ୍କା, ସୁନା ଅଳଙ୍କାର ଓ ବିଭିନ୍ନ ଲୋଭନୀୟ ସାମଗ୍ରୀ ବାଣ୍ଟିଥିଲେ। ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ୧୦୦୦୦କୋଟିରୁ ଅଧିକ ନଗଦ ଟଙ୍କା, ୧୨୬୦କୋଟିରୁ ଅଧିକ ସୁନା ଅଳଙ୍କାର ଏବଂ ବିଭିନ୍ନ ଲୋଭନୀୟ ସାମଗ୍ରୀ ଦେଶର ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା। ଏହା ନିଶ୍ଚିତ ଭାବେ ଭାରତୀୟ ନିର୍ବାଚନ ଇତିହାସ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ।

ନିରପେକ୍ଷ ଭାବରେ କାର୍ଯ୍ୟ କରୁଥିବା ଆଗ ଧାଡ଼ିର ସର୍ବେକ୍ଷଣ ସଂସ୍ଥା ଏଡ଼ିଆର ଏବଂ ଇଲେକ୍ସନ ୱାଚର ରିପୋର୍ଟ ଅନୁସାରେ ସଦ୍ୟ ସମାପିତ ହୋଇଥିବା ଲୋକସଭା ନିର୍ବାଚନରେ ୮୩୬୦ଜଣ ପାର୍ଥୀ ନିର୍ବାଚନ ରଣାଙ୍ଗନରେ ନିଜର ଭାଗ୍ୟ ପରୀକ୍ଷା କରିଥିଲେ। ସେଥିମଧ୍ୟରୁ ୧୩୩୩ଜଣ ପାର୍ଥୀ ଜାତୀୟ ଦଳରୁ, ୫୩୨ଜଣ କ୍ଷତ୍ରୀୟ ଦଳରୁ ଏବଂ ୩୯୧୫ଜଣ ପାର୍ଥୀ ସ୍ୱାଧୀନ ଭାବରେ ଲଢ଼ିଥିଲେ ଏବଂ ୨୫୮୦ଜଣ ପାର୍ଥୀ ଅଣତାଲିକାଭୁକ୍ତ ଦଳରୁ ନିର୍ବାଚନ ଲଢ଼ିଥିଲେ। ଜାତୀୟ ଦଳରୁ ନିର୍ବାଚନ ଲଢ଼ିଥିବା ୧୩୩୩ଜଣ ପାର୍ଥୀଙ୍କ ମଧ୍ୟରୁ ୪୪୩ଜଣ ପାର୍ଥୀ ନିଜ ନାମରେ ରହିଥିବା ଅପରାଧ ମାମଲାକୁ ସତ୍ୟପାଠରେ ଦର୍ଶାଇଛନ୍ତି। ସେଥିମଧ୍ୟରୁ ୧୬୯ଜଣ ପାର୍ଥୀଙ୍କ ନାମରେ ରହିଛି ହତ୍ୟା, ଧର୍ଷଣ, ଚୋରି, ଦଙ୍ଗା ଉସୁକାଇବା, ଡକାୟତି, ଦେଶଦ୍ରୋହ ପରି ଅତି ସଙ୍ଗୀନ ଅପରାଧିକ ମାମଲା।

ସ୍ୱାଧୀନ ଭାବରେ ଲଢୁଥିବା ୩୯୧୫ଜଣ ପାର୍ଥୀଙ୍କ ମଧ୍ୟରୁ ୫୫୦ଜଣଙ୍କ ନାମରେ ଅପରାଧିକ ମାମଲା ରହିଛି ସେଥିମଧ୍ୟରୁ ୪୧୧ଜଣ ପାର୍ଥୀଙ୍କ ନାମରେ ରହିଛି ସଙ୍ଗନୀ ଅପରାଧିକ ମାମଲା। ଏକବିଂଶ ଶତାବ୍ଦୀର ରାଜନେତାଙ୍କୁ ଲକ୍ଷ୍ୟ କଲେ ଏହା ସଷ୍ଟ୍ର ଭାବେ ପ୍ରତୀୟମାନ ହୁଏ ଯେ ସବୁ ରାଜନୈତିକ ଦଳ ନିଜର ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରନ୍ତି। ନିର୍ବାଚନରେ ବିଜୟୀ ହେବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଅବାସ୍ତବ ସ୍ୱପ୍ନ ଦେଖାଇଥାନ୍ତି।ସବୁ ନୀତି, ନିୟମ, ନୈତିକତାକୁ ଜଳାଞ୍ଜଳି ଦେଇ ଯେକୌଣସି ଉପାୟରେ କଳ, ବଳ, କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ସେମାନଙ୍କ ମୁଖ୍ୟ ଲକ୍ଷ୍ୟ ଥାଏ। ଶାସନ କ୍ଷମତାରେ ରହିଥିବା ଶାସକଦଳ ଅଧିକ ଅର୍ଥ ବଳ, ବାହୁ ବଳ, କ୍ଷମତା ବଳ ଉପଯୋଗ କରିବାକୁ ସକ୍ଷମ ହୋଇଥାଏ। ବିରୋଧୀ ଦଳଙ୍କୁ ସେହିପରି ସୁଯୋଗ ମିଳିନଥାଏ। ଏହି ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ରାଜନୈତିକ ଇତିହାସକୁ ଅବଲୋକନ କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ଯେପରିକି ଆୟକର ବିଭାଗ, ଇଡ଼ି, ସିବିଆଇ, ଏନଆଇ, ଏହା ସହିତ ନିର୍ବାଚନ କମିଶନଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମତାଧିନ ଶାସକଦଳ ଚେଷ୍ଟା କରେ। ଅନେକାଂଶରେ ଶାସକ ଦଳ ଏଥିରେ ସଫଳ ହୁଏ ଏବଂ ବିରୋଧୀମାନଙ୍କୁ ଭୟଭୀତ କରିବା ପାଇଁ ଏହାକୁ ଅମୋଘ ଅସ୍ତ୍ର ଭାବରେ ବ୍ୟବହାର କରେ।

ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଆମ ଦେଶରେ ଅପାତକାଳ ଘୋଷଣା କରାଯାଇଥିଲା। ଏହି ସମୟକୁ ଗଣତନ୍ତ୍ରର କଳାଦିବସ ଭାବେ ବିବେଚନା କରାଯାଏ। ସରକାରଙ୍କ ଏକଛତ୍ରବାଦୀ ନୀତିକୁ ସମାଲୋଚନା କରୁଥିବା ଅନେକ ସ୍ୱେଚ୍ଛାସେବୀ, ବିରୋଧୀ ଦଳ ନେତା, ସାମ୍ବାଦିକ ମାନଙ୍କୁ ବନ୍ଦୀ କରାଯାଇ କାରାଗାରରେ ରଖାଯାଇଥିଲା। ସେହି ସମୟରେ ୨୦୦ରୁ ଅଧିକ ସାମ୍ବାଦିକଙ୍କୁ କରାଗାରରେ ରଖାଯାଇଥିଲା। ଇଂରାଜୀ ଦୈନିକ ଖବରକାଗଜ ଇଣ୍ଡିଆନ ଏକ୍ସପ୍ରେସ ଇନ୍ଦିରାଗାନ୍ଧୀଙ୍କ ଏକଛତ୍ରବାଦୀ ନୀତି ଏବଂ ଅପାତକାଳକୁ ବିରୋଧ କରି ୧୯୭୫ମସିହା ଜୁନ୨୫ ତାରିଖରେ ତାର ସମ୍ପାଦକୀୟ ପୃଷ୍ଠାକୁ ଖାଲି ରଖିଥିଲା। ଏହିପରି ଅନେକ ଘଟଣାରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସାଧାରଣ ଜନତାଙ୍କ ବିଦ୍ରୋହର ସ୍ୱର ପ୍ରଖର ହୋଇଥିଲା ଏବଂ ନିରୀହ ଜନସାଧାରଣଙ୍କ ମନରେ ଅସନ୍ତୋଷର ବହ୍ନି ପ୍ରଜ୍ୱଳିତ ହୋଇଥିଲା। ସେଥିପାଇଁ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ସତ୍ୟ ଅହିଂସାର ପୂଜାରୀ ଜାତିର ପିତା ମହାତ୍ମା ଗାନ୍ଧୀ କହିଛନ୍ତି ଶୋଷଣକାରୀ ମାନେ ଯେବେ ସଂଗ୍ରାମୀକୁ ଲୋଭ ଦେଖାଇ କିଣିନପାରନ୍ତି, ସେତେବେଳେ ଯନ୍ତ୍ରଣା ଦେଇ ମୁହଁ ବନ୍ଦ କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ସତ୍ୟର ଏକ ଚମତ୍କାର ଶକ୍ତି ଅଛି ଏହାକୁ ହଇରାଣ କରାଯାଇପାରିବ କିନ୍ତୁ ପରାଜିତ ନୁହଁ।

ଆମ ଦେଶର ଜାତୀୟ ପିତା ସତ୍ୟ ଓ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟର ପରିକଳ୍ପନା ସେତେବେଳେ ସମ୍ଭବ ହେବ ଯେତେବେଳେ ଆମ ଦେଶର ରାଜନେତା ପରସ୍ପର କାଦୁଅଫିଙ୍ଗା ରାଜନୀତିରୁ ବିରତ ରହି ରାଷ୍ଟ୍ରର ଉନ୍ନତି ପାଇଁ ଆପ୍ରାଣ ଉଦ୍ୟମ କରିବେ। ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା, ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟାରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ। ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ। ଭୋଟ ବ୍ୟାଙ୍କ ଏବଂ କାଦୁଅ ଫିଙ୍ଗା ରାଜନୀତିରୁ ଦୁରେଇ ରହି ନିଜର ଦଳୀୟ ସ୍ୱାର୍ଥ ଅପେକ୍ଷା ଆମ ରାଷ୍ଟ୍ରର ହିତ ତଥା ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଗରିବ ଓ ମଧ୍ୟବିତ୍ତ ଲୋକଙ୍କ ଅଧିକାର ପାଇଁ ସବୁ ରାଜନେତାଙ୍କୁ ଲଢେଇ କରିବାକୁ ପଡ଼ିବ।ସମସ୍ତଙ୍କ ମିଳିତ ସହଯୋଗରେ ଆମ ଦେବଭୂମି, ମାତୃଭୂମି, ପୁଣ୍ୟଭୂମି ଭାରତର ସର୍ବାଙ୍ଗୀନ ବିକାଶ ହୋଇପାରିବ ଏବଂ ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ: ୭୦୨୦୬୧୧୩୦୦**

# ଷଟ୍‌ତିଳା ଏକାଦଶୀ




ଡ଼ଃ.ଅରୁନ୍ଧତୀ ଦେବୀ

ଭଗବାନ କୃଷ୍ଣ ଯୁଧିଷ୍ଠିରଙ୍କୁ କହିବା ଅନୁଯାୟୀ ମାଘ ମାସ କୃଷ୍ଣ ପକ୍ଷ ଏକାଦଶୀର ନାମ ଷଟ୍‌ତିଳା ଏକାଦଶୀ। ଏହି ଏକାଦଶୀର ନିୟମ ଅନୁଯାୟୀ ଦଶମୀ ଓ ଦ୍ୱାଦଶୀରେ ହବିଷ ଭୋଜନ କରି ଏକାଦଶୀ ଦିନ ଉପବାସ ରହି ବ୍ରତି ଜାଗର ବ୍ରତ ପାଳନ କରନ୍ତି। ଷଟ୍‌ତିଳା ଏକାଦଶୀ କହିବା ଅର୍ଥରେ ଏହା ଛଅଟି କଥାକୁ ବୁଝାଏ - ୧. ତିଳରେ ସ୍ନାନ (ରାଶି), ୨. ତିଳରେ ଶରୀର ଲେପନ, ୩. ତିଳରେ ହବନ (ଅଗ୍ନି-ହୋମ), ୪. ତିଳାଂଜଳି (ରାଶି ସହିତ ଠାକୁରଙ୍କର ଚରଣୋଦକ), ୫. ତିଳର ଭୋଜନ ଏବଂ ୬. ତିଳର ଦାନ। ଏହା ହିଁ ଷଟ୍‌ତିଳା। ଏହାର ମହାତ୍ମ୍ୟ ପୁଲ୍ୟସ୍ତ ଋଷି, ଦାଲଭ୍ୟଙ୍କୁ ଶୁଣାଇ ଥିଲେ ଏବଂ ଏହା ଶୁଣି ନାରଦ ଭଗବାନ କୃଷ୍ଣଙ୍କୁ କହିଥିଲେ। ଏହି ବ୍ରତ ଦ୍ୱାରା ଗୋ ହତ୍ୟା, ବ୍ରହ୍ମ ହତ୍ୟା ଏବଂ ଅନ୍ୟାନ୍ୟ ମହାପାପ ତଥା ବ୍ରହ୍ମଶାପରୁ ମୁକ୍ତି ମିଳେ। ଏହାକୁ ନେଇ ବର୍ଣ୍ଣିତ କାହାଣୀଟିର ରୂପରେଖ ଏହିପରି।

ଗୋଟିଏ ବ୍ରାହ୍ମଣୀ ଥିଲା। ସେ ଚାନ୍ଦ୍ରାୟଣ ଇତ୍ୟାଦି ବ୍ରତ କରୁଥିଲା। ବ୍ରତ କରି କରି କ୍ରମଶଃ ସେ ଦୁର୍ବଳ ହୋଇଗଲା। ବ୍ରତର ପ୍ରଭାବରୁ ଏହାର ମଧ ସମସ୍ତ ପାପ ନଷ୍ଟ ହୋଇଗଲେ। ବିଷ୍ଣୁ କହିଲେ ସେତେବେଳେ ମୁଁ ବିଚାର କଲି ଯେ ଏବେ ଏହାର ମରଣ ସମୟ ଆସିଗଲା। ଅବଶ୍ୟ ସେ ସ୍ୱର୍ଗ ଯିବ, କିନ୍ତୁ ଖାଲି ହାତରେ ଯିବ। ତେଣୁ ମୁଁ ଯାଇ ତାକୁ କିଛି ଦାନ ମାଗିବି। ଯଦି ସେ ଯଥାର୍ଥ ଦାନ ମୋତେ ଦିଏ ତାହେଲେ ତାକୁ ଅବଶ୍ୟ ବୈକୁଣ୍ଠପୁର ପ୍ରାପ୍ତି ହେବ। ତେଣୁ ନାରାୟଣ ବୈକୁଣ୍ଠପୁରୀ ତ୍ୟାଗ କରି ମୃତ୍ୟୁ ଲୋକକୁ ଆସିଲେ। ସେ କପିଳଙ୍କ ସଦୃଶ ଛୋଟା ବାମନ ବ୍ରାହ୍ମଣ ରୂପରେ ବ୍ରାହ୍ମଣୀ ଦ୍ୱାରରେ ଉପସ୍ଥିତ ହୋଇ ଭିକ୍ଷା ମାଗିଲେ। ବିଚରା ବ୍ରାହ୍ମଣୀ ତାଙ୍କ ଭିକ୍ଷା ଥାଳଟି କଚାଡ଼ି ଦେଇ ମୁଠାଏ ମାଟି ପିଣ୍ଡ ଦେଲା। ନାରାୟଣ ନିଜ ବୈକୁଣ୍ଠ ପୁରୀକୁ ଫେରି ଆସିଲେ। କିଛି ଦିନ ପରେ ବ୍ରାହ୍ମଣୀ ଦେହ ତ୍ୟାଗ କଲା ଏବଂ ତା ବ୍ରତର ପ୍ରଭାବରୁ ସ୍ୱର୍ଗ ବି ଗଲା। ସେଠାରେ ପହଞ୍ଚି ଦେଖିଲା ଯେ ତା ପାଇଁ ଉଦ୍ଦିଷ୍ଟ ବାସଟି ମଧ ମାଟି ପିଣ୍ଡ। ଅନ୍ୟ କୌଣସି ବସ୍ତୁ ସେ ଘରେ ନାହିଁ। ଖାଲି ଖାଁ ଖାଁ ଏବଂ ଶୂନ୍ୟ ଶୂନ୍ୟ। ତାର ଏପରି ହତାସିଆ ଘରକୁ ଦେଖି ସେ ବିଷ୍ଣୁଙ୍କର ଶରଣ ଗଲା ଏବଂ କହିଲା ମୁଁ ତ ସବୁପ୍ରକାରର ବ୍ରତ କରିଛି, ଆପଣ ଏସବୁର ଫଳ ଦାତା, ଏହାକୁ ନିଷ୍ଫଳ କଲେ କିଆଁ ? ଏଥିକୁ ଶ୍ରୀ ନାରାୟଣ ଉତ୍ତର ଦେଲେ ଯେ ସେ କରିଥିବା ବ୍ରତ ମାନେ ତାକୁ ସ୍ୱର୍ଗକୁ ନେଇ ଆସିଲେ। କଥାରେ କହିଲା ପରି ଯାହା ଦେଇ, ତାହା ପାଇ ନ୍ୟାୟରେ ତୁମେ ମୃତ୍ୟୁ ଲୋକରେ ହାତ ବଢ଼ାଇ ଯାହା ଦେଇଛ, ତା ଏଠି ପାଇଲ। ବ୍ରାହ୍ମଣୀ ଉତ୍ତରରେ କହିଲା ତା'ହେଲେ ମୋର ଏ ଦାରିଦ୍ର୍ୟ କିପରି କଟିବ ପ୍ରଭୁ? ଶ୍ରୀନାରାୟଣ କହିଲେ ଯେ ଗୋଟିଏ ଘରକୁ ନୂଆ ବୋହୂଟିଏ ଆସିଲେ ଯେମିତି, ତା'ମୁହଁ ଦେଖିବା ପାଇଁ ଅନେକଙ୍କ ଭିଡ଼ ହୁଏ, ସେମିତି ତୁମକୁ ଦେଖିବା ପାଇଁ ଅନେକ ଦେବଂଗନା (ଅପ୍‌ସରୀ) ଦେଖିବାକୁ ଆସିବେ। ତୁମେ ଦ୍ୱାର ବନ୍ଦ କରି ରଖିବ। ସେମାନେ ଦ୍ୱାର ଖୋଲିବାକୁ କହିଲେ, ତୁମେ ତାଙ୍କୁ ପ୍ରଥମେ କହିବ ଯେ ସେମାନେ ତୁମକୁ ଆଗ ଷଟ୍‌ତିଳା ଏକାଦଶୀ ମହାତ୍ମ୍ୟ ଶୁଣାନ୍ତୁ। ତାହା ତୁମ ଦୁଃଖରୁ ତୁମକୁ ମୁକ୍ତି ପାଇଁ ଶୁଣିବା ନିହାତି ଆବଶ୍ୟକ। ଏଥର ସେ ବ୍ରାହ୍ମଣୀ ନିଜ ଘରକୁ ଗଲା। ତା ଦ୍ୱାର ବନ୍ଦ କଲା। ଏହା ପରେ ପରେ ଦେବ କନ୍ୟାମାନେ ତା' ଦର୍ଶନ ପାଇଁ ଆସିଲେ ଏବଂ ଦୁଆର ଖୋଲି ତା ମୁଖ ଦର୍ଶନ ଦେବାକୁ କହିଲେ। ବ୍ରାହ୍ମଣୀ ଏଥିକୁ କହିଲା ପ୍ରଥମେ ମୋତେ ଷଟ୍‌ତିଳା ଏକାଦଶୀର ମହାତ୍ମ୍ୟ ଶୁଣାଅ। ତେଣୁ ଦେବ ନାରୀମାନେ ସେ କହାଣୀ ଶୁଣାଇଲେ ଏବଂ କହିଲେ ଯେ ବିଗିଡ଼ି ଯାଇଥିବା ଭାଗ୍ୟ ସମ୍ଭାଳିବାରେ ଷଟ୍‌ତିଳା ଏକାଦଶୀ ହିଁ ଏକମାତ୍ର ଆଧେୟ। ଏହା ଏମିତି ଏକ ଏକାଦଶୀ ଯାହା ଗୋ ହତ୍ୟା, ବ୍ରହ୍ମ ହତ୍ୟା ଇତ୍ୟାଦି ମହାପାପ କରିଥିବା ବ୍ୟକ୍ତିକୁ ମୁକ୍ତି କରିଦିଏ। ଯେମିତି ସେ ବ୍ରାହ୍ମଣୀ ଏହା ଶୁଣି ସାରି ଦ୍ୱାର ଖୋଲି ଦେଇଛି, ତାର ସେ ବାସଗୃହଟି ନନ୍ଦନ ବନର ବିଭୂତିରେ ପରିପୂର୍ଣ୍ଣ ହୋଇଗଲା। କୁହାଯାଏ ଯେ ଏହି ବ୍ରତରେ ଏକ ତିଳ ଦାନ କରି ମଧ ଲୋକେ ହଜାର ବର୍ଷ ପର୍ଯ୍ୟନ୍ତ ସ୍ୱର୍ଗ ପ୍ରାପ୍ତି ହୁଅନ୍ତି। ହଜାରେ ତପ, ଜପ, ପୂଜା ଏବଂ ପାର୍ବଣରେ କଥା ନଥାଏ। ଦାନ-ଧର୍ମ ହିଁ ଆତୁର ପ୍ରତି ଯାହାର କର୍ତ୍ତବ୍ୟ ତାହା ହିଁ ଶ୍ରେଷ୍ଠ ଧର୍ମ। ସେହିପରି କେତେକ ନିଷେଧାଜ୍ଞ ଗୋ ହତ୍ୟା, ବ୍ରହ୍ମହତ୍ୟା, ନାରୀ ହତ୍ୟା ଇତ୍ୟାଦି ଶୃଙ୍ଖଳିତ ସମାଜ ପାଇଁ ନିହାତି ଆବଶ୍ୟକ ହେତୁ ଏହା ବର୍ଜନୀୟ ବୋଲି ଷଟ୍‌ତିଳା ଏକାଦଶୀ କହେ। ତେବେ ତିଳକୁ ନେଇ ଦାନ, ଧର୍ମ ଏବଂ ଭକ୍ଷଣ ଇତ୍ୟାଦିକୁ ନେଇ ଯାହା କୁହାଯାଇଛି ଏହା ରାଶିର ମଣିଷ ଜୀବନ ଏବଂ ବିଶେଷକରି ଶରୀର ପ୍ରତି ଆବଶ୍ୟକତା ବୋଲି ଗୁରୁତ୍ୱ ଦିଆଯାଇଛି। ଏହି ସବୁ କେତୋଟି କାରଣରୁ ଷଟ୍‌ତିଳା ଏକାଦଶୀ ପାଳନୀୟ।

**ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ**
**ମୋବାଇଲ୍: ୯୯୩୭୧୭୨୮୧୦**

# ଫୋକଟ କ'ଣ ?




ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପିଲାବେଳେ ମାଆମାନେ ପିଲା ଅଝଟକଲେ କହନ୍ତି ବାୟା ଆଇଲାଣି। ପିଲା ଡରିଯାଇ ନରମି ଯାଇଥାଏ। ପ୍ରାଥମିକ ଶିକ୍ଷା ବେଳେ ଶିକ୍ଷକମାନେ ଅମନଯୋଗୀ ଛାତ୍ରକୁ କିଛି ଲଘୁଦଣ୍ଡ ଦେବା ସହିତ 'ଗଧ' ଆଖ୍ୟା ଦିଅନ୍ତି। ପରୀକ୍ଷା ଖାତାରେ ଆଳୁ '୦' ନମ୍ବର ଦେଇ ପୋଗ୍ରେସ ରିପୋର୍ଟରେ ପିଲାର ମୁରବୀକୁ ତାଗିଦ କରୁଥିଲେ। ଏସବୁ ପ୍ରକୃତରେ ଫୋକଟ ଦଣ୍ଡ ନୁହଁ। କି ତତ୍କାଳ ଘଟଣା ପ୍ରବାହ ଫୋକଟ ଯାଉନଥିଲା। ଗ୍ରାମରେ ବହୁ ପ୍ରକାର ଉତ୍ସବରେ ପଂକ୍ତି ଭୋଜନ ଦେବତାଙ୍କ ପାଖରେ ହୁଏ। ପାର୍ବଣରେ ନିଶ୍ଚୟ ହୁଏ। ଏହା ବି ଫୋକଟ ନୁହଁ। ଗ୍ରାମର ଭାଇଚାରା ରକ୍ଷା ଓ ଏକତା ପାଇଁ ଏହା ହିଁ ଉଦ୍ଦିଷ୍ଟ। କାହାରି ବ୍ରତ ଉପନୟନ ପିଲାର ଜନ୍ମ ଦିନ ପ୍ରଥମ ପୋଢୁଆଁ ଅଷ୍ଟମୀ, ବିବାହ, ବ୍ରତ ଆଦିରେ କିଛି ଲୋକଙ୍କୁ ଭୋଜନ ବ୍ୟବସ୍ଥା କରାଯାଉଛି। ଏହା ବି ଫୋକଟ ନୁହଁ। ଏକ ହସ ଖୁସି ଆନନ୍ଦ ଏଥିରେ ମିଳେ। ପରୋକ୍ଷରେ ବହୁଲୋକ ଘରକୁ ଆସି ଭୋଜନ କରିଥିବାରୁ ଏକ ପରିବାର ରହିବା ପରି ବୋଧ ହୁଏ। ହେଲେ ପରେ ଅନେକ ଏହାର ଫାଇଦା ଉଠାଉଥିଲେ। ସେଥିଲା ଜମିଦାର ସାହୁକାର ଯୁଗ। କୋମଳ ଚାଟୁବାକ୍ୟ କହି ଏକ ବଡ଼ଲୁଟ ପଛରେ ଲଗାଇ ଦେବା ପ୍ରଥମେ ଆକ୍ରାନ୍ତ ମଣିଷକୁ ବୁଝାଯାଏ। ଏହା ଫୋକଟ କିନ୍ତୁ ପଛରେ ମନରେ କ୍ଷତ ଦେହରେ କ୍ଷତ ଓ ସମ୍ମାନରେ କ୍ଷତ ଓ କଳା ମୁହଁ ବହୁ ଲୋକସାନ କରିଥାଏ। ରେଳଗାଡ଼ି ବସରେ ଗଲାବେଳେ ଗାଡ଼ି ଭିଡ଼ ଥିଲାବେଳେ ପୂର୍ବରୁ ବସିବା ଯାଗା ଭରି ଯାଇଥିଲେ ବି ଦୁଇ ବା ତିନି ଯାତ୍ରୀ ସ୍ଥାନରେ ଆଉ ଜଣେ ବିନୟ ହୋଇ କୁହନ୍ତି ଟିକେ ଚାପି ବି ଯାଗା ଦେବେ କି? ଏମିତି ଘଟେ। ସମସ୍ତେ ସମାନ ପଇସା ବାଟଖର୍ଚ୍ଚ ଦେଇଛନ୍ତି। କିନ୍ତୁ ଗାଡ଼ିରେ ସମୟ ବଞ୍ଚାଇବା ପାଇଁ ଓ କାର୍ଯ୍ୟ ହାସଲ ପାଇଁ ଠିଆ ହୋଇ କିଛି ଯାତ୍ରୀ ଯିବାକୁ ଚାହାଁନ୍ତି। ପ୍ରଗତି ଆଗକୁ ବଢ଼ାଏ, ମାତ୍ର ବସ ମଟର ଯାତ୍ରୀ ଉଠିଲେ କଣ୍ଡକ୍ଟର ବାବୁ କହନ୍ତି, ପଛକୁ ଚାଲ ଏଥିରେ ଅନେକ ଫୋକଟ ଅଛି। ଚାପି ହୋଇ ବସିବା ଯାତ୍ରୀଙ୍କ କଷ୍ଟ ସହ୍ୟ ଫୋକଟ। ଟଙ୍କା ନେବ ବସ କର୍ତ୍ତୃପକ୍ଷ।ତେବେ ଦୟା ପ୍ରଦର୍ଶନ ଫୋକଟ ନୁହଁ। ଏବେ ଏମିତି କାନୁନ କୌଣସି ବ୍ୟକ୍ତି ବିଦ୍ୟାଅର୍ଜନର ପ୍ରମାଣ ପତ୍ର ସାର୍ଟିଫିକେଟ କାର୍ଯ୍ୟ କରୁନାହିଁ। ଆହୁରି କିଛି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଚାକିରୀ ଥୟ ହେଉଛି। ଏ ପରୀକ୍ଷାରେ ସାମିଲ ହେଲାଣି ଉତ୍କୋଚ। ଏହି ଉତ୍କୋଚ ହିଁ ଚାକିରୀ ପ୍ରାର୍ଥୀଙ୍କୁ ଫୋକଟ ଦେବାକୁ ପଡ଼ୁଛି। ଆଖି ଦେଖେ, କାନ ଶୁଣେ, ପାଟି କଥା କହେ। ସବୁ କଥା କିନ୍ତୁ ମସ୍ତିଷ୍କର ସ୍ନାୟୁ କେନ୍ଦ୍ର ଘଟଣାର କାର୍ଯ୍ୟ ବଳରେ ଘଟିବା ଘଟଣା ବେଳେ ମସ୍ତିଷ୍କରେ ସବୁ ଚକ୍ଷୁ କର୍ଣ୍ଣ ମାର୍ଫତ ଗୃହୀତ ହୁଏ। ପରେ ପାଟି ଦ୍ୱାରା ମନୁଷ୍ୟ କାହା ଆଗରେ ବୟାନ କରିପାରନ୍ତି। ମାତ୍ର ଘଟଣା ଆଖି ଦେଖା ସାକ୍ଷୀ ଅଦାଲତରେ ଦରକାର। ଏଥିରେ ସତ୍ୟପାଠ କରିଲେ ବି ସାକ୍ଷୀମାନେ ଅର୍ଥ ପିପାସୁ ଥିଲେ ବା ଭୟରେ ବଶୀଭୂତ ବା ଆତଙ୍କିତ ହୋଇ ସତ୍ୟର ଅପଳାପ କରନ୍ତି। ଏଥିରେ ଫୋକଟରେ ନିର୍ଦ୍ଦେଶ ଦଣ୍ଡ ପାଇ ପାରନ୍ତି। କୌଣସି ଚୋରୀ ଘଟଣାରେ ସନ୍ଦେହ ଅନେକଙ୍କୁ କରାଯାଏ। ଏଥିରେ ବି ପ୍ରକୃତ ଚୋର ବାଦ ଅନ୍ୟମାନେ ଫୋକଟରେ ଦଣ୍ଡିତ ହୋଇଥାନ୍ତି। ଡାକ୍ତର ରୋଗୀର ବିଭିନ୍ନ ପରୀକ୍ଷା କରି ରୋଗ ନାଶର ଔଷଧ ଲେଖନ୍ତି। ମାତ୍ର ଯଦି ଔଷଧ ଭୁଲ ଥାଏ ବା ଠିକ କାମ ନକଲା ତେବେ ହକ ପଇସା ଦେଇ ଶୁଣ୍ଠିକୁ ଜୁହାର ଏଠାରେ ଲାଗେ। ପରୀକ୍ଷା ପାଇଁ ଖର୍ଚ୍ଚ, ଶ୍ରମ ସମୟ ଅର୍ଥ ରୋଗୀର ପରିଜନଙ୍କୁ ହଇରାଣ ଫୋକଟରେ ଚାଲିଯାଏ।

**ଅରୁଣୋଦୟ ମାର୍କେଟ, କଟକ, ମୋବାଇଲ୍: ୯୪୩୭୦୩୧୨୫୩**

# ଶାହା ଜାରି କଲେ ବିଜେପିର ସଂକଳ୍ପପତ୍ର




**ନୂଆଦିଲ୍ଲୀ, ୨୫।୧:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ବିଜେପିର ସଂକଳ୍ପ ପତ୍ରର ତୃତୀୟ ଭାଗ ପ୍ରକାଶ କରିଛନ୍ତି। ଏହି ସମୟରେ ସେ କହିଥିଲେ ଯେ ଆମେ ଯାହା ପ୍ରତିଜ୍ଞା କରୁ, ଆମେ ତାହା ପୂରଣ କରୁ, ଆମେ କେବଳ ଅନ୍ୟମାନଙ୍କ ପରି ପ୍ରତିଜ୍ଞା କରୁନାହୁଁ। ଏହି ସମୟରେ ଅମିତ ଶାହା କହିଛନ୍ତି, "ଆଜି ମୁଁ ଦିଲ୍ଲୀ ନିର୍ବାଚନ ପାଇଁ ବିଜେପିର ସଂକଳ୍ପର ଶେଷ ଭାଗ ଉପସ୍ଥାପନ କରୁଛି। ମୁଁ ଅନ୍ୟ ଦଳର ନାମ ନେବି ନାହିଁ। ଆମ ଦଳ ଯାହା ପ୍ରତିଶ୍ରୁତି ଦେଇଥାଏ ତାହା ପୂରଣ କରେ। ଆମେ କେବଳ କାହାକୁ ପ୍ରତିଶୃତି ଦେଇନଥାଉ ବରଂ ତାହାକୁ ପୂରଣ କରିଥାଉ । ଆମେ ଅନେକ ପ୍ରତିଶ୍ରୁତି ଦେଇଛୁ। "ଲୋକଙ୍କଠାରୁ ପରାମର୍ଶ ମାଗିବା ପରେ ଏହା ପ୍ରସ୍ତୁତ କରାଯାଇଛି। କେଜ୍ରିୱାଲ ଜୀ ଦିଲ୍ଲୀର ଲୋକଙ୍କୁ ପ୍ରତିଶୃତି ଦେଇଛନ୍ତି ଏବଂ ପରେ ଏକ ନିରୀହ ଚେହେରା ନେଇ ଫେରି ଆସନ୍ତି। କେଜ୍ରିୱାଲ କହୁଥିଲେ ଯେ ମନ୍ତ୍ରୀ ବଙ୍ଗଳା ନେବେ ନାହିଁ। ଆଜି ଦେଖନ୍ତୁ ସେ ଶିଶ ମହଲ ନିର୍ମାଣ କରିଛନ୍ତି। ତୁମେ ମନ୍ଦିରକୁ ରକ୍ଷା କରି ନାହଁ। ଆମ ବିଦ୍ୟାଳୟଗୁଡ଼ିକୁ ଛାଡି ନାହାଁନ୍ତି। ମଦ ଦୁର୍ନୀତି ହୋଇଛି। କେଜ୍ରିୱାଲ ଜୀ, ଯମୁନାରେ ବୁଡ଼ ପକାନ୍ତୁ, ନଚେତ୍ କୁମ୍ଭକୁ ଯାଇ ଗଙ୍ଗାରେ ବୁଡ଼ ପକାନ୍ତୁ।

ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ ଆପଣ ମୋହଲା କ୍ଲିନିକର ବାହାନା କରି ଦିଲ୍ଲୀବାସୀଙ୍କୁ ଆଧୁନିକ ଡାକ୍ତରଖାନା ମଧ ଦେଇ ନାହାଁନ୍ତି। ଆପଣ ନିଶ୍ଚୟ ଅଳିଆ ପର୍ବତ ଦେଖିଥିବେ, ଏହା ବିଷୟରେ କିଛି କରାଯାଇ ନାହିଁ। ଦିଲ୍ଲୀର ଲୋକମାନେ ଏବେ ଚିନ୍ତିତ ଅଛନ୍ତି। ଆପଣ ୮ ଲକ୍ଷ ଚାକିରି ଯୋଗାଇଦେବାକୁ ପ୍ରତିଶୃତି ଦେଇଛନ୍ତି। ଏଭଳି ବଡ ଦୁର୍ନୀତି ଦିଲ୍ଲୀରେ କେବେ ହୋଇନାହିଁ।

# ଅସାଧୁ ନେତାଙ୍କ ତାଲିକାରେ ରାହୁଲ ଗାନ୍ଧୀଙ୍କୁ ସାମିଲ୍ କଲା ଆପ୍

**ନୂଆଦିଲ୍ଲୀ, ୨୫।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଆମ ଆଦମୀ ପାର୍ଟି (ଆପ୍) ଶନିବାର ଦିନ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ଏବଂ ବିଜେପିକୁ ଟାର୍ଗେଟ କରି ଏହାର ପୋଷ୍ଟର ଯୁଦ୍ଧକୁ ତୀବ୍ର କରିଛି। ପ୍ରଥମ ଥର ପାଇଁ, ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱାଧୀନ ଏହି ଦଳର ପ୍ରଚାର ପୋଷ୍ଟରରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ପ୍ରମୁଖ ଭାବରେ ପ୍ରଦର୍ଶିତ କରାଯାଇଛି। ରାହୁଲଙ୍କୁ ପୋଷ୍ଟରେ ଅସାଧୁ ଲୋକଙ୍କ ମଧ୍ୟରେ ରଖାଯାଇଛି। ପୋଷ୍ଟରେ ଲେଖାଯାଇଛି, ''କେଜ୍ରିୱାଲ୍ଙ୍କ ସଚ୍ଚୋଟତା ସବୁ ଅସାଧୁ ଲୋକଙ୍କ ଉପରେ ଭାରୀ ପଡ଼ି।''। ପୋଷ୍ଟର୍‌ରେ ରାହୁଲଙ୍କ ବ୍ୟତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଉତ୍ତର



ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଦିଲ୍ଲୀ ବିଜେପି ନେତାଙ୍କ ଫଟୋ ମଧ ରହିଛି। ରାହୁଲ ଗାନ୍ଧୀ ଏକ ରାଲିକୁ ସମ୍ବୋଧନ କରି କହିଛନ୍ତି ଯେ '' ଦିଲ୍ଲୀମୁ ବର୍ତ୍ତମାନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତ୍ରୀ ଶୀଲା ଦୀକ୍ଷିତଙ୍କ ପରି ମୁଖ୍ୟମନ୍ତ୍ରୀର ଆବଶ୍ୟକତା ରହିଛି। ଶୀଲା ଦୀକ୍ଷିତଙ୍କବିକାଶ ମଡେଲ ଦିଲ୍ଲୀ ଆବଶ୍ୟକ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆପ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ମିଥ୍ୟା ପ୍ରଚାର ଏବଂ ଜନ ସମ୍ପର୍କ ମଡେଲ ନୁହେଁ'' ଗୁରୁବାର ରାହୁଲ ଏପରି କହିବା ପରେ ଆପ୍‌ର ଅସାଧୁ ନେତାଙ୍କ ତାଲିକାରେ ପ୍ରକାଶ ପାଇଛନ୍ତି ରାହୁଲ। ରାହୁଲ ପୂର୍ବରୁ ଅଭିଯୋଗ କରିଥିଲେ ଯେ କେଜ୍ରିୱାଲ୍ ରାଜଧାନୀରେ ବଢ଼ୁଥିବା ପ୍ରଦୂଷଣ, ଦୁର୍ନୀତି ଏବଂ ମୁଦ୍ରାସ୍ଫୀତିକୁ ସମାଧାନ କରିବାରେ ବିଫଳ ହୋଇ ପ୍ରଧାନମନ୍ତ୍ରୀ ମୋଦୀଙ୍କ "ପ୍ରଚାର ଏବଂ ମିଥ୍ୟା ପ୍ରତିଶ୍ରୁତିର ରଣନୀତି" ଅନୁସରଣ କରୁଛନ୍ତି।

# ଦୁଇ ବିଦେଶୀଙ୍କୁ ବାଟବଣା କଲା ଗୁଗୁଲ୍ ମ୍ୟାପ୍

## କାଠମାଣ୍ଡୁ ବଦଳରେ ପହଞ୍ଚିଲେ ୟୁପିରେ

**ନୂଆଦିଲ୍ଲୀ, ୨୫।୧:** ପୁଣି ଧୋକାଦେଲା ଗୁଗୁଲ୍ ମ୍ୟାପ୍। ପୁଣି ଗୁଗୁଲ୍ ମ୍ୟାପ୍ ଉପରେ ଭରସା କରି ଫସିଲେ ଦୁଇ ବିଦେଶୀ ସାଇକେଲ ଚାଳକ। ତେବେ ଏହି ଘଟଣା ନୂଆ ନୁହେଁ ପୂର୍ବରୁ ଗୁଗୁଲ୍ ମ୍ୟାପ୍ ଫଲୋକରି ଅନେକ ଫସିଥିବା ଘଟଣା ସାମ୍ନାକୁ ଆସିଛି। ଏମିତିକି ଉତ୍ତର ପ୍ରଦେଶରେ ଗୁଗୁଲ୍ ମ୍ୟାପ୍ ପାଇଁ ଅଧା ଗଢ଼ା ପୋଲରୁ କାର୍ ଖସି ପଡ଼ି ୩ ଜଣଙ୍କ ମୃତ୍ୟୁହେବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଟେକ୍ନୋଲୋଜି ଆଗେଇବା ଫଳରେ ଆମେ ସହଜରେ ଅନେକ କାମ କରିବା ପାଇଁ ସକ୍ଷମ ହେଉଛନ୍ତି। ଲୋକେ ପୂର୍ବରୁ ଅଜଣା ସ୍ଥାନକୁ ଯିବା ସମୟରେ ଲୋକଙ୍କୁ ରାସ୍ତା ପଚାରିବା ସହ ଅଯଥା ସମୟ ନଷ୍ଟ କରୁଥିଲେ। ମାତ୍ର ବର୍ତ୍ତମାନ ଗୁଗୁଲ୍ ମ୍ୟାପ୍‌ର ବ୍ୟବହାରକରି କାହାକୁ କିଛି ନପଚାରି ସିଧା ଯାଇ ଠିକଣା ସ୍ଥାନରେ ପହଞ୍ଚିପାରୁଛନ୍ତି ଲୋକେ। ଫଳରେ ଗୁଗୁଲ୍ ମ୍ୟାପ୍‌ର ଚାହିଦା ଦିନକୁ ବଢ଼ିବାରେ ଲାଗିଛି। କିନ୍ତୁ ଏହାକୁ ବ୍ୟବହାର କରି ଫସିଯାଇଛନ୍ତି ଦୁଇ ଜଣ ବିଦେଶି ସାଇକେଲ ଚାଳକ। ଗୁଗୁଲ୍ ମ୍ୟାପ୍‌ର ବ୍ୟବହାରକରି ଦୁଇ ଜଣ ଫରାସୀ ପର୍ଯ୍ୟଟକ ସାଇକେଲରେ ଦିଲ୍ଲୀରୁ କାଠମାଣ୍ଡୁ ଯାତ୍ରାକରୁଥିଲେ। କିନ୍ତୁ ,ସେମାନଙ୍କୁ ଗୁଗୁଲ୍ ମ୍ୟାପ୍ କାଠମାଣ୍ଡୁ ବଦଳରେ ଚୁରାଇଲି ଡ୍ୟାମ୍ ନିକଟରେ ପହଞ୍ଚାଇଥିଲା। କିଛି ସ୍ଥାନୀୟ ଗ୍ରାମବାସୀ ସେମାନଙ୍କୁ ସାଇକେଲ ଚଳାଉଥିବା ଦେଖିଥିଲେ। ଏହାପରେ ଗ୍ରାମବାସୀ ସେମାନଙ୍କୁ ଚୁରାଇଲି ପୋଲିସ ଆଉଟପୋଷ୍ଟକୁ ନେଇଯାଇଥିଲେ। ପୋଲିସ ରାତ୍ରିଯାପନ ପାଇଁ ଦୁଇ ପର୍ଯ୍ୟଟକଙ୍କୁ ଗ୍ରାମର ମୁଖିଆଙ୍କ ଘରେ ରଖିଥିଲା। ଏହାପରେ ଶୁକ୍ରବାର ଦିନ ପୋଲିସ ସେମାନଙ୍କୁ କାଠମାଣ୍ଡୁ ରାସ୍ତା ସମ୍ପର୍କରେ ସୂଚନା ପ୍ରଦାନକରି ଛାଡିଦେଇଥିଲା। ଜାନୁଆରୀ ୭ ତାରିଖରେ ଫରାସୀ ନାଗରିକ ବ୍ରାଏନ୍ ଜ୍ୟାକ୍ସ ଗିଲବର୍ଟ ଏବଂ ସେବାଷ୍ଟିଆନ୍ ଫ୍ରାଙ୍କୋଇସ୍ ଗାବ୍ରିଏଲ୍ ଜାନୁଆରୀ ବିମାନରେ ଫ୍ରାନ୍ସରୁ ଦିଲ୍ଲୀ ଆସିଥିଲେ। ସେମାନେ କିଛି ଦିନ ପୂର୍ବରୁ ଦିଲ୍ଲୀରୁ କାଠମାଣ୍ଡୁ ଯିବାପାଇଁ ସ୍ଥିର କରିଥିଲେ। ତନକପୁରର ପିଲିଭିଟ ଦେଇ ନେପାଳର କାଠମାଣ୍ଡୁ ଯିବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ।

କିନ୍ତୁ ରାତିରେ ଗୁଗୁଲ୍ ମ୍ୟାପ୍ ସେମାନଙ୍କୁ ଭୁଆଁ ବୁଲାଇବା ଫଳରେ ସେମାନେ ଗୁରୁବାର ରାତିରେ ଚୁରାଇଲି ଡ୍ୟାମ୍ ନିକଟରେ ପହଞ୍ଚିଥିଲେ। ସ୍ଥାନୀୟ ଗ୍ରାମବାସୀ ରାତିରେ ସେମାନଙ୍କୁ ଦେଖିଥିଲେ। ଗାଁ ଲୋକ ସେମାନଙ୍କ ସହିତ କଥା ହେବାକୁ ଚେଷ୍ଟା କରିଥିଲେ ମଧ ସେମାନଙ୍କ ଭାଷା ବୁଝିପାରି ନଥିଲେ। ଯାହାପରେ ସେମାନେ ପୋଲିସକୁ ଖବର ଦେଇଥିଲେ। ବହେରୀ ସର୍କଲ ଅଫିସର ଅରୁଣ କୁମାର ସିଂଙ୍କ କହିବା ଅନୁସାରେ ଅନ୍ଧାରରେ ଗୁଗୁଲ୍ ମ୍ୟାପ୍ ଉଭୟ ବିଦେଶୀଙ୍କୁ ବାଟବଣା କରିଦେଇଥିଲା। ଏହି ଆପ୍ ସେମାନଙ୍କୁ ବରେଲିର ବହେରୀ ଦେଇ ଏକ ସର୍ଟକର୍ଟ ରାସ୍ତା ଦେଖାଇବା ଫଳରେ ସେମାନେ କାଠମାଣ୍ଡୁ ବଦଳରେ ଚୁରାଇଲି ଡ୍ୟାମରେ ପହଞ୍ଚିଥିଲେ। ଶୁକ୍ରବାର ଦିନ, ଉତ୍ତର ପ୍ରଦେଶ ପୋଲିସ ଏ ସମ୍ପର୍କରେ X ରେ ଏକ ପୋଷ୍ଟ ସେୟାର କରିଥିଲା।

# ସେନା କ୍ୟାମ୍ପ ଉପରେ ଆକ୍ରମଣ କଲେ ଆତଙ୍କବାଦୀ

**ଶ୍ରୀନଗର, ୨୫।୧:** ଜମ୍ମୁ-କାଶ୍ମୀର କାଠୁଆରେ ସେନା କ୍ୟାମ୍ପ ଉପରେ ଆକ୍ରମଣ।ବିଳମ୍ବିତ ରାତିରେ ସେନା କ୍ୟାମ୍ପରେ ପଶି ଆକ୍ରମଣ କରିଛନ୍ତି ଆତଙ୍କବାଦୀ।ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଦେଖିବାକୁ ମିଳିଛି।ସେନା ପକ୍ଷରୁ ଆତଙ୍କୀଙ୍କୁ କଡା ଜବାବ ଦିଆଯାଇଛି।ଆତଙ୍କବାଦୀଙ୍କୁ ଧରିବା ପାଇଁ ସର୍ଚ୍ଚ ଅପରେସନ୍ ଜାରି ରହିଛି। ଆସନ୍ତାକାଲି ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଜମ୍ମୁ-କାଶ୍ମୀରରେ ବଡ ଆତଙ୍କୀ ହମଲା ଦେଖିବାକୁ ମିଳିଛି।ସାଧାରଣତନ୍ତ୍ର ଦିବସ ପାଇଁ ଜମ୍ମୁ-କାଶ୍ମୀରରେ କଡା ଚେକିଂ, କଡା ସୁରକ୍ଷା ବ୍ୟବସ୍ଥା ହୋଇଥିଲେ ବି ସେନା କ୍ୟାମ୍ପ ଉପରକୁ ଆତଙ୍କବାଦୀଙ୍କ ଆକ୍ରମଣ ଚିନ୍ତାର ବିଷୟ ପାଲଟିଛି।ଅନ୍ୟପଟେ ସର୍ଚ୍ଚ ଅପରେସନରେ ଗୋଟେ ହାତ ଗୋଳା, ଗୋଟିଏ ୟୁବିଜିଏଲ୍, ଗୋଟିଏ ଇଲେକ୍ଟ୍ରିକ୍ ଡିଟୋନେଟର୍, ଗୋଟିଏ ପିସ୍ତଲ, ଗୋଟେ ପିସ୍ତଲ ରାଉଣ୍ଡ, ଆଇଇଡି ଟ୍ରିଗରିଂ ଉପକରଣ ସହ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେଙ୍କ ପୁଅ ଗିରଫ

**କଲମ୍ବୋ, ୨୫।୧:** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେଙ୍କ ପୁଅ ୟୋଶିତା ରାଜପକ୍ଷେଙ୍କୁ ପୁଲିସ ଗିରଫ କରିଛି। ଡେଜି ଫରେଷ୍ଟ ମାମଲାରେ ୟୋଶିତାଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ। ତାଙ୍କୁ ବେଲିଟାରୁ ଗିରଫ କରାଯାଇଛି। ୨୦୧୫ ପୂର୍ବରୁ ତାଙ୍କ ପିତାଙ୍କ ରାଷ୍ଟ୍ରପତିତ୍ୱ କାଳରେ ସମ୍ପତ୍ତି କ୍ରୟରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ମହିନ୍ଦା ରାଜପକ୍ଷେଙ୍କର ତିନି ପୁଅ ଅଛନ୍ତି। ୟୋଶିତା ତାଙ୍କର ଦ୍ୱିତୀୟ ପୁତ୍ର। ଏହି ମାମଲାରେ ଗତ ସପ୍ତାହରେ ୟୋଶିତାଙ୍କ କାକା ତଥା ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପକ୍ଷେଙ୍କୁ ମଧ ପୁଲିସ ପଚରାଉଚରା କରିଥିଲା। ଅଭିଯୁକ୍ତ ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ। ତାଙ୍କୁ ବେଲିଟାରୁ ଗିରଫ କରାଯାଇଛି। ୨୦୧୫ ପୂର୍ବରୁ ତାଙ୍କ ପିତାଙ୍କ ରାଷ୍ଟ୍ରପତିତ୍ୱ କାଳରେ ସମ୍ପତ୍ତି କ୍ରୟରେ ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ମହିନ୍ଦ୍ରା ରାଜପକ୍ଷେ ଶୁକ୍ରବାର ସୁପ୍ରିମକୋର୍ଟରେ ଏକ ମୌଳିକ ଅଧିକାର ପିଟିସନ୍ ଦାଖଲ କରିଥିବା ବେଳେ ଏହି ଗିରଫଦାରୀ ହୋଇଛି। ସେମାନଙ୍କ ସୁରକ୍ଷା ଫେରାଇ ଆଣିବା ପାଇଁ ସେ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗତ ମାସରେ ସରକାର ସେମାନଙ୍କ ସୁରକ୍ଷା କୁ ଯଥେଷ୍ଟ ହ୍ରାସ କରିଥିଲେ। ଲେଫ୍ଟନାଣ୍ଟ କମାଣ୍ଡର ୟୋଶିତା ଜଣେ ପୂର୍ବତନ ନୌସେନା ଅଧିକାରୀ। ସେ ମଧ ଶ୍ରୀଲଙ୍କାର ରାଷ୍ଟ୍ରପତିଙ୍କ ସହାୟକ, ପ୍ରଧାନମନ୍ତ୍ରୀ ଅଫିସର ମୁଖ୍ୟ କର୍ମଚାରୀଭାବେ କାମ କରିଥିଲେ।

## ରାଜ୍ୟସଭାରୁ ଇସ୍ତଫା ଦେଲେ ୱାଇଏସଆରସିପି ନେତା ଭି. ବିଜୟସାଇ

**ନୂଆଦିଲ୍ଲୀ, ୨୫।୧:** ବ୍ୟକ୍ତିଗତ କାରଣ ଦର୍ଶାଇ ଶନିବାର ୱାଇଏସ୍ଆର କଂଗ୍ରେସ ନେତା ଭି. ବିଜୟସାଇ ରେଡ୍ଡୀ ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ସେ ନିଜର ଇସ୍ତଫ ପତ୍ର ପ୍ରଦାନ କରିଛନ୍ତି। ଆହୁରି ୩ରୁ ଅଧିକ ବର୍ଷ କାର୍ଯ୍ୟକାଳ ଥିବା ବେଳେ ବ୍ୟକ୍ତିଗତ କାରଣ ଯୋଗୁଁ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛି ବୋଲି ଗଣମାଧ୍ୟମ ସାମ୍ନାରେ କହିଛନ୍ତି ବିଜୟସାଇ ରେଡ୍ଡୀ। ତାଙ୍କର ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି ଜଗଦୀପ ଧନଖଡ଼। ବିଜୟସାଇ ରେଡ୍ଡୀ ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ନିକଟତମ ସହଯୋଗୀ। ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି।

## ଭାରତ ଫେରିବ ମୁମ୍ବାଇ ୨୬/୧୧ ଆକ୍ରମଣର ଆତଙ୍କୀ ତହବୁର ରାଣା

**ନୂଆଦିଲ୍ଲୀ, ୨୫।୧:** ଭାରତ ଫେରିବ ଆତଙ୍କବାଦୀ ତହିବୁର ରାଣା। ୨୦୦୮ ମସିହା ମୁମ୍ବାଇ ୨୬/୧୧ ଆତଙ୍କବାଦୀ ଆକ୍ରମଣ ମାମଲାରେ ଦୋଷୀ ତହିବୁର ରାଣାକୁ ଭାରତକୁ ପ୍ରତ୍ୟର୍ପଣ ପାଇଁ ଅନୁମତି ଦେଇଛନ୍ତି ଆମେରିକା ସୁପ୍ରିମକୋର୍ଟ। ଏବେ ଲସ୍ ଆଞ୍ଜେଲସ ଜେଲରେ ବନ୍ଦୀ ହୋଇ ରହିଛି ତହିବୁର। ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଶୁକ୍ରବାର ଏ ସମ୍ପର୍କରେ ନିଷ୍ପତ୍ତି ସାମ୍ନାକୁ ଆସିଛି। ଆମେରିକାର ସୁପ୍ରିମକୋର୍ଟ ତଳ କୋର୍ଟର ନିଷ୍ପତ୍ତିକୁ ସମର୍ଥନ କରିଥିଲେ ଏବଂ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବାକୁ ଅନୁମୋଦନ କରିଥିଲେ। ତେଣୁ ଏବେ ଏହି ଆତଙ୍କବାଦୀକୁ ଭାରତ ଅଣାଯିବ। ତାଙ୍କର ବିଚାର ଆରମ୍ଭ ହେବ। ୨୬/୧୧ ଆତଙ୍କବାଦୀ ଆକ୍ରମଣ ମାମଲାରେ ମୁମ୍ବାଇ ପୋଲିସ ଚାର୍ଜସିଟରେ ରହିଛି ତହିବୁର ରାଣାର ନାଁ। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ଓ ଆତଙ୍କବାଦୀ ସଂଗଠନ ଲସକର ଏ ତୋଇବା ପାଇଁ ସେ କାମ କରୁଥିଲା। ମୁମ୍ବାଇ ହମଲାର ମାଷ୍ଟରମାଇଣ୍ଡ ଡେଭିଡ ହେଡଲୀକୁ ସେ ସହାୟତା କରିଥିଲା। ମୁମ୍ବାଇର କେଉଁ କେଉଁ ସ୍ଥାନରେ ଆକ୍ରମଣ କରାଯିବ ତାର ରେକି କରିବା ସହ ଏକ ବ୍ଲୁ ପ୍ରିଣ୍ଟ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସେ ଦେଇଥିଲା। ୨୬/୧୧ ଆକ୍ରମଣ ସମ୍ପର୍କରେ ତାଙ୍କର ଷଡ଼ଯନ୍ତ୍ର ସମ୍ପର୍କରେ ପଚରାଯିବ କରାଯିବ। ଏଫବିଆଇ ରାଣାଙ୍କୁ ୨୦୦୯ରେ ଚିକାଗୋରୁ ଗିରଫ କରିଥିଲା। ସେ ପାକିସ୍ତାନର ଆଇଏସଆଇ ଏବଂ ଲସ୍କର-ଏ-ତାଏବାର ଜଣେ ଅପରେଟିଭ୍ ବୋଲି କୁହାଯାଉଛି। ତହିବୁର ରାଣା ଓ ଡେଭିଡ ହେଡଲୀ ମଧ୍ୟରେ ପିଲାଦିନରୁ ବନ୍ଧୁତା ରହିଛି। ପାକିସ୍ତାନ ସେନାରେ ଡାକ୍ତର ଭାବେ କାମ କରିବା ପରେ ତହିବୁର ରାଣା କାନାଡ଼ା ପଳାଇଥିଲା।

# ୪ ମହିଳା ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତକଲା ହମାସ୍



**ଗାଜା, ୨୫।୧:** ଆଉ ୪ ଇସ୍ରାଏଲୀ ବନ୍ଧକଙ୍କୁ ମୁକ୍ତ କରିଛି ହମାସ୍ । ଇସ୍ରାଏଲ ଓ ହମାସ ମଧ୍ୟରେ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁଯାୟୀ ପ୍ରାୟ ୨୦୦ ପାଲେଷ୍ଟାଇନ୍ କଏଦୀଙ୍କ ବଦଳରେ ହାମାସ୍ ଶନିବାର ୪ ଜଣ ମହିଳା ଇସ୍ରାଏଲ ସୈନିକଙ୍କୁ ମୁକ୍ତ କରିଛି। ଏସବୁ ବନ୍ଧକଙ୍କ ନାଁ ହେଉଛି କାରିନା ଆରିଭ୍, ଡାନିଏଲା ଗିଲବୋଆ, ନାମା ଲେଭି ( ସମସ୍ତେ ୨୦ ବର୍ଷୀୟ) ଏବଂ ଲିରି ଆଲବାଗ (୧୯)। ସେମାନଙ୍କୁ ଗାଜାର ରେଡକ୍ରସକୁ ହସ୍ତାନ୍ତର କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୪ ଜଣ ମହିଳାଙ୍କୁ ମୁକ୍ତ କରିବା ପୂର୍ବରୁ ଗାଜା ସିଟିର ପାଲେଷ୍ଟାଇନ ଛକରେ ହାମାସ ବନ୍ଧୁକଧାରୀ ଏବଂ ବହୁ ସଂଖ୍ୟକ ଲୋକ ଏକାଠି ହୋଇଥିଲେ। ସେମାନେ ହସିହସି ଭିଡ଼କୁ ହାତ ହଲାଇଥିଲେ। ଏହାପରେ ସେମାନେ ରେଡକ୍ରସ କାରରେ ବସିଥିଲେ। ରିପୋର୍ଟ ଅନୁଯାୟୀ, ଏହି ୪ ଜଣ ମହିଳା ହେଉଛନ୍ତି ଇସ୍ରାଏଲର ସୈନିକ, ଯେଉଁମାନଙ୍କୁ ଅକ୍ଟୋବର ୭ ରେ ହମାସ ଆକ୍ରମଣ ସମୟରେ ଇସ୍ରାଏଲର ନାହଲ ଓଜ୍ ସାମରିକ ଘାଟିରୁ ଅପହରଣ କରାଯାଇଥିଲା। ଏହି ଘଟଣା ପରେ ଇସ୍ରାଏଲ ଗାଜା ଉପରେ ପ୍ରବଳ ଆକ୍ରମଣ କରିଥିଲା।

## କ୍ଷମତା ହାସଲ ପରେ ଟ୍ରମ୍ପ୍ ଦେଲେ ବଡ଼ ଝଟ୍‌କା

# ପୁରା ବିଶ୍ୱକୁ ଦେଉଥିବା ଆର୍ଥିକ ସହାୟତା ଉପରେ ଲଗାଇଲେ ରୋକ

**ୱାଶିଂଟନ,୨୫।୧:** ରାଷ୍ଟ୍ରପତି ହେବା ମାତ୍ରେ ସାରା ବିଶ୍ୱକୁ ଡୋନାଲ୍ଡ ଟ୍ରମ୍ପ ବଡ଼ ଝଟକା। ସମସ୍ତ ବିଦେଶୀ ସହାୟତା କାର୍ଯ୍ୟକ୍ରମ ଉପରେ ଲଗାଇଲେ ରୋକ। ଏନେଇ ସୂଚନା ଦେଇଛି ଆମେରିକାର ବୈଦେଶିକ ମନ୍ତ୍ରଣାଳୟ। ଏହାଦ୍ୱାରା ସାରା ବିଶ୍ୱକୁ ଦିଆଯାଉଥିବା ସ୍ୱାସ୍ଥ୍ୟ, ଶିକ୍ଷା ବିକାଶ ଏବଂ ରୋଜଗାର ସହ ଅନେକ ପ୍ରୋଜେକ୍ଟ ଉପରେ ବଢ଼ିଛି ବିପଦ। ତେବେ ଇସ୍ରାଏଲ ଓ ଇଜିପ୍ଟକୁ ମିଳୁଥିବା ମାନବୀୟ ଓ ସେନା ସହାୟତା ଜାରି ରହିବ । ବର୍ତ୍ତମାନ ସାରା ବିଶ୍ୱରେ ସବୁଠାରୁ ଅଧିକ ଚର୍ଚ୍ଚାରେ ଅଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ପ୍ରତିଦିନ ନୂଆ ନୂଆ ଘୋଷଣା। ଏବେ ଟ୍ରମ୍ପ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାର ସିଧା ସଳଖ ପ୍ରଭାବ ପଡିବ ସାରା ବିଶ୍ୱ ଉପରେ। ଆମେରିକା ଶୁକ୍ରବାରଠାରୁ ସମସ୍ତ ବିଦେଶୀ ସହାୟତା ଉପରେ ଲଗାଇଛି ରୋକ। କେବଳ ଇସ୍ରାଏଲ ଓ ଇଜିପ୍ଟକୁ ମିଳିବ ଜରୁରୀ ଓ ସାମରିକ ସହାୟତା। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ପ୍ରଭାବ ୟୁକ୍ରେନ୍ ଉପରେ ପଡିଛି। ଦୀର୍ଘ ଦିନ ହେବ ଋଷ-ୟୁକ୍ରେନ୍ ଯୁଦ୍ଧ ଚାଲିଥିଲା।



ୟୁକ୍ରେନ୍‌କୁ ଆମେରିକାର ବାଇଡେନ୍ ସରକାର ସହାୟତା ଦେଇ ଆସୁଥିଲେ। ହେଲେ ଟ୍ରମ୍ପ ଶପଥ ନେବା ପରେ ଏସବୁ ଯୋଜନାକୁ କରିଛନ୍ତି ବନ୍ଦ। କାରଣ ଟ୍ରମ୍ପଙ୍କ ମତରେ ଏହା ଆମେରିକାର ହିତରେ ନାହିଁ। ସାରା ବିଶ୍ୱକୁ ଆମେରିକା ଦୂତାବାସ ଏହି ନିର୍ଦ୍ଦେଶ ପଠାଇଛି। ଏହି ନିର୍ଦ୍ଦେଶରେ ନୂଆ ସରକାରୀ ଖର୍ଚ୍ଚ ଉପରେ ରୋକ ଲଗାଇ ଦିଆଯାଇଛି। ଫଳରେ ଏଭଳି ଲାଗୁଛି କାର୍ଯ୍ୟକ୍ରମ ସେ ପର୍ଯ୍ୟନ୍ତ ଜାରି ରହିବ ଯେଉଁ ଯାଏଁ ତାଙ୍କ ପାଖରେ ପୂର୍ବରୁ ଟଙ୍କା ରହିଛି। ଉଲ୍ଲେଖନୀୟ ଯେ, ଟ୍ରମ୍ପ ଶପଥ ନେବାମାତ୍ରେ ବେଆଇନ ପ୍ରବାସୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏ ପର୍ଯ୍ୟନ୍ତ ୫୩୮ ବେଆଇନ ପ୍ରବାସୀଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରୁ ୩୭୩ ଜଣଙ୍କୁ ହେପାଜତକୁ ନେଇ କ୍ୟାମ୍ପକୁ ପଠାଇ ଦିଆଯାଇଛି। ଏମାନେ ସମସ୍ତେ ଅପରାଧୀ। ଦୁଷ୍କର୍ମ, ହତ୍ୟା ଏବଂ ଅପହରଣ ଆଦି ମାମଲାରେ ଜଡ଼ିତ ଥିଲେ। ରିପୋର୍ଟ ଅନୁଯାୟୀ ଟ୍ରମ୍ପ ପ୍ରଶାସନ ସବୁଠୁ ବଡ଼ ପ୍ରତ୍ୟର୍ପଣ ଅଭିଯାନ ଚଲାଇଛି। ଅପରାଧିଙ୍କୁ ଗିରଫ କରି ସେନା ବିମାନରେ ଅନ୍ୟ ସ୍ଥାନକୁ ପଠାଯାଉଛି। ତେବେ କେଉଁଠିକୁ ପଠାଯାଉଛି ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଏବେ ପୁଣି ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ଚେତାବନୀ ଦେଇଛନ୍ତି। ସମସ୍ତଙ୍କୁ ଚିହ୍ନଟ କରି ଗିରଫ କରାଯିବ ବୋଲି କହିଛନ୍ତି। ବେଆଇନ ପ୍ରବାସୀଙ୍କ ପରେ ଟ୍ରମ୍ପଙ୍କ ଏହି ନୂଆ ନିୟମ ସାରା ବିଶ୍ୱକୁ ପ୍ରଭାବିତ କରିବ।

# କୁରାନର ଅପମାନ ନେଇ ଡେନମାର୍କ କଠୋର

**କୋପନହେଗେନ, ୨୫।୧:** ଡେନମାର୍କର ଦୁଇ ଜଣଙ୍କୁ କୁରାନ ଅପମାନ ଅଭିଯୋଗରେ କୋର୍ଟରେ ମାମଲା କରାଯିବ। ପୁଲିସର ତଦନ୍ତ ପରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଡିସେମ୍ବର ୨୦୨୩ରେ ଦେଶରେ ପବିତ୍ର ଗ୍ରନ୍ଥ ପୋଡିଯିବା ଘଟଣା ପରେ ଏ ସମ୍ପର୍କରେ ଏକ ଆଇନ ପ୍ରଣୟନ କରାଯାଇଥିଲା। ଡେନମାର୍କର ଏହି ନୂତନ ନିୟମ ଅନୁଯାୟୀ ଏହା ହେଉଛି ପ୍ରଥମ ମାମଲା, ଯେଉଁଥିରେ ଦୁଇ ଜଣଙ୍କ ବିରୋଧରେ ଅଭିଯୋଗ ହୋଇଛି। ଏହି ନିୟମ ଅନୁଯାୟୀ, ସର୍ବସାଧାରଣରେ ପ୍ରସ୍ତୁତ ଭିଡିଓ ମାଧ୍ୟମରେ ପ୍ରସାରଣ ଉଦ୍ଦେଶ୍ୟରେ ପବିତ୍ର ଗ୍ରନ୍ଥ ଜଳାଇବା, ଛିଣ୍ଡାଇବା କିମ୍ବା ଅପମାନିତ କରିବା ପାଇଁ ଦଣ୍ଡର ବ୍ୟବସ୍ଥା ରହିଛି। ଯେଉଁମାନେ ନିୟମ ଭଙ୍ଗ କରିବେ ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଅବା ଜରିମାନା ଲାଗୁ କରାଯାଇପାରେ।

## ପ୍ରଥମ ଥର ପାଇଁ ବଡ଼ ନିଷ୍ପତ୍ତି

ଦୁଇ ଅଭିଯୁକ୍ତ ଜଣ ଗତ ବର୍ଷ ଜୁନ୍ ମାସରେ ଏକ କାର୍ଯ୍ୟକ୍ରମରେ କୁରାନକୁ ଅପାମାନିତ କରିଥିଲେ। ରାଜନୈତିକ, ଅର୍ଥନୈତିକ ଏବଂ ସାମାଜିକ କ୍ଷେତ୍ରର ଲୋକମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମୟ ମଧ୍ୟରେ କୁରାନକୁ ସର୍ବସାଧାରଣରେ ଅପମାନିତ କରାଯାଇଥିଲା। ସୋସିଆଲ ମିଡିଆରେ ଏହାର ଏକ ଭିଡିଓ ପ୍ରସ୍ତୁତ କରାଯାଇ ସେୟାର କରାଯାଇଥିଲା। ଏହି ମାମଲାରେ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେହି ଦୁଇ ଅଭିଯୁକ୍ତଙ୍କ ପରିଚୟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଡେନମାର୍କ ଖବରକାଗଜ ପଲିଟିକେନ୍ ଅନୁଯାୟୀ, ଜୁନ୍ ମାସରେ ଏହି ଘଟଣା ଘଟିବା ପରଠାରୁ ପୁଲିସ ତଦନ୍ତ ଜାରି ରଖିଥିଲା। ବର୍ତ୍ତମାନ ଏନେଇ ମାମଲା ରୁଜୁ କରାଯାଇଛି। ଏହି ଆଇନ ମାଧ୍ୟମରେ, ଡେନମାର୍କ ସରକାର ଧାର୍ମିକ ଭାବନାକୁ ଆଘାତ ଦେଇଥିବା ଘଟଣାକୁ ରୋକିବାକୁ ଚେଷ୍ଟା କରୁଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଡେନମାର୍କ ଏବଂ ପଡୋଶୀ ସ୍ୱିଡେନରେ ପବିତ୍ର ଗ୍ରନ୍ଥ କୋରାନକୁ ଅପମାନିତ କରିବାର ଅନେକ ଘଟଣା ଘଟିଥିଲା । ଏହି ଘଟଣା ପରେ ମୁସଲମାନ ଦେଶରେ ବ୍ୟାପକ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହି ଘଟଣାକୁ ଦୃଷ୍ଟିରେ ରଖି ଡେନମାର୍କ ସରକାର ଏହି ନୂତନ ନିୟମ ପ୍ରଣୟନ କରିଥିଲେ। ଏହି ଆଇନ ପ୍ରାୟ ୧୩ ମାସ ପୂର୍ବେ ୭ ଡିସେମ୍ବର ୨୦୨୩ରେ ପାରିତ ହୋଇଥିଲା ଏବଂ କିଛି ଦିନ ପରେ ଏହା କାର୍ଯ୍ୟକାରୀ କରାଯାଇଥିଲା। ସେବେଠାରୁ ଧାର୍ମିକ ଗ୍ରନ୍ଥଗୁଡ଼ିକୁ ଜଳାଇବା ପ୍ରସଙ୍ଗରେ ଡେନମାର୍କ ସରକାର ଏବଂ ପୁଲିସ କଠୋର ମନୋଭାବ ପ୍ରଦର୍ଶନ କରୁଛନ୍ତି।


# ଫରେନସିକ୍ ଯାଞ୍ଚ ପାଇଁ ପୁଲିସ ସଂଗ୍ରହ କଲା ସୈଫଙ୍କ ବ୍ଲଡ ସାମ୍ପଲ ଓ କପଡା

**ମୁମ୍ବାଇ,୨୫।୧:** ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନ୍ ଗତ କିଛି ଦିନ ହେବ ଚର୍ଚ୍ଚାର ଶିରୋନାମ ପାଲଟିଛନ୍ତି। ତାଙ୍କ ଉପରେ କିଛି ଦିନ ପୂର୍ବରୁ ତାଙ୍କ ଘରେ ଜଣେ ବ୍ୟକ୍ତି ଛୁରୀମାଡ଼ କରିଥିଲେ। ଆକ୍ରମଣକାରୀ ଚୋରି ଉଦ୍ଦେଶ୍ୟରେ ଘରେ ପଶିଥିଲା। ସୈଫ ଅଲ୍ଲୀ ଖାନ୍ ଚିକିତ୍ସା କାରଣରୁ କିଛି ଦିନ ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି ଥିଲେ। ତାଙ୍କୁ ହସ୍ପିଟାଲରୁ ଛୁଟି ମିଳିଯାଇଛି। ମାମଲାର ତାଜା ସୂଚନା ଅନୁସାରେ, ମୁମ୍ବାଇ ପୋଲିସ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ବ୍ଲଡ ସାମ୍ପଲ ଓ କପଡା କଲେକ୍ଟ କରିନେଇଛି। ଏବେ ଅଭିଯୁକ୍ତର କପଡା ଓ ବ୍ଲଡ ସାମ୍ପଲକୁ ଫରେନସିକ୍ ଯାଞ୍ଚ ପାଇଁ ପଠାଇ ଦିଆଯାଇଛି। ଏଏନ୍‌ଆଇର ସୂଚନା ଅନୁସାରେ, ପୋଲିସ ସୈଫ ଅଲ୍ଲୀ ଖାନ୍‌ଙ୍କ ସେହି କପଡା ନେଇଛି, ଯାହା ସେ ଆଟାକ୍ କରିଥିବା ରାତିରେ ପିନ୍ଧିଥିଲେ। ସେଭଳି ଅଭିଯୁକ୍ତର କପଡା ଉପରେ ରକ୍ତର କିଛି ଛିଟା ମିଳିଥିଲା, ତେଣୁ ସୈଫ୍‌ଙ୍କ ବ୍ଲଡ ସାମ୍ପଲ ମଧ୍ୟ ପୋଲିସ ନେଇଯାଇଛି। ସୈଫ୍‌ଙ୍କ ବ୍ଲଡ ସାମ୍ପଲ ଓ ଅଭିଯୁକ୍ତର କପଡାକୁ ଫରେନସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଫଳରେ ମ୍ୟାଚ୍ କରିହେବ ଯେ, ଅଭିଯୁକ୍ତର କପଡାରେ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ରକ୍ତ ଛିଟା ରହିଛି। ବାନ୍ଦ୍ରା ମାଜିଷ୍ଟ୍ରେଟ କୋର୍ଟ ଅଭିଯୁକ୍ତ ଶରିଫୁଲ ଇସ୍ଲାମର କଷ୍ଟଡି ୨୯ ଜାନୁଆରୀ ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। ହସ୍ପିଟାଲରୁ ବାହାରକୁ ଆସିବା ପରେ ସୈଫ ଅଲ୍ଲୀ ଖାନ୍ ମୁମ୍ବାଇ ପୋଲିସ ନିକଟରେ ନିଜରୀ ବୟାନ ରେକର୍ଡ କରିଦେଇଥିଲେ। ସେ ପୋଲିସକୁ ଆକ୍ରମଣ ହୋଇଥିବା ରାତିର ପୁରା ଘଟଣା କହିଛନ୍ତି।

# ରହସ୍ୟମୟ ରୋଗ ପାଇଁ ଜମ୍ମୁ-କଶ୍ମୀରର ସମସ୍ତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଛୁଟି ବାତିଲ୍



**ରାଜୌରି, ୨୫।୧:** ଜମ୍ମୁ-କଶ୍ମୀରର ରାଜୌରିରେ ଏକ ରହସ୍ୟମୟ ରୋଗ ଦେଖା ଦେଇଥିବା ହେତୁ ଡାକ୍ତରମାନଙ୍କ ଛୁଟିକୁ ବାତିଲ୍ କରାଯାଇଛି। ଏହି ରହସ୍ୟମୟ ରୋଗରେ ଏବେ ସୁଦ୍ଧା ୧୭ ଜଣଙ୍କ ମୃତ୍ୟୁ ହେଇ ସାରିଲାଣି। ଅଚାନକ ଲୋକେ ଅସୁସ୍ଥ ହୋଇ ମୃତ୍ୟୁ ବରଣ କରୁଥିବା ଘଟଣା ଏବେ ସଂପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ସେଥିପାଇଁ ଡାକ୍ତରମାନଙ୍କୁ ସକ୍ରିୟ ରହି ଏହି ବିପଦପୂର୍ଣ୍ଣ ସମୟରେ ସମସ୍ୟାର ସାମ୍ନା କରିବାକୁ କୁହାଯାଇଛି। ତେବେ ଏବେ ସୁଦ୍ଧା ୨୩୦ ଜଣ ଲୋକଙ୍କୁ କ୍ୱାରେଣ୍ଟାଇନ୍‌ରେ ରଖାଯାଇ ସାରିଲାଣି। ଏନେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଯେ "ଲକ୍ଷ୍ନୌର ଟକ୍ସିକୋଲୋଜି ଲାବୋରେଟୋରି ଦ୍ୱାରା କରାଯାଇଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଏହାର କାରଣ କୌଣସି ସଂକ୍ରମଣ, ଭାଇରସ କିମ୍ବା ଜୀବାଣୁ ନୁହେଁ ବରଂ ଏକ ବିଷ ଥିଲା। ରାଜୌରୀ ସରକାରୀ ମେଡିକାଲ କଲେଜ (ଜିଏମ୍‌ସି) ହସ୍ପିଟାଲର ଅଧ୍ୟକ୍ଷ ଡାକ୍ତର ଅମରଜିତ ସିଂହ ଭାଟିଆ ଶୁକ୍ରବାର ରାଜୌରୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି ଯେ "ସମସ୍ତ ଡାକ୍ତର ଏବଂ ପାରାମେଡିକ୍ କର୍ମଚାରୀଙ୍କର ସମସ୍ତ ଛୁଟି ବାତିଲ କରାଯାଇଛି। ଗତ ଦେଢ଼ ମାସ ମଧ୍ୟରେ ତିନୋଟି ପରିବାରର ୧୭ ଜଣଙ୍କ ରହସ୍ୟମୟ ଅବସ୍ଥାରେ ମୃତ୍ୟୁ ପରେ ପରିସ୍ଥିତିର ମୁକାବିଲା ପାଇଁ ଶୀତକାଳୀନ ଛୁଟି ମଧ୍ୟ ବାତିଲ କରାଯାଇଛି।" ସେ ଆହୁରି କହିଛନ୍ତି ଯେ ଜମ୍ମୁ ଏବଂ କଶ୍ମୀର ସରକାର ଜାରି ରହିଥିବା ସ୍ୱାସ୍ଥ୍ୟ ପରିସ୍ଥିତି ମଧ୍ୟରେ ମେଡିକାଲ ସେଟଅପ୍‌କୁ ସହାୟତା କରିବା ପାଇଁ ଜିଏମ୍‌ସିରେ ୧୦ ଜଣ ଅତିରିକ୍ତ ଡାକ୍ତରୀ ଛାତ୍ରଙ୍କୁ ନିଯୁକ୍ତ କରିଛନ୍ତି।



# ବାବାଙ୍କୁ ୨୫୧ କିଲୋ ସୁନାର ସିଂହାସନ ଉପହାର ଦେଲେ ଭକ୍ତ

**ପ୍ରୟାଗରାଜ ୨୫।୧:** ମହାକୁମ୍ଭ ମେଳାରେ ଶ୍ରୀ ପଞ୍ଚ ଦଶନାମ ଆବାହନ ଆଖଡ଼ାର ପୀଠାଧିଶ୍ୱର ଅବଧୂତ ବାବା ଓରଫ ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଅରୁଣ ଗିରୀଙ୍କୁ ତାଙ୍କର ଜଣେ ଭକ୍ତ ୨୫୧ କିଲୋ ସୁନାର ସିଂହାସନ ଉପହାର ଦେଇଛନ୍ତି। ସିଂହାସନର ମୂଲ୍ୟ ୨୦୦ କୋଟିରୁ ଅଧିକ ହୋଇଥିବା ଚର୍ଚ୍ଚା କରାଯାଉଛି। ତାକୁ ନିର୍ମାଣ ଲାଗି ୪ ମାସରୁ ଊର୍ଦ୍ଧ୍ୱର୍ ସମୟ ଲାଗିଛି। ଆବାହନ ଆଖଡ଼ାର ମହାମଣ୍ଡଳେଶ୍ୱର ସ୍ୱାମୀ ପ୍ରକାଶାନନ୍ଦଙ୍କ ଅନୁସାରେ, ଆଚାର୍ଯ୍ୟ ମହାମଣ୍ଡଳେଶ୍ୱର ଅରୁଣ ଗିରୀଜୀ ସୁନା ଗହଣା ପିନ୍ଧିଥାନ୍ତି। ସେଥିଯୋଗୁ ତାଙ୍କୁ ଲୋକେ 'ଗୋଲ୍ଡେନ ବାବା' ନାମରେ ବି ସମ୍ବୋଧନ କରନ୍ତି। ତାଙ୍କର ଏହି ଖ୍ୟାତିକୁ ଦୃଷ୍ଟିରେ ରଖି ଜଣେ ଶିଷ୍ୟ ତାଙ୍କୁ ଏହି ନିଆରା ଉପହାର ଦେଇଛନ୍ତି। ସିଂହାସନକୁ କୁମ୍ଭ କ୍ଷେତ୍ରର ସେକ୍ଟର-୧୪ରେ ଥିବା ବାବାଙ୍କ ଶିବିରରେ ରଖାଯାଇଛି। ତାକୁ ଦେଖିବାକୁ ଅନେକ ସଂଖ୍ୟାରେ ଶ୍ରଦ୍ଧାଳୁ ଭିଡ଼ ଜମାଉଛନ୍ତି। ତେବେ ଉପହାର ଦେଇଥିବା ଭକ୍ତଙ୍କର ନାମକୁ ସାର୍ବଜନୀନ କରାଯାଇନାହିଁ। ଏହି ସ୍ୱର୍ଣ୍ଣ ସିଂହାସନ ଉପରେ ବସି ଅରୁଣ ଗିରୀଜୀ ମହାରାଜ ମୌନି ଅମାବାସ୍ୟାରେ ଅମୃତ ସ୍ନାନ କରିବେ। ସିଂହାସନରେ ପାଦ ରଖିବା ଲାଗି ତିଆରି ହୋଇଥିବା ମଞ୍ଚ ଓ ଆଚାର୍ଯ୍ୟଙ୍କର ଷ୍ଟୁଲ ମଧ୍ୟ ସୁନାରେ ତିଆରି ହୋଇଛି। ପ୍ରକାଶାନନ୍ଦ ଆହୁରି କହିଛନ୍ତି, ସୁନାକୁ ସବୁ ଧାତୁ ମଧ୍ୟରେ ପବିତ୍ର ବୋଲି ମନେ କରାଯାଏ। ସେହି ପବିତ୍ରତା ଦୃଷ୍ଟିରୁ ସିଂହାସନକୁ ସୁନାରେ ତିଆରି କରାଯାଇଛି। ଅରୁଣ ଗିରୀଜୀ ମହାରାଜ ସୁନା ବ୍ରେସଲେଟ୍ ସମେତ ମୋଟ ୬.୭ କିଲୋର ସୁନା ଗହଣା ପିନ୍ଧିଥାନ୍ତି। ସେ ମଧ୍ୟ 'ପରିବେଶ ବାବା' ନାମରେ ପରିଚିତ। ଅଦ୍ୟାବଧି ସେ ୧ କୋଟି ଚାରା ଲଗାଇ ସାରିଥିବାବେଳେ ମହାକୁମ୍ଭରେ ୫୧ ହଜାର ଫଳଚାରା ବାଣ୍ଟିବାକୁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ଭଳି ନିରଞ୍ଜନୀ ଆଖଡ଼ାର ଅନ୍ୟ ଜଣେ ସାଧୁ ନାରାୟଣ ଗିରୀ ମଧ୍ୟ 'ଗୋଲ୍ଡେନ୍ ବାବା' ନାମରେ ପରିଚିତ।

## ଦ୍ୱିତୀୟ ଟି-୨୦: ତିଳକ ବର୍ମାଙ୍କ ଧୂଆଁଧାର ଅର୍ଦ୍ଧଶତକ

# ଭାରତର କ୍ରମାଗତ ବିଜୟ

ଚେନ୍ନାଇ,୨୫ା୧: ଚଳିତ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଘରୋଇ ଭାରତ ବିଜୟୀ ହୋଇଛି। ଏଥିସହ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି। ସିରିଜ୍‌ରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ୯ ୱିକେଟ୍ ହରାଇ ୧୬୫ ରନ୍ କରିଥିଲା। ଏହାର ଜବାବରେ ଭାରତ ବର୍ମାଙ୍କ ୭୨ ରନ୍‌ର ବଳିଷ୍ଠ ଇନିଂସ ସହାୟତାରେ ୮ଟି ୱିକେଟ୍ ହରାଇ ୪ଟି ୱିକେଟ୍ ବାକି ଥିବା ସମୟରେ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ବର୍ମାଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।



ପ୍ରଥମ ମ୍ୟାଚ୍ ଭଳି ଓପନର ତଥା ଅଧିନାୟକ ଜୋସ୍ ବଟଲରଙ୍କୁ ବାଦ୍ ଦେଲେ ଇଂଲଣ୍ଡର ଅନ୍ୟ ବ୍ୟାଟ୍ସମ୍ୟାନ୍‌ମାନେ ଜଣକ ପରେ ଜଣେ ପ୍ୟାଭିଲିଅନ୍ ଫେରି ଚାଲିଥିଲେ। ଅନ୍ୟତମ ଓପନର ଫିଲ୍ ସଲ୍ଟ ୪ ଓ ବେନ୍ ଡକେଟ୍ ୩ ରନ୍ କରି ଆଉଟ୍ ହୋଇଥିଲେ। ବଟଲର୍ ପୁଣିଥରେ ସର୍ବାଧିକ ୪୫ ରନ୍ କରିଥିଲେ। ଏଥିପାଇଁ ସେ ୩୦ଟି ବଲ୍ ଖେଳିବା ସହ ୨ଟି ଚୌକା ଓ ୩ଟି ଛକା ଲଗାଇଥିଲେ। ତାଙ୍କ ବ୍ୟତୀତ ଦଳରେ ସାମିଲ୍ ହୋଇଥିବା ବ୍ରାଇଡନ୍ କାର୍ସ ମାତ୍ର ୧୭ ବଲ୍ ଖେଳି ଗୋଟିଏ ଚୌକା ଓ ୩ଟି ଛକା ସହ ୩୧ ରନ୍ କରିଥିଲେ। ତା'ଛଡ଼ା ଜେମି ସ୍ମିଥ୍ ଗୋଟିଏ ଚୌକା ଓ ୨ଟି ଛକା ସହ ୨୨, ହ୍ୟାରୀ ବ୍ରୁକ୍ସ ଓ ଲିଆମ୍ ଲିଭିଙ୍ଗଷ୍ଟୋନ୍ ୧୩ ରନ୍ ଲେଖାଏଁ ଏବଂ ଜୋଫ୍ରା ଆର୍ଚର୍ ୧୨ ରନ୍ କରିଥିଲେ। ଭାରତ ପକ୍ଷରୁ ଦୁଇ ସ୍ପିନର୍ ଅକ୍ଷର ପଟେଲ୍ ଓ ବରୁନ୍ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ଏବଂ ଅର୍ଶଦୀପ ସିଂହ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ୍ ସୁନ୍ଦର ଓ ଅଭିଷେକ ବର୍ମା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

ବ୍ୟାଟିଂରେ ଦଳ ଯଦିଓ ଦୁଇ ଓପନର ସଞ୍ଜୁ ସାମ୍‌ସନ୍ ଓ ଅଭିଷେକ ଶର୍ମାଙ୍କ ୱିକେଟ୍ ସଅଳ ହରାଇଥିଲା, କିନ୍ତୁ ୫୫ ବଲ୍‌ରେ ୪ ଚୌକା ଓ ୫ଟି ଛକା ସହ ବର୍ମାଙ୍କ ବିଧ୍ୱଂସୀ ଇନିଂସ ଭାରତ ପାଇଁ କ୍ରମାଗତ ଦ୍ୱିତୀୟ ବିଜୟ ଅର୍ଜନ କରିଥିଲା। ତାଙ୍କ ବ୍ୟତୀତ ୱାଶିଂଟନ୍ ସୁନ୍ଦର ୩ଟି ଚୌକା ଓ ଗୋଟିଏ ଛକା ସହ ୨୬ ଏବଂ ଅଭିଷେକ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ୧୨ ରନ ଲେଖାଏଁ କରିଥିଲେ। ଇଂଲଣ୍ଡ ପାଇଁ କାର୍ସ ୩ଟି ଏବଂ ଆର୍ଚର୍, ମାର୍କ ଉଡ୍, ଆଦିଲ୍ ରଶିଦ୍, ଜେମି ଓଭର୍ଟନ୍ ଓ ଲିଭିଙ୍ଗ୍‌ଷ୍ଟୋନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ।

# ଅଷ୍ଟ୍ରେଲିଆନ ଓପନ: ଆଜି ଭେରଭ-ସିନ୍ନର ଫାଇନାଲ୍

**ମେଲ୍‌ବର୍ଣ୍ଣ, ୨୫ା୧:** ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ନୋଭାକ୍ ଜୋକୋଭିକ୍‌ଙ୍କ ଅଷ୍ଟ୍ରେଲିଆନ୍ ଓପନ୍ ଅଭିଯାନ ସେମିଫାଇନାଲ୍‌ରେ ଅଟକିଯାଇଛି। ୧୦ ଥର ଅଷ୍ଟ୍ରେଲିଆନ୍ ଓପନ୍ ବିଜେତା ଏହି ସର୍ବିୟା ତାରକାଙ୍କ କ୍ୱାର୍ଟରଫାଇନାଲ୍‌ରେ କାର୍ଲୋସ ଅଲ୍‌କାରାଜ ବିପକ୍ଷ ମ୍ୟାଚ୍‌ର ପ୍ରଥମ ସେଟ୍ ପରେ ଓହରିଯାଇଛନ୍ତି। ପୂର୍ବରୁ ତାଙ୍କ ବାମ ଥାଇରେ ଆଘାତ

### ପୁରୁଷ ସିଙ୍ଗଲ୍ସ ସେମିରେ ଅଧାରୁ ଓହରିଲେ ଜୋକୋଭିକ୍

ଲାଗିଥିଲା। ତେଣୁ ସେମିଫାଇନାଲ୍ ଖେଳିବା ନେଇ ସନ୍ଦେହ ଥିଲା। ଗୁରୁବାର ଅଭ୍ୟାସ କରି ନଥିବା ଜୋକୋଭିକ୍ କିନ୍ତୁ ଶୁକ୍ରବାର ସେମିଫାଇନାଲ୍ ଲଢ଼େଇକୁ ଓହ୍ଲାଇଥିଲେ। କିନ୍ତୁ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଆଲେକ୍‌ଜାଣ୍ଡର ଭେରଭ୍‌ଙ୍କ ବିପକ୍ଷରେ କଡ଼ା ସଂଘର୍ଷ କରିବା ପରେ ପ୍ରଥମ ସେଟ୍ ୬-୭ରେ ସେ ହାରିଯାଇଥିଲେ। ଏହାପରେ ତାଙ୍କର ଯନ୍ତ୍ରଣା ବଢ଼ିବାରୁ ସେ ଏହି ସେଟ୍ ପରେ ହିଁ ଓହରିବାକୁ ବାଧ୍ୟ ହୋଇଥିଲେ। ଫଳରେ



ଜର୍ମାନୀର ଭେରଭ ସହଜରେ ପ୍ରଥମ ଥର ଲଗି ମେଲ୍‌ବର୍ଣ୍ଣରେ ଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ରବିବାର ଫାଇନାଲ୍‌ରେ ଏହି ଫ୍ରେଞ୍ଚ ଓପନ୍ ଫାଇନାଲିଷ୍ଟ ଗତ ସଂସ୍କରଣ ବିଜେତା ୟାନିକ ସିନ୍ନରଙ୍କୁ ଭେଟିବେ। ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ସିନ୍ନର ୭-୬, ୬-୨, ୬-୨ ସେଟ୍‌ରେ ୨୧ ମାନ୍ୟତାପ୍ରାପ୍ତ ଆମେରିକାର ବେନ୍ ସେଲ୍‌ଟନ୍‌ଙ୍କୁ ପରାସ୍ତ କରିଛନ୍ତି। ବିଜୟ ସହ ଏହି ୨୩ ବର୍ଷୀୟ ଇଟାଲି ତାରକା ଲଗାତାର ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲ୍ ପହଞ୍ଚିବାରେ ଜିମି କୋରିୟର୍ (୧୯୯୨-୯୩)ଙ୍କ ପରେ ପ୍ରଥମ ଖେଳାଳି ହୋଇଛନ୍ତି। ଏଥିସହ ଗତ ବର୍ଷ ଦୁଇଟି ଗ୍ରାଣ୍ଡ ସ୍ଲାମ୍ ଜିତିଥିବା ସିନ୍ନର ପ୍ରଥମ ଇଟାଲି ଖେଳାଳି ଭାବେ ୩ ଗ୍ରାଣ୍ଡ ସ୍ଲାମ୍ ଏକକ ଟ୍ରଫି ଜିତିବାର ଗୌରବର ନିକଟବର୍ତ୍ତୀ ହୋଇଛନ୍ତି।

ଅଷ୍ଟ୍ରେଲିଆର ଓଲିଭିଆ ଗାଡେକି ଓ ଜନ୍ ପିୟର୍ସ ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ମିଶ୍ରିତ ଯୁଗଳ ଟ୍ରଫି କରାୟତ୍ତ କରିଛନ୍ତି। ଶୁକ୍ରବାର ଦୁଇ ଅଷ୍ଟ୍ରେଲୀୟ ଯୋଡ଼ିଙ୍କ ମଧ୍ୟରେ ଖେଳାଯାଇଥିବା ଫାଇନାଲ୍‌ରେ ଗାଡେକି ଓ ପିୟର୍ସ ୩-୬, ୬-୪, ୧୦-୬ ସେଟ୍‌ରେ କିମ୍ବରଲି ବିରେଲି ଓ ଜନ୍ ପାଟ୍ରିକ୍ ସ୍ମିଥ୍‌ଙ୍କୁ ପରାସ୍ତ କରିଛନ୍ତି। ଗାଡେକିଙ୍କ ଏହା ପ୍ରଥମ ମିଶ୍ରିତ ଯୁଗଳ ଗ୍ରାଣ୍ଡ ସ୍ଲାମ୍ ଟ୍ରଫି, କିନ୍ତୁ ପିୟର୍ସଙ୍କ ପାଇଁ ଏହା ଦ୍ୱିତୀୟ। ପିୟର୍ସ ୨୦୨୨ରେ ୟୁଏସ୍ ଓପନ୍ ଜିତିଥିଲେ। ୩୬ ବର୍ଷୀୟ ପିୟର୍ସ ପ୍ୟାରିସ୍ ଅଲିମ୍ପିକ୍ସରେ ମ୍ୟାଥ୍ୟୁ ଏବ୍‌ଡେନ୍‌ଙ୍କ ସହ ପୁରୁଷ ଯୁଗଳ ଟ୍ରଫି ଜିତିଥିଲେ। ଏହା ପୂର୍ବରୁ ସେ ଫିନ୍‌ଲାଣ୍ଡର ହେନରି କୋଣ୍ଟିନେନ୍‌ଙ୍କ ସହ ୨୦୧୭ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଯୁଗଳ ଟ୍ରଫି କରାୟତ୍ତ କରିଥିଲେ। ସ୍ମିଥ୍ ୨୦୧୯ରେ ମେଲ୍‌ବର୍ଣ୍ଣ ପାର୍କରେ ଉପବିଜେତା ହୋଇଥିଲେ। ପୁଣି ଥରେ ସେ ଏଠାରେ ସେହି ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି।

# ୧୩ ବର୍ଷ ପରେ ରଣଜୀ ଖେଳିବେ ବିରାଟ

**ନୂଆଦିଲ୍ଲୀ,୨୫ା୧:** ଟିମ ଇଣ୍ଡିଆର ଅନେକ ଷ୍ଟାର ଖେଳାଳି ବର୍ତ୍ତମାନ ରଣଜୀ ଟ୍ରଫିରେ ଖେଳୁଛନ୍ତି। ଜାନୁଆରୀ ୨୩ ତାରିଖରେ ଆରମ୍ଭ ହୋଇଥିବା ଏହି ମ୍ୟାଚ୍‌ରେ ରୋହିତ ଶର୍ମା, ଶୁଭମନ ଗିଲ, ରିଷଭ ପନ୍ତ, ଯଶସ୍ୱୀ ଜୟସ୍ୱାଲ ଏବଂ ରବିନ୍ଦ୍ର ଜାଡେଜା ଅଂଶଗ୍ରହଣ କରିଥିଲେ। କିନ୍ତୁ ଫିଟନେସ ଅଭାବରୁ କେଏଲ ରାହୁଲ ଏବଂ ବିରାଟ କୋହଲି ଖେଳି ନ ଥିଲେ। ବିରାଟ ଜାନୁଆରୀ ୩୦ରୁ ଆରମ୍ଭ ହେବାକୁ ଥିବା ମ୍ୟାଚରେ ଖେଳିବେ। ଏଥିପାଇଁ ଡିଡିସିଏ ସ୍ୱତନ୍ତ୍ର ପ୍ରସ୍ତୁତି କରିଛି।

ପୂର୍ବତନ ଟିମ ଇଣ୍ଡିଆ ଅଧିନାୟକ ଏବଂ ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲି ଜାନୁଆରୀ ୩୦ରୁ ରେଲୱେ ବିପକ୍ଷରେ ମ୍ୟାଚ ଖେଳିବେ। ଏହି ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବ। ବିରାଟ ତାଙ୍କ ଘରୋଇ ଦଳ ଦିଲ୍ଲୀ ପାଇଁ ଖେଳିବେ। ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ ପାଇଁ ଦିଲ୍ଲୀ ଏବଂ ଜିଲା କ୍ରିକେଟ ସଂଘ (ଡିଡିସିଏ) ସ୍ୱତନ୍ତ୍ର ପ୍ରସ୍ତୁତି କରିଛି। ତେବେ ଡିଡିସିଏ ଏହି ମ୍ୟାଚ୍‌ରେ ପ୍ରାୟ ୧୦ ହଜାର ଦର୍ଶକଙ୍କୁ ମାଗଣା ପ୍ରବେଶ ଦେବାକୁ ଯୋଜନା କରିଛି। ଦର୍ଶକଙ୍କ ପାଇଁ ନର୍ଥ ଏଣ୍ଡ ଏବଂ ପୁରୁଣା କ୍ଲବ ହାଉସ ଖୋଲାଯିବ। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ କରାଯିବ। ସମସ୍ତ ଦର୍ଶକ ମାଗଣାରେ ଏହି ମ୍ୟାଚ ଉପଭୋଗ କରିପାରିବେ।



ବିସିସିଆଇର ନୂତନ ନିର୍ଦ୍ଦେଶାବଳୀରେ କୁହାଯାଇଥିଲା ଯେ, ଭାରତର ବରିଷ୍ଠ ଖେଳାଳିମାନଙ୍କୁ ମଧ ଘରୋଇ କ୍ରିକେଟ ଖେଳିବାକୁ ପଡିବ। ଏହା ପରେ, ଅନେକ ଷ୍ଟାର ଖେଳାଳିଙ୍କୁ ରଣଜୀ ଟ୍ରଫିରେ ଖେଳିବାର ଦେଖାଯାଇଥିଲା। ଏବେ ବିରାଟଙ୍କୁ ମଧ ଖେଳୁଥିବାର ଦେଖାଯିବ। ବିରାଟ ଶେଷ ଥର ପାଇଁ ୨୦୧୨ରେ ରଣଜୀ ମ୍ୟାଚ ଖେଳିଥିଲେ। ବିରାଟ ଡିଡିସିଏକୁ କହିଥିଲେ ଯେ. ତାଙ୍କ ବେକରେ ଯନ୍ତ୍ରଣା ଥିବାରୁ ସେ ଜାନୁଆରୀ ୨୩ରୁ ଖେଳାଯିବାକୁ ଥିବା ମ୍ୟାଚ ଖେଳିପାରିବେ ନାହିଁ, କିନ୍ତୁ ସେ କହିଥିଲେ ଯେ ସେ ଜାନୁଆରୀ ୩୦ରୁ ଆରମ୍ଭ ହେବାକୁ ଥିବା ମ୍ୟାଚ ପାଇଁ ଉପଲବ୍ଧ। ଏବେ ଏହା ପ୍ରାୟ ନିଶ୍ଚିତ ହୋଇଗଲାଣି ଯେ, ବିରାଟ କୋହଲି ୧୩ ବର୍ଷ ପରେ ରଣଜୀ ମ୍ୟାଚ ଖେଳିବେ। ଡିଡିସିଏ ସଭାପତି ରୋହନ ଜେଟଲି ନିଜେ ଅନେକ ଗଣମାଧମ ସଂଗଠନକୁ କହିଥିଲେ ଯେ ବିରାଟଙ୍କ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଉଛି। ଏଥିରୁ ସ୍ପଷ୍ଟ ଯେ ବିରାଟ ଜାନୁଆରୀ ୩୦ରୁ ଅରୁଣ ଜେଟଲି ଷ୍ଟାଡିୟମରେ ରେଳବାଇ ବିପକ୍ଷରେ ମ୍ୟାଚ ଖେଳିବେ।



# କବାଡି ମ୍ୟାଚରେ ଉଡ଼ିଲା ଚେୟାର ମାରପିଟ୍ ହେଲେ ଖେଳାଳି

**ନୂଆଦିଲ୍ଲୀ, ୨୫ା୧:** ପଞ୍ଜାବର ବଥିଣ୍ଡାରେ ଏକ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ତାମିଲନାଡୁର କବାଡି ଖେଳାଳିମାନେ ଶକ୍ରବାର ଆକ୍ରମଣର ଶିକାର ହୋଇଥିବା ଖବର ଆସିଛି। ରିପୋର୍ଟରେ ଦାବି କରାଯାଇଛି ଯେ ଖେଳାଳିମାନେ ମ୍ୟାଚ୍ ରେଫରୀଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହେବା ପରେ ଝଗଡ଼ା ଆରମ୍ଭ ହୋଇଥିଲା। ମଦର ଟେରେସା ବିଶ୍ୱବିଦ୍ୟାଳୟ, ପେରିୟାର ବିଶ୍ୱବିଦ୍ୟାଳୟ, ଆଲାଗପ୍ପା ବିଶ୍ୱବିଦ୍ୟାଳୟ ଏବଂ ଭାରତିଆର ବିଶ୍ୱବିଦ୍ୟାଳୟ ଭଳି ବିଭିନ୍ନ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ଉତ୍ତର ଜୋନ୍ ଆନ୍ତଃବିଶ୍ୱବିଦ୍ୟାଳୟ ଏବଂ ଅଲ୍ ଇଣ୍ଡିଆ ଆନ୍ତଃବିଶ୍ୱବିଦ୍ୟାଳୟ କବାଡି (ମହିଳା) ଚାମ୍ପିଅନସିପ୍ ୨୦୨୪-୨୫ ରେ ଅଂଶଗ୍ରହଣ କରୁଥିଲେ। ଇଣ୍ଡିଆ ଟୁଡେରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଖେଳାଳିମାନଙ୍କୁ ପ୍ରଥମେ ପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳାଳିମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ ଦରଭଙ୍ଗା ବିଶ୍ୱବିଦ୍ୟାଳୟ ସହିତ ଖେଳ ସମୟରେ ମଦର ଟେରେସା ବିଶ୍ୱବିଦ୍ୟାଳୟର ଝଗଡ଼ା ହୋଇଥିଲା। ଯୁକ୍ତିତର୍କ ହେବା ପରେ କବାଡି ମ୍ୟାଚ୍ ର ରେଫରି ମଦର ଟେରେସା ଦଳର ଜଣେ ସଦସ୍ୟଙ୍କୁ ଆକ୍ରମଣ କରିଥିଲେ।

ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ, ଖେଳାଳିମାନେ କିଛି ପୁରୁଷମଙ୍କ ସହ ଝଗଡ଼ା କରୁଥିବାର ଦେଖାଯାଉଛି। ଭିଡିଓରୁ ସ୍ପଷ୍ଟ ହୋଇନାହିଁ ଯେ ସେମାନେ ଅଧିକାରୀ ଥିଲେ କି ଦର୍ଶକ। ଉଭୟ ପକ୍ଷ ଚେୟାର ମଧ୍ୟ ଫିଙ୍ଗା ଫିଙ୍ଗି କରିଥିବାର ଦେଖିବାକୁ ମିଳିଛି।




# ଲାନସର୍ସକୁ ୫-୩ ଗୋଲରେ ହରାଇ ତୃତୀୟକୁ ଉଠିଲା ବେଙ୍ଗଲ ଟାଇଗର୍ସ

### ହକି ଇଣ୍ଡିଆ ଲିଗ

ରାଞ୍ଚି, ୨୫/୦୧: ପୁରୁଷ ଏସ୍‌ଆଇଏଲରେ ଶୁକ୍ରବାର ବେଙ୍ଗଲ ଟାଇଗର୍ସ ୫-୩ ଗୋଲରେ ବେଦାନ୍ତ କଳିଙ୍ଗ ଲାନସର୍ସକୁ ପରାସ୍ତ କରିଛି। ସିଜନରେ ଏ ପର୍ଯ୍ୟନ୍ତ ୫ଟି ବିଜୟ ସହ ଦଳ ମୋଟ୍ ୧୫ ପଏଣ୍ଟ ପାଇ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବେଦାନ୍ତ କଳିଙ୍ଗ ଲାନସର୍ସ ୧୫ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ପ୍ରଥମ କ୍ୱାର୍ଟରରେ ଭଲ ଆରମ୍ଭ କରିଥିଲା ଲାନସର୍ସ। ୫ ଓ ୧୧ ମିନିଟରେ ୨ଟି ଗୋଲ୍ ସ୍କୋର କରିଥିଲା। ଟାଇଗର୍ସ ୧୦ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାରେ ସଫଳ ରହିଥିଲା। ପୁଣି ଦ୍ୱିତୀୟ କ୍ୱାର୍ଟରରେ ୨ଟି ଗୋଲ୍ ଦେଇ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ୩-୨ରେ ଅଗ୍ରଣୀ ଲାଭ କରିଥିଲା ଟାଇଗର୍ସ। ତୃତୀୟ କ୍ୱାର୍ଟର ଆରମ୍ଭରୁ ଚତୁର୍ଥ ଗୋଲ୍ ଦେଇ ଦଳ ସ୍ଥିତି ମଜବୁତ କରିଥିଲା। ଲାନସର୍ସ ୩୩ ମିନିଟରେ ତୃତୀୟ ଗୋଲ ଦେଇଥିଲା। ୪୦ ମିନିଟରେ ପଞ୍ଚମ ଗୋଲ୍ ଦେଇ ଟାଇଗର୍ସ ମ୍ୟାଚ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଜାହିର କରିଥିଲା। ଶେଷ ୨୦ ମିନିଟ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଲାନସର୍ସ ବହୁ ପ୍ରୟାସ କରି ଆଉ ପ୍ରତ୍ୟାବର୍ତ୍ତନର ସୁଯୋଗ ପାଇନଥିଲା। ଶେଷରେ ୩-୫ ଗୋଲରେ ପରାଜିତ ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୩୯ ପ୍ରତିଭାଙ୍କୁ...

ନାୟର୍ (ମରଣୋତ୍ତର, ସାହିତ୍ୟ ଓ ଶିକ୍ଷା), ଜାପାନର ଓସାମୁ ସୁଜୁକୀ (ମରଣୋତ୍ତର, ବାଣିଜ୍ୟ ଓ ଶିଳ୍ପ) ଓ ବିହାରର ଶାରଦା ସିହ୍ନା (ମରଣୋତ୍ତର, କଳା) ଅଛନ୍ତି। ସେହିପରି ପଦ୍ମ ଭୂଷଣ ପୁରସ୍କାର ପାଇଥିବା ବ୍ୟକ୍ତିତ୍ୱଙ୍କ ମଧ୍ୟରେ କର୍ଣ୍ଣାଟକର ଏ. ସୂର୍ଯ୍ୟପ୍ରକାଶ (ସାହିତ୍ୟ, ଶିକ୍ଷା ଓ ସାମ୍ବାଦିକତା), ଅନନ୍ତ ନାଗ (କଳା), ଏନ୍‌ସିଟି ଦିଲ୍ଲୀର ବିବେକ ଦେବରାୟ (ସାହିତ୍ୟ ଓ ଶିକ୍ଷା), ଆସାମର ଯତୀନ୍ ଗୋସ୍ୱାମୀ (କଳା), କେରଳର ଜୋସ୍ ଚାକୋ ପେରିଆପ୍ପୁରମ୍ (ଭେଷଜ), ଏନ୍‌ସିଟି ଦିଲ୍ଲୀର କୈଳାଶ ନାଥ ଦୀକ୍ଷିତ (ଭୂତତ୍ତ୍ୱ), ମହାରାଷ୍ଟ୍ରର ମନୋହର ଯୋଶୀ (ମରଣୋତ୍ତର, ପବ୍ଲିକ୍ ଆଫେୟାର୍ସ), ତାମିଲନାଡୁର ଏନ. କୁପ୍ପୁସ୍ୱାମୀ ଚେଟ୍ଟି (ବାଣିଜ୍ୟ ଓ ଶିଳ୍ପ), ବିହାରର ସୁଶୀଲ କୁମାର ମୋଦି (ମରଣୋତ୍ତର, ପବ୍ଲିକ୍ ଆଫେୟାର୍ସ) ଓ ପୂର୍ବତନ ହକି ଗୋଲ୍‌କିପର୍ ପିଆର୍ ଶ୍ରୀଜେଶ୍ ପ୍ରମୁଖ। ଆହୁରି ପଦ୍ମଶ୍ରୀ ପାଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ବଲିଉଡ୍ ଗାୟକ ଅରିଜିତ୍ ସିଂହ, ପୂର୍ବତନ ସ୍ପିନର୍ ରବିଚନ୍ଦ୍ରନ୍ ଅଶ୍ୱିନ୍, ୧୯୫୫ରେ ଗୋଆ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିବା ଲିବିୟା ଲୋବୋ ସରଦେଶାଇ, ମହିଳା ସଶକ୍ତିକରଣ ଦିଗରେ କାର୍ଯ୍ୟ କରୁଥିବା ୮୨ ବର୍ଷୀୟା ଶୈଳୀ ହୋଲ୍‌କର ପ୍ରମୁଖ ରହିଛନ୍ତି। ଏମାନଙ୍କୁ ପରବର୍ତ୍ତୀ ସମୟରେ ପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

### ଦାଦା-ଖୁଡ଼ୀଙ୍କୁ...

ଗୁରୁତ୍ୱ ଦେଇନଥିଲେ। ତେଣୁ ବସନ୍ତ ସବୁଆଡୁ ନିରାଶ ହୋଇଥିଲା। ଦିନକୁ ଦିନ ମାନସିକ ନିର୍ଯାତନା ବଢ଼ିଚାଲିଥିବାରୁ ବସନ୍ତ ଏକରକମ ଅଣନିଃଶ୍ୱାସୀ ହୋଇପଡ଼ିଥିଲା।

ଏହି କ୍ରମରେ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ବୁଡୁ ଓ ସଜନା ଗାଁ ଦାଣ୍ଡରେ ଚାଲି ଚାଲି ଯାଉଥିବା ସମୟରେ ଅଚାନକ ବସନ୍ତ ସେମାନଙ୍କ ଉପରେ ଏକ ଟାଙ୍ଗିଆରେ ଅତର୍କିତ ଆକ୍ରମଣ କରିଥିଲା। ଆକ୍ରମଣରେ ବୁଡୁ ଓ ସଜନା ରକ୍ତ ଜୁଡୁବୁଡୁ ହୋଇଯାଇଥିଲେ। ତେବେ ସେମାନେ ଜୀବନ ବଞ୍ଚାଇବାକୁ ଉଦ୍ୟମ କରି ଗାଁ ରାସ୍ତାରେ ଦୌଡୁଥିବା ଲୋକେ ଦେଖିବାକୁ ପାଇଥିଲେ। ଅଧିକନ୍ତୁ ସେମାନଙ୍କ ପଛରେ ଟାଙ୍ଗିଆ ଧରି ବସନ୍ତ ରକ୍ତମୁଖା ହୋଇ ଦୌଡୁଥିଲା। ଶେଷରେ ସେମାନଙ୍କୁ ଅତି ବୀଭତ୍ସ ଭାବେ ହାଣି ବସନ୍ତ ହତ୍ୟା କରିଥିଲା। ଏନେଇ ଅଭିଯୋଗ ହେବା ପରେ ଗାଁରେ ସ୍ଥାନୀୟ ପୁଲିସ୍ ପହଞ୍ଚି ଆକ୍ରମଣ କରିଥିବା ବସନ୍ତକୁ ହେପାଜତକୁ ନେବା ସହ ତା'ଠାରୁ ମାରଣାସ୍ତ୍ରକୁ ଜବତ କରିଥିବା ଜଣାପଡ଼ିଛି। ପୂର୍ବ ଶତ୍ରୁତା ଓ ପାରିବାରିକ ଗଣ୍ଡଗୋଳ ଯୋଗୁ ଏପରି ବୀଭତ୍ସ ହତ୍ୟାକାଣ୍ଡ ଘଟିଥିବା ପୁଲିସ୍ ସନ୍ଦେହ କରୁଛି। କିନ୍ତୁ ବିଭିନ୍ନ ଦିଗରୁ ପୁଲିସ ତଦନ୍ତ ଚଳାଇଛି। ତେବେ ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟଣା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଦେଇଛି। ନିର୍ଯାତନା ଅସହ୍ୟ ହେଲେ କେହି ବି କୌଣସି ସ୍ତର ପର୍ଯ୍ୟନ୍ତ ଯାଇପାରନ୍ତି ବୋଲି ଲୋକେ ଆଲୋଚନା କରୁଛନ୍ତି।

### ୪ ଓଡ଼ିଆ...

ଲେଖିକା ପ୍ରତିଭା ଶତପଥୀ ଓ କଳା ପାଇଁ ଦୁର୍ଗାଚରଣ ରଣବୀର। ଓଡ଼ିଶାର ମୁଣ୍ଡଯୋଡ଼ା ଶିଶୁ ଜଗାବଳିଆଙ୍କୁ ଅସ୍ତ୍ରୋପଚାର ମାଧ୍ୟମରେ ପୃଥକ୍ କରି ବିଶିଷ୍ଟ ସଫଳତା ପାଇଥିବା ଡା. ମହାପାତ୍ର ଏଥିପାଇଁ ଲିମ୍କା ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ସେ ମଧ୍ୟ ପେଡିଆଟ୍ରିକ୍ ନ୍ୟୁରୋ ସର୍ଜରି କ୍ଷେତ୍ରରେ ବେଶ୍ ପ୍ରସିଦ୍ଧି ହାସଲ କରିଛନ୍ତି। ସେହିପରି ଶ୍ରୀମତୀ ଶତପଥୀ ସାହିତ୍ୟ କ୍ଷେତ୍ରରେ ଅଜସ୍ର ସଫଳତା ପାଇଥିବା ବେଳେ କଳା କ୍ଷେତ୍ର ପ୍ରତି ଶ୍ରୀ ରଣବୀର ଓ ଶ୍ରୀ ଗଡ଼ନାୟକଙ୍କ ପ୍ରମୁଖ ଅବଦାନ ରହିଛି। ଏହି ୪ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ପଦ୍ମ ପୁରସ୍କାର ବିଜେତାଙ୍କ ଓଡ଼ିଆଙ୍କ କୃତିତ୍ୱ ପାଇଁ ରାଜ୍ୟବାସୀ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### ନାରୀ ଶକ୍ତିର...

ଯୁଗରେ ପରିଚିତ ହୋଇଛୁ। ଏହି ମୂଲ୍ୟବୋଧ ସବୁବେଳେ ଆମ ସଭ୍ୟତା ଓ ସଂସ୍କୃତିର ଏକ ଅଂଶ ହୋଇ ରହିଛି। ନବସ୍ୱାଧୀନ ଭାରତର ସମ୍ବିଧାନ ଓ ଗଣତନ୍ତ୍ରର ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ କରିଥିବା ସମାଲୋଚକମାନେ ଏହାର ମୂଲ୍ୟବୋଧ ଯୋଗୁ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହୋଇଥିଲେ ବୋଲି ସେ କହିଛନ୍ତି।

ଆମର ସମ୍ବିଧାନ ସଭାର ଗଠନ ମଧ୍ୟ ଆମର ଗଣତାନ୍ତ୍ରିକ ମୂଲ୍ୟବୋଧର ସାକ୍ଷୀ ଥିଲା। ଏଥିରେ ଦେଶର ସବୁ ପ୍ରାନ୍ତ ଓ ସମସ୍ତ ସମ୍ପ୍ରଦାୟର ପ୍ରତିନିଧି ଥିଲେ। ସରୋଜିନୀ ନାଇଡୁ, ରାଜକୁମାରୀ ଅମୃତ କୌର, ସୁଚେତା କୃପାଲାନି, ହଂସାବେନ ମେହେଟ୍ଟା ଓ ମାଳତୀ ଚୌଧୁରୀଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ଏଥିରେ ୧୫ ଜଣ ମହିଳା ସଦସ୍ୟ ଥିଲେ। ଯେତେବେଳେ ବିଶ୍ୱର ଅନେକ ସ୍ଥାନରେ ନାରୀ ସମାନତା କେବଳ ଏକ ସୁଦୂର ଆଦର୍ଶ ଥିଲା, ସେତେବେଳେ ଭାରତରେ ମହିଳାମାନେ ଦେଶର ଭାଗ୍ୟ ଗଢ଼ିବାରେ ସକ୍ରିୟ ଭାବରେ ଯୋଗଦାନ କରିଥିଲେ ବୋଲି ସେ କହିଛନ୍ତି।

ସେ କହିଛନ୍ତି ଯେ, ସମ୍ବିଧାନ ପ୍ରଣୟନ ହେବାର ଏହି ୭୫ ବର୍ଷ ଆମ ଯୁବ ଗଣତନ୍ତ୍ରର ସର୍ବାଙ୍ଗୀନ ପ୍ରଗତିର ସାକ୍ଷୀ। ସ୍ୱାଧୀନତା ସମୟରେ ଏବଂ ଏହା ପରେ ମଧ୍ୟ ଦେଶର ଏକ ବଡ଼ ଭାଗରେ ଅତ୍ୟନ୍ତ ଦାରିଦ୍ର୍ୟ ଓ ଅନାହାର ପରିସ୍ଥିତି ସୃଷ୍ଟି ହୋଇଥିଲା। କିନ୍ତୁ ଆମର ଆତ୍ମବିଶ୍ୱାସ କେବେ ବି ହ୍ରାସ ପାଇନଥିଲା। ଆମେ ଏପରି ପରିସ୍ଥିତି ସୃଷ୍ଟି କରିବାକୁ ସଂକଳ୍ପ ନେଇଛୁ ଯେଉଁଥିରେ ସମସ୍ତେ ବିକାଶ ଦିଗରେ ଅଗ୍ରସର ହେବାର ସୁଯୋଗ ପାଇବେ। ଆଜିର ଭାରତ ଅନ୍ତର୍ଜାତୀୟ ମଞ୍ଚରେ ଏକ ଅଗ୍ରଣୀ ସ୍ଥାନ ହାସଲ କରୁଛି। ସମ୍ବିଧାନରେ ନିର୍ଦ୍ଧାରିତ ଢାଞ୍ଚା ବିନା ଏହି ବ୍ୟାପକ ପରିବର୍ତ୍ତନ ସମ୍ଭବ ହୋଇନଥାନ୍ତା।

### ୨୦୨୫ ହେବ...

ବିଲିୟନ ଡଲାର ଅତିକ୍ରମ କରିଛି। ସେହିପରି ଆଜି ସ୍ୱାକ୍ଷରିତ ହୋଇଥିବା ଏକାଧିକ ଚୁକ୍ତି ଫିନ୍ ଟେକ୍, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଏବଂ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ଭଳି କ୍ଷେତ୍ରରେ ପାରସ୍ପରିକ ସହଯୋଗକୁ ଆହୁରି ସୁଦୃଢ଼ କରିବ ବୋଲି ପ୍ରଧାନମନ୍ତ୍ରୀ ଆଶା କରିଛନ୍ତି। ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ମହାକାଶ ଏବଂ ଷ୍ଟେମ ଶିକ୍ଷା କ୍ଷେତ୍ରରେ ମଧ୍ୟ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ମିଳିତ ଅଭ୍ୟାସ କରିବେ। ରାମାୟଣ ଓ ମହାଭାରତ ସମୟରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ରହିଆସିଥିବା ବେଳେ ଭାରତ ଇଣ୍ଡୋନେସିଆର ପ୍ରମ୍ବାନାନ୍ ହିନ୍ଦୁ ମନ୍ଦିରର ସଂରକ୍ଷଣ ପ୍ରୟାସରେ ଯୋଗଦାନ କରିବ ବୋଲି ମୋଦି କହିଛନ୍ତି। ଏସିଆନ ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଇଣ୍ଡୋନେସିଆ ଭାରତର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ସମଗ୍ର ଅଞ୍ଚଳରେ ଶାନ୍ତି, ନିରାପତ୍ତା, ସମୃଦ୍ଧି ଓ ନିୟମଭିତ୍ତିକ ଶୃଙ୍ଖଳା ବଜାୟ ରଖିବା ପାଇଁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ। ଭାରତର ଆକ୍ଟ ଇଷ୍ଟ ପଲିସିରେ ଏସିଆନ ଏକତା ଏବଂ କେନ୍ଦ୍ରୀୟତା ଉପରେ ଗୁରୁତ୍ୱ ଦିଆଯାଇଛି। ଜି-୨୦, ଆସିଆନ୍ ଏବଂ ଭାରତ ମହାସାଗର ରିମ୍ ଆସୋସିଏସନ୍ ଭଳି ପ୍ଲାଟଫର୍ମରେ ଦୁଇ ଦେଶ ଏକାଠି କାମ ଜାରି ରଖିଛନ୍ତି। ଏବେ ଭାରତ ମଧ୍ୟ ବ୍ରିକ୍ସରେ ଇଣ୍ଡୋନେସିଆର ସଦସ୍ୟତାକୁ ସ୍ୱାଗତ କରିଛି ବୋଲି ମୋଦି କହିଛନ୍ତି। ସୂଚନାଯୋଗ୍ୟ ଯେ ଗତବର୍ଷ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରେ ପ୍ରବୋଓଙ୍କ ଏହା ପ୍ରଥମ ବିଦେଶ ଗସ୍ତ।

### ସୁନେଲି ପ୍ରତିଭାଙ୍କୁ...

କହିଛନ୍ତି। ଏଥିପାଇଁ ଶ୍ରୀ ପ୍ରଧାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ଅସାଧାରଣ ଲୋକପ୍ରତିଭାକୁ ପରିଚୟ ଦେବା ସହ ସମ୍ମାନିତ କରିବା ମୋଦି ସରକାରଙ୍କ ଉଚ୍ଚ ପରମ୍ପରା ହୋଇଛି। ପଦ୍ମ ପୁରସ୍କାର ମାଧ୍ୟମରେ ବଣମଲ୍ଲୀକୁ ଲୋକଲୋଚନକୁ ଆଣିବା ପାଇଁ ଆମ ସରକାର ନିରନ୍ତର ପ୍ରୟାସ କରୁଛନ୍ତି ବୋଲି ପ୍ରଧାନ କହିବା ସହ ପଦ୍ମଶ୍ରୀ ପୁରସ୍କାର ପାଇଥିବା ୪ ଓଡ଼ିଆଙ୍କୁ ବଧେଇ ଜଣାଇଛନ୍ତି। ସେ କହିଛନ୍ତି ଯେ ଦେଶକୁ ସମୃଦ୍ଧ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ସାଧାରଣ ନାଗରିକଙ୍କୁ ପଦ୍ମ ପୁରସ୍କାର ସେମାନଙ୍କୁ ବଡ଼ ସମ୍ମାନ ଦେଇଛି।

ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆର୍ଥିକ ଅଭିବୃଦ୍ଧି ହାର କ୍ରମାଗତ ଭାବେ ଅଧିକ ରହିଛି, ଯାହା ଆମ ଯୁବବର୍ଗଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି, କୃଷକ ଏବଂ ଶ୍ରମିକଙ୍କ ହାତରେ ଅଧିକ ଅର୍ଥ ପହଞ୍ଚାଇଛି ଏବଂ ବହୁ ସଂଖ୍ୟକ ଲୋକଙ୍କୁ ଦାରିଦ୍ର୍ୟରୁ ବାହାରକୁ ଆଣିବାରେ ସଫଳ ହୋଇଛି। ସରକାର ଆର୍ଥିକ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳକୁ ଯେପରି ବ୍ୟବହାର କରୁଛନ୍ତି, ତାହା ଏକ ନିଦର୍ଶନ। ଡିଜିଟାଲ ଦେୟର ବିଭିନ୍ନ ବିକଳ୍ପ ସହିତ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ବ୍ୟବସ୍ଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିଛି, ଯାହାଦ୍ୱାରା ବହୁ ସଂଖ୍ୟକ ଲୋକଙ୍କୁ ଆନୁଷ୍ଠାନିକ ବ୍ୟବସ୍ଥାରେ ସାମିଲ କରାଯାଇ ପାରିଛି। ସେ କହିଛନ୍ତି ଯେ, ଭାରତୀୟ ଦଣ୍ଡବିଧି ସଂହିତା, ଅପରାଧିକ ପ୍ରକ୍ରିୟା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ ବଦଳରେ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ପ୍ରଣୟନ ନିଷ୍ପତ୍ତି ସବୁଠାରୁ ଉଲ୍ଲେଖନୀୟ। ନ୍ୟାୟଶାସ୍ତ୍ରର ଭାରତୀୟ ପରମ୍ପରା ଆଧାରରେ ଦଣ୍ଡ ପରିବର୍ତ୍ତେ ନ୍ୟାୟ ଦେବାର ଭାବନାକୁ ଅପରାଧିକ ନ୍ୟାୟ ବ୍ୟବସ୍ଥାର କେନ୍ଦ୍ରରେ ରଖାଯାଇଛି। ଏହାବ୍ୟତୀତ ନୂଆ ଆଇନରେ ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧର ମୁକାବିଲାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି।

### ଓସ୍କାର ଦୌଡ଼ରେ...

ବେଶ୍ ପ୍ରଶଂସା ସାଉଁଟିଚାଲିଛି।

ଏଥିରେ ପ୍ରିୟଙ୍କା ଚୋପ୍ରା ଜୋନାସଙ୍କ ସହ ମିଣ୍ଡି କଲିଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଆଡମ୍ ଜେ. ଗ୍ରେଭ୍ସଙ୍କ ନିର୍ଦ୍ଦେଶିତ 'ଅନୁଜା' ଦୁଇ ଭଉଣୀଙ୍କ ପ୍ରେରଣାଦାୟୀକ କାହାଣୀ ଉପରେ ପର୍ଯ୍ୟବସିତ। ୯ ବର୍ଷର ଅନାଥ ଅନୁଜା ନିଜ ବଡ଼ ଭଉଣୀ ପଲକ୍ ସହ ଏକ କପଡ଼ା କାରଖାନାରେ କାମ କରେ। ତେବେ କାହାଣୀରେ ସେତେବେଳେ ଏକ ମୋଡ଼ ଆସେ ଯେତେବେଳେ ଅନୁଜା ଏପରି ଏକ ସୁଯୋଗ ପାଏ, ଯାହା ତା' ସହ ତା' ପରିବାରର ଭାଗ୍ୟ ବଦଳାଇଦିଏ।ରାସ୍ତା କଡ଼ରେ ଜୀବନ କାଟୁଥିବା ଓ କାମଧନ୍ଦା କରି ବଞ୍ଚୁଥିବା କୁନି କୁନି ପିଲାମାନଙ୍କ ଥଇଥାନ ପାଇଁ କାମ କରୁଥିବା ସଲାମ ବାଲକ୍ ଟ୍ରଷ୍ଟ୍ ସହଯୋଗରେ ଏହି ଚଳଚ୍ଚିତ୍ରଟି ପ୍ରସ୍ତୁତ କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ଯେ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ସଜଦା ପଠାନ ନିଜେ ସଲାମ ବାଲକ୍ ଟ୍ରଷ୍ଟ୍ ସହ ଜଡିତ ଓ ତାଙ୍କ ପ୍ରକୃତ ଜୀବନର ଅଭିଜ୍ଞତା ଏହି ଫିଲ୍ମକୁ ଅଧିକ ପ୍ରେରଣାଦାୟୀ କରିପାରିଛି। ଓସ୍କାର୍ ଦୌଡ଼ରେ ସାମିଲ୍ ହେବା ପରେ ଏହି କ୍ଷୁଦ୍ର ଚଳଚ୍ଚିତ୍ରର ନିର୍ଦ୍ଦେଶକ ଗ୍ରେଭ୍ସ କହିଛନ୍ତି ଯେ ଚଳଚ୍ଚିତ୍ରଟି ପିଲାମାନଙ୍କର ପରିଶ୍ରମ ଏବଂ ସାହସର ପ୍ରତୀକ। ଏହି କାହାଣୀକୁ ଓସ୍କାର ମଞ୍ଚକୁ ନେବା ଆମ ପାଇଁ ଗର୍ବର ବିଷୟ। ସେହିପରି ନିର୍ମାତା ତଥା ଅଭିନେତା ମିଣ୍ଡି କଲିଙ୍ଗ କହିଛନ୍ତି ଯେ ଏହି ଚଳଚ୍ଚିତ୍ରଟି ଦୁଇ ଭଉଣୀଙ୍କ କାହାଣୀ, ଯେଉଁମାନେ ସ୍ୱପ୍ନ ଦେଖିବା ପାଇଁ ସାହସ ଜୁଟାଇଛନ୍ତି। ଏହାର ଏକ ଅଂଶବିଶେଷ ହେବା ମୋ ପାଇଁ ସବୁଠାରୁ ବଡ଼ ସଫଳତା।

### ପଦ୍ମ ବିଜେତାଙ୍କୁ...

ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଦିଗରେ ଦୃଢ଼ ପ୍ରଦକ୍ଷେପ ନେବାକୁ ଆଶ୍ୱାସନା ଦେଇଛନ୍ତି। ଏହି ବ୍ୟକ୍ତିମାନେ ରାଜ୍ୟର ଗୌରବ। ତେଣୁ ସେମାନଙ୍କ ସହ ଯୋଗସୂତ୍ର ରକ୍ଷା କରି ରାଜ୍ୟର ବିକାଶ ଧାରାକୁ ଆଗେଇ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ସୋସିଆଲ ମିଡିଆରେ କହିଛନ୍ତି।

### ବିଜେଡିରେ...

ସଂଖ୍ୟା ବଢ଼ି ଚାଲିଥିବାବେଳେ ଅନ୍ୟପଟେ ସେମାନଙ୍କୁ ଲଗାମ ଲଗାଇବାକୁ ଦଳୀୟ ନେତାମାନେ ସାହସ କରିପାରୁନାହାନ୍ତି। କାରଣ ଏବେ ଯେଉଁମାନେ ଦଳର ମଙ୍ଗ ଧରିଛନ୍ତି ସେମାନେ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଥିବାବେଳେ ଭିତରେ ଭିତରେ ସନ୍ୟାସୀଙ୍କ ଉପରେ କୁହୁଳୁଛନ୍ତି। ତେଣୁ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ସେମାନଙ୍କ ମଧ୍ୟରୁ ଅନେକ ବି ମଜା ଦେଖୁଥିବା ନେଇ ଆଲୋଚନା ହେଉଛି।

# ବୀର ଗାଥା ଦେଶଭକ୍ତି ଓ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି




- ଅଢ଼େଇ ଲକ୍ଷ କୋଟିର ନିବେଶ ଦେବ ୧.୧୦ ଲକ୍ଷ ନିଯୁକ୍ତି
- ଅଜଣା ବୀରଙ୍କୁ ମନେ ପକାଇବାକୁ ପ୍ରେରଣା ଦେଉଛି ଏନ୍ଇପି
- ଦେଶ ପ୍ରତିରକ୍ଷାରେ ଝିଅମାନେ ବୀରତ୍ୱ ଓ ସାମର୍ଥ୍ୟ ପ୍ରଦର୍ଶନ କରୁଛନ୍ତି
- ପ୍ରତି ବିଦ୍ୟାଳୟରେ 'ବୀର ଗାଥା କର୍ନର' ପ୍ରତିଷ୍ଠା ପାଇଁ ପରାମର୍ଶ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** 'ବୀର ଗାଥା' ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶଭକ୍ତି, ସାହସ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରୁଛି। ଦେଶର ପ୍ରଗତିରେ ଯୋଗଦାନ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିବାରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହୋଇଛି ବୋଲି ଆଜି ଶନିବାର ନୂଆଦିଲ୍ଲୀଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ବୀର ଗାଥା ୪.୦ର 'ସୁପର ୧୦୦' ବିଜେତାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବୀର ଗାଥା ଆମ ଦେଶର ନୂଆ ପିଢ଼ିଙ୍କୁ ଭାରତର ସାମରିକ ପରମ୍ପରା, ଅଜଣା ବୀର ଓ ଆମ ସେନାମାନଙ୍କର ଶୌର୍ଯ୍ୟ ଏବଂ ବଳିଦାନକୁ ପରିଚିତ କରାଇବା ପାଇଁ ଏକ ମହତ୍ୱପୂର୍ଣ୍ଣ ମଞ୍ଚ। ଆମର ସାମରିକ ପରମ୍ପରା, ବୀରଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ଆମ ସଂସ୍କୃତିର ପ୍ରମୁଖ ଉପଲବ୍ଧି। ନାଳନ୍ଦା, ତକ୍ଷଶିଳା, ବିକ୍ରମଶିଳା ଓ ପୁଷ୍ପଗିରି ଭଳି ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ମଗଧ, ଚୋଳ, ଖାରବେଳ ସାମ୍ରାଜ୍ୟ ପର୍ଯ୍ୟନ୍ତ ଆମର ପୂର୍ବପୁରୁଷମାନେ ଜ୍ଞାନ ସହ ସାମରିକ ପରମ୍ପରାର ସମୃଦ୍ଧ ଇତିହାସ ସୃଷ୍ଟି କରିଥିଲେ। ନୂଆ ଜାତୀୟ ଶିକ୍ଷା ନୀତି (ଏନ୍ଇପି) ଆମକୁ ମାତୃଭୂମି ପାଇଁ ନିଜର ସବୁକିଛି ବଳିଦାନ ଦେଇଥିବା ଭାରତର ଇତିହାସ ପୃଷ୍ଠାରେ ଅନାଲୋଚିତ ବୀରମାନଙ୍କୁ ଜାଣିବା ଏବଂ ମନେ ପକାଇବାକୁ ପ୍ରେରଣା ଦେଉଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସାମ୍ପ୍ରତିକ ସମୟରେ ଦେଶର ଝିଅମାନେ ରାଣୀ ଲକ୍ଷ୍ମୀବାଈଙ୍କ ଭଳି ଦେଶର ପ୍ରତିରକ୍ଷାରେ ନିଜର ବୀରତ୍ୱ ଓ ସାମର୍ଥ୍ୟ ପ୍ରଦର୍ଶନ କରୁଛନ୍ତି। ଟେକ୍ନୋଲୋଜି ସାହାଯ୍ୟରେ ଅନାଲୋଚିତ ନାୟକଙ୍କ କାହାଣୀକୁ ଭିଡିଓ ଷ୍ଟୋରୀ ଆକାରରେ ନୂଆ ପିଢ଼ିଙ୍କ ନିକଟରେ ଉପସ୍ଥାପନ କରିବାର ଆବଶ୍ୟକତା ରହିଛି। ଏଥିସହ ପ୍ରତି ବିଦ୍ୟାଳୟରେ 'ବୀର ଗାଥା କର୍ନର' ପ୍ରତିଷ୍ଠା ଦ୍ୱାରା ସଂସ୍କୃତି ଓ ବୀରତ୍ୱର ପରମ୍ପରାକୁ ଅଧିକ ଜୀବନ୍ତ କରାଯାଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ବୀର ଗାଥା ପ୍ରତିଯୋଗିତାରେ ଅଢ଼େଇ ଲକ୍ଷରୁ ଅଧିକ ସ୍କୁଲର ୧.୭୬ କୋଟି ଛାତ୍ରଛାତ୍ରୀ ଚିତ୍ରାଙ୍କନ, ଚିତ୍ରକଳା, ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଶୌର୍ଯ୍ୟ ଏବଂ ଜାତୀୟ ଗୌରବର ମୂଲ୍ୟବୋଧ ସୃଷ୍ଟି କରିବାରେ ସହାୟକ ହେବ ଏବଂ ଛାତ୍ରଛାତ୍ରୀମାନଙ୍କୁ ଦେଶର ପ୍ରଗତିରେ ଯୋଗଦାନ କରିବାକୁ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ପ୍ରଧାନ କହିବା ସହ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସୁପର-୧୦୦ ପୁରସ୍କାର ବିଜେତାଙ୍କ ସଫଳତା କାମନା କରିଛନ୍ତି।

## ମଦ ଦୋକାନକୁ ନେଇ ଗୋଷ୍ଠୀ ସଂଘର୍ଷ, ଜଣେ ମୃତ




**ବରଗଡ଼,୨୫।୧(ସଂଚାର ବ୍ୟୁରୋ):** ବରଗଡ଼ର ଗୁଦୁରାମୁଣ୍ଡା ଗାଁରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଏଥିରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୪ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। କୁଚିଆ ମଦଭାଟି ଠିକାକୁ କେନ୍ଦ୍ର କରି ଏହି ମରଣାନ୍ତକ ଆକ୍ରମଣ ହୋଇଛି। ମୃତକ ଜଣଙ୍କ ମହେଶ୍ୱର ବେହେରା ବୋଲି ଜଣାପଡ଼ିଛି। ବରଗଡ଼ ଭେଡେନ ଥାନା ଅନ୍ତର୍ଗତ ଅରେଇଗୁଡ଼ି ପଞ୍ଚାୟତ ଗୁଦୁରାମୁଣ୍ଡା ଗାଁରେ ବର୍ଷେ ହେବ ମଦ ଭାଟି ଠିକା କନବାର ଗାଁର ମହେଶ୍ୱର ବେହେରାଙ୍କୁ ଦିଆଯାଇଥିଲା। ତେବେ ଏହାକୁ ବିରୋଧ କରି ଗାଁର ଅନ୍ୟ ଏକ ଗୋଷ୍ଠୀ ମହେଶ୍ୱରଙ୍କୁ ଆକ୍ରମଣ କରିଥିଲେ। ଭାଇଙ୍କ ସହ ମିଶି ଗାଁକୁ ଆସୁଥିବା ସମୟରେ ମହେଶ୍ୱରଙ୍କୁ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ଘଟଣାସ୍ଥଳରେ ହିଁ ମହେଶ୍ୱରଙ୍କର ମୃତ୍ୟୁ ହୋଇଯାଇଛି। ଖବର ପାଇ ଘଟଣାସ୍ଥଳରେ ଭେଡେନ ଥାନା ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ହୃଦ୍‌ଘାତରେ କାଇଚଟଣୀ ଗବେଷକଙ୍କ ପରଲୋକ



**ମୟୂରଭଞ୍ଜ,୨୫।୧(ସଂଚାର ବ୍ୟୁରୋ):** କାଇଚଟଣୀ ଗବେଷକ ଇଂ ନୟାଧର ପଢ଼ିଆଲଙ୍କର ଆଜି ହୃଦ୍‌ଘାତରେ ପରଲୋକ ଘଟିଛି। କିଛିଦିନ ତଳେ ହୃଦ୍‌ରୋଗ ସମସ୍ୟା ନେଇ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଠାରେ ଚିକିତ୍ସାଧୀନ ଥିବା ସମୟରେ ଆଜି ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କିଛିଦିନ ତଳେ ବାରିପଦାର ମଧୁବନସ୍ଥିତ ବାସଭବନରେ ଇଂ. ପଢ଼ିଆଲ ଗାଧୁଆ ଘରେ ପଡ଼ିଯିବା ପରେ ତାଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ତେବେ ଗତ ୨୦୨୦ରେ ସମଗ୍ର ବିଶ୍ୱରେ କାୟା ମେଲାଇଥିବା ଘାତକ କରୋନା ସଂକ୍ରମଣ ସମୟରେ ଇଂ. ପଢ଼ିଆଲ ଆଦିବାସୀମାନଙ୍କର ପ୍ରିୟ ଖାଦ୍ୟ କାଇଚଟଣୀରେ ଔଷଧୀୟ ଗୁଣବତ୍ତାକୁ ଉପସ୍ଥାପନ କରିଥିଲେ। ପରେ ତାଙ୍କର ଏହି ଉଦ୍ୟମ ପାଇଁ କାଇଚଟଣୀକୁ ଭାରତ ସରକାରଙ୍କ ପକ୍ଷରୁ ଜିଆଇ ଟ୍ୟାଗ୍ ମାନ୍ୟତା ଦିଆଯାଇଥିଲା। ବାରିପଦା ପୂର୍ତ୍ତ ବିଭାଗରେ ସେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ସେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହ ଜଡ଼ିତ ରହି ଅନେକ ଉତ୍ସର୍ଗୀକୃତ ସେବା ପ୍ରଦାନ କରୁଆସୁଥିଲେ। ସେ ଜଣେ ପରୋପକାରୀ ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିବା ବେଳେ ତାଙ୍କ ବିୟୋଗରେ ମୟୂରଭଞ୍ଜବାସୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ଠିକାଦାରଙ୍କ ମନ୍‌ମାନୀ
## ରାସ୍ତା ଉପରେ ପଡ଼ିଛି ବାଲି, ଯାତ୍ରୀ ହନ୍ତସନ୍ତ

**ସମ୍ବଲପୁର,୨୫।୧(ସଂଚାର ବ୍ୟୁରୋ):** ସମ୍ବଲପୁର ସହରରେ ବାଲି ପାଇଁ ସମସ୍ୟା ଦେଖାଦେଇଛି। ଖୋଦ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଜନୈକ ଠିକାଦାର ବାଲି ଗଦା କରି ରଖିଛନ୍ତି। ଏହି ବାଲି ରାସ୍ତାର ଅଧିକାଂଶ ସ୍ଥାନ ମାଡ଼ିବସିଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଯାନବାହନ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ସମ୍ବଲପୁର ସହରରେ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଠିକାଦାରଙ୍କ ଏପରି ମନମାନୀକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। ବାଲି ପଡ଼ିଥିବାରୁ କେତେବେଳେ ଗାଡ଼ି ଖସିଯାଇ ଦୁର୍ଘଟଣାଗ୍ରସ୍ତ ହେଉଛି ତ ଆଉ କେତେବେଳେ ଚାଲି ଚାଲି ଯାଉଥିବା ଲୋକେ ବି ପଡ଼ିଯାଉଛନ୍ତି। ତେଣୁ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିଚାଲିଛି। ଏଥିସହ ଦୀର୍ଘ ୨ ବର୍ଷ ହେଲା ଗେଟି ଓ ପଥର ରଖାଯାଇଥିବାରୁ ରିଂ ରୋଡକୁ ସଂଯୋଗ କରୁଥିବା ରାସ୍ତା ମଧ୍ୟ ଅବରୋଧ ହୋଇଛି। ଫଳରେ ସହରର ସୌନ୍ଦର୍ଯ୍ୟ ହ୍ରାସ ପାଇବା ସହ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଯେତେ ଅଭିଯୋଗ କଲେ ମଧ୍ୟ କେହବେ କିଛି ଶୁଣୁନାହାନ୍ତି। ତେଣୁ ଏ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଦାବି ହେଉଛି। ସାଧାରଣ ଲୋକ ରାସ୍ତାରେ ବାଲି ରଖିଲେ ସମ୍ବଲପୁର ମହାନଗର ନିଗମ ଜରିମାନା କରୁଥିବା ବେଳେ ଏହି ଠିକାଦାରଙ୍କ ପାଇଁ ନିୟମ କାହିଁକି ଲାଗୁ ହେଉନାହିଁ ବୋଲି ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି।

## ସାଧାରଣତନ୍ତ୍ର ଦିବସ
## ପୁରସ୍କୃତ ହେବେ ରାଜ୍ୟର ୧୯ ପୁଲିସ୍ ଅଧିକାରୀ

**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ଆସନ୍ତାକାଲି ରାଜଧାନୀ ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପାଳନ ହେବାକୁ ଥିବା ବେଳେ ଏହି ଉତ୍ସବରେ ରାଜ୍ୟର ୧୯ ଜଣ ପୁଲିସ୍ ଅଧିକାରୀ ସମ୍ମାନିତ ହେବେ। ଏନେଇ ଆଜି ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହି ଘୋଷଣା କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ପୁରସ୍କୃତ ହେବାକୁ ଥିବା ଏହି ୧୯ ଜଣ ପୁଲିସ ଅଧିକାରୀଙ୍କ ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ସାହସିକତା ପ୍ରଦର୍ଶନ ନିମନ୍ତେ ୬ ଜଣ ରହିଛନ୍ତି। ଏହାଛଡ଼ା କାର୍ଯ୍ୟକ୍ଷେତ୍ରରେ ବିଶିଷ୍ଟ ସେବା ନିମନ୍ତେ ୨ ଜଣଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ କରାଯିବ। ଅବଶିଷ୍ଟ ୧୧ ଜଣଙ୍କୁ ଉଲ୍ଲେଖନୀୟ ସେବା ପଦକ ମିଳିବ ବୋଲି ଜଣାପଡ଼ିଛି। ବିଶିଷ୍ଟ ସେବା ନିମନ୍ତେ ରାଷ୍ଟ୍ରପତି ପଦକ ପାଇବାକୁ ଥିବା ଅଧିକାରୀମାନେ ହେଲେ ସରୋଜ କୁମାର ସାମଲ (ଏସପି) ଓ ସତ୍ୟବାଦୀ ମଲ୍ଲିକ (କନେଷ୍ଟବଳ)। ସେହିପରି ଗିରୀଶ ଚନ୍ଦ୍ର ମାଝୀ (ସବଇନ୍ସପେକ୍ଟର), ପବିତ୍ର କୁମାର ସାହୁ (ହାବିଲଦାର), ଉମେଶ ମୁଣ୍ଡା (ହାବିଲଦାର), ପୀତାମ୍ବର ସତନାମୀ (କନେଷ୍ଟବଳ), କବି ଚନ୍ଦ୍ର ରାଉତ (କନେଷ୍ଟବଳ) ଓ ସୁଶାନ୍ତ କୁମାର ସାଗର (କନେଷ୍ଟବଳ) ସାହସିକତା ପୁଲିସ ସେବା ପଦକ ପାଇବେ। ତା'ଛଡ଼ା ଉଲ୍ଲେଖନୀୟ ପୁଲିସ ସେବା ପଦକ ପରିତୋଷ ମଣ୍ଡଳ (କନେଷ୍ଟବଳ), ଏସକେ ଅବଦୁଲ ଫୟାଜ (ସବଇନ୍ସପେକ୍ଟର), ମହମ୍ମଦ ତୋଷିଫ ରବାନୀ (କନେଷ୍ଟବଳ), ଶରତ ଚନ୍ଦ୍ର ବେହେରା (ଏଏସଆଇ), ତ୍ରିଲୋଚନ ବୁଦ୍ଧିଆ (କନେଷ୍ଟବଳ), ତେଜ ବାହାଦୁର ଗୁରୁଙ୍ଗ (ଏଏସଆଇ ), ଅତୁଲ କୁମାର ବିଶ୍ୱାଳ (ହାବିଲଦାର), ଜୟନ୍ତୀ ସୁନା (ହାବିଲଦାର), ମନୋଜ କୁମାର ଜେନା (ହାବିଲଦାର), ନରେଶ କୁମାର ଚୌଧୁରୀ (କନେଷ୍ଟବଳ) ଓ ଦେବ ପ୍ରସାଦ ମହାନ୍ତି (ହାବିଲଦାର) ପାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଘୋଷଣାରୁ ଜଣାପଡ଼ିଛି।

## ମାମଲାର ବିଚାର କରିବେ ସୁପ୍ରିମ୍‌କୋର୍ଟ
## ମାହାଙ୍ଗା ଡବଲ୍ ମର୍ଡର ମାମଲାରେ ବଢ଼ିଲା ପ୍ରତାପ ଜେନାଙ୍କ ଅଡୁଆ



**କଟକ,୨୫।୧(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ମାମଲାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପାଇଁ ଅଡୁଆ ବଢ଼ିଛି। ଏହି ମାମଲାକୁ ବିଚାର ପାଇଁ ସୁପ୍ରିମ୍‌କୋର୍ଟ ଗ୍ରହଣ କରିଛନ୍ତି। ୪ ସପ୍ତାହ ଭିତରେ ଜବାବ ରଖିବାକୁ ରାଜ୍ୟ ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଏହି ଶୀର୍ଷ କୋର୍ଟ। ରାଜ୍ୟ ସରକାର ଏହି ମାମଲାରେ ନିଜର ପକ୍ଷ ରଖିବାକୁ ସୁପ୍ରିମକୋର୍ଟ କହିଥିବା ବେଳେ ପୂର୍ବରୁ ମାମଲାର ବିଚାର ପାଇଁ ମୃତ କୁଳମଣି ବରାଳଙ୍କ ପୁଅ ରଞ୍ଜିତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଡବଲ ମର୍ଡର ଘଟଣାରେ ପ୍ରତାପଙ୍କୁ ଗତବର୍ଷ ଅକ୍ଟୋବରରେ ହାଇକୋର୍ଟ କ୍ଲିନ୍‌ଚିଟ୍ ଦେଇଥିଲେ। ପ୍ରତାପଙ୍କ ନାଁରେ ତଳ କୋର୍ଟରେ ଥିବା ମାମଲାକୁ ହାଇକୋର୍ଟ ଖାରଜ କରିଥିଲେ। ଏହା ପୂର୍ବରୁ ତଳ କୋର୍ଟ ରାୟକୁ ପ୍ରତାପ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ଏହି ମାମଲାରେ ପ୍ରତାପ ୧୩ ନମ୍ବର ମୁଦାଲା ଥିଲେ ହେଁ ଚାର୍ଜସିଟ୍‌ରେ ତାଙ୍କ ନାଁ ନ ଥିବାରୁ ପୁନଃ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସାଲେପୁର କୋର୍ଟଙ୍କ ପୁନଃତଦନ୍ତ ନିର୍ଦ୍ଦେଶ ପରେ ପୁଲିସ ଚାର୍ଜସିଟ୍‌ରେ ପ୍ରତାପଙ୍କ ନାମ ଯୋଡ଼ିଥିଲା। କିନ୍ତୁ ଏହାକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ହାଇକୋର୍ଟରେ ଚାଲେଞ୍ଜ କରିଥିଲେ। ହାଇକୋର୍ଟଙ୍କ ରାୟ ପରେ ସୋସିଆଲ ମିଡିଆ 'ଏକ୍ସ' ଜରିଆରେ ପ୍ରତାପ ତାଙ୍କ ପ୍ରତିକ୍ରିୟା ରଖିଥିଲେ। ସେତେବେଳେ 'ସତ୍ୟର ସବୁବେଳେ ଜୟ ହୁଏ' ବୋଲି ପ୍ରତାପ ଲେଖିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୦୧୧ ଜାନୁଆରୀ ୨ରେ ଏହି ବହୁ ଚର୍ଚ୍ଚିତ ଡବଲ ମର୍ଡର ଘଟିଥିଲା। ବିଜେପି ନେତା କୁଳମଣି ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ବିଜେଡି ନେତା ତଥା ତତ୍କାଳୀନ ମନ୍ତ୍ରୀ ପ୍ରତାପଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ଆସିଥିଲା। ପରେ ତାଙ୍କୁ ୧୩ ନମ୍ବର ମୁଦାଲା ଭାବେ ପୁଲିସ୍ ଚାର୍ଜସିଟରେ ଉଲ୍ଲେଖ କରିଥିଲା। ପ୍ରତାପ ସେତେବେଳେ ମାହାଙ୍ଗାର ବିଧାୟକ ଥିଲେ ଓ ରାଜ୍ୟର ଶାସକ ଦଳ ବିଜେଡିର ଜଣେ ବରିଷ୍ଠ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ତା'ଛଡ଼ା ରାଜ୍ୟର ଆଇନ ବିଭାଗ ମଧ୍ୟ ତାଙ୍କ ହାତରେ ଥିଲା। ତେଣୁ ମାହାଙ୍ଗା ପୁଲିସ ମାମଲାର ସଠିକ ତଦନ୍ତ କରୁନଥିବା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି ଥିଲେ ମଧ୍ୟ ତାଙ୍କୁ ଘଣ୍ଟ ଘୋଡାଉଥିବା ଅଭିଯୋଗ ହୋଇଥିଲା। କୁଳମଣିଙ୍କ ପରିବାର ପକ୍ଷରୁ ଏପରି ଅଭିଯୋଗ କରାଯାଇଆସିଥିଲା। ଏପରିକି ଏତଲାରେ ମଧ୍ୟ ପ୍ରତାପଙ୍କ ନାଁ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ଚାର୍ଜସିଟରୁ ତାଙ୍କ ନାଁ ହଟାଇବା ସକାଶେ ପ୍ରତାପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ଡବଲ ମର୍ଡର ଘଟଣାକୁ ନେଇ ସେତେବେଳେ ରାଜ୍ୟ ରାଜନୀତିରେ ବେଶ୍ ହଇଚଇ ସୃଷ୍ଟି ହୋଇଥିଲା।

## ନୂଆପଡ଼ା ଜିଲ୍ଲା ଗସ୍ତରେ ବିଭାଗୀୟ ମନ୍ତ୍ରୀ
## ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଲକ୍ଷ୍ୟ

ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରକଳ୍ପର ଶିଳାନ୍ୟାସ



**ଭୁବନେଶ୍ୱର/ନୂଆପଡ଼ା୨୫।୧(ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଆମର ଲକ୍ଷ୍ୟ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଲାଭ କରିପାରିବେ, ସେ ଦିଗରେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି ଆଜି ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପିଏମ୍-ଉଷା ଯୋଜନା ମାଧ୍ୟମରେ ୫ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ମତ ବ୍ୟକ୍ତ କରିଛନ୍ତି ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ପିଏମ-ଉଷା ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀମାନଙ୍କ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ଦିଗରେ ସହାୟକ ହେବ ବୋଲି କହିଛନ୍ତି ମନ୍ତ୍ରୀ। ଶ୍ରୀ ସୂରଜ ତାଙ୍କ ଦୁଇଦିନିଆ ଗସ୍ତରେ ଆଜି ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ସେ ଶିଳାନ୍ୟାସ ସହ ବିଶ୍ୱ ବ୍ୟାଙ୍କ ସହାୟତାରେ ନିର୍ମିତ ଅଧ୍ୟୟନ କକ୍ଷ ଓ ଅତିରିକ୍ତ ଶ୍ରେଣୀଗୃହର ମଧ୍ୟ ଉଦଘାଟନ କରିଛନ୍ତି। ଶିଳାନ୍ୟାସ ଉଦଘାଟନୀ ସମାରୋହ ଅବସରରେ ଦୀର୍ଘ ୪୭ ବର୍ଷ ପରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉପସ୍ଥିତି ମହାବିଦ୍ୟାଳୟ ପରିସରକୁ ଉତ୍ସବମୁଖର କରିଥିଲା। ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ଓ ପରିଚାଳନା ସଭାପତି ବିଶ୍ୱଜିତ ପାଢୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ମନ୍ତ୍ରୀ ଶ୍ରୀ ସୂରଜ ତାଙ୍କର ଏହି ଦୁଇଦିନିଆ ଗସ୍ତର ପ୍ରଥମ ଦିନରେ ଜନଅଭିଯୋଗ ଶୁଣାଣିରେ ଯୋଗ ଦେବା ସହ ସ୍ଥାନୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଯୋଗଦେଇ କ୍ରୀଡ଼ାବିତମାନଙ୍କର ଉତ୍ସାହ ବଢ଼ାଇଥିଲେ। ଏଥିସହ ଜିଲ୍ଲାର ଆୟୋଜିତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ସେ ଯୋଗଦେଇଛନ୍ତି।

## ଡକ୍ଟର ଅଶୋକ ମହାପାତ୍ରଙ୍କୁ ସୋଆ ପ୍ରତିଷ୍ଠାତାଙ୍କ ଶୁଭେଚ୍ଛା



**ଭୁବନେଶ୍ୱର, ଜାନୁଆରୀ ୨୫:** ବିଶିଷ୍ଟ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ଏବଂ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କୁ ପଦ୍ମଶ୍ରୀ ସମ୍ମାନ ନିମନ୍ତେ ମନୋନୀତ କରାଯାଇଛି । ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ରହିଥିବା ପ୍ରଫେସର ମହାପାତ୍ର ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ବିଶ୍ୱର ୨ ପ୍ରତିଶତ ଶ୍ରେଷ୍ଠ ବୈଜ୍ଞାନିକ ଙ୍କ ତାଲିକାରେ ୨୦୨୪ରେ ସ୍ଥାନିତ ହୋଇଥିଲେ। ଏହି ଘୋଷଣା ପରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡ) ମନୋଜରଞ୍ଜନ ନାୟକ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହା ବିଶ୍ୱବିଦ୍ୟାଳୟ ନିମନ୍ତେ ଗୌରବର ମୁହୂର୍ତ୍ତ ବୋଲି କହିଛନ୍ତି ।

## ମାହାଙ୍ଗା ବିକାଶ ପରିଷଦ ପାଳିଲା ଦ୍ୱିତୀୟ ଭଞ୍ଜଙ୍କ ଜୟନ୍ତୀ

**ମାହାଙ୍ଗା,୨୫।୧(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁଆଁପାଳସ୍ଥିତ ପ୍ରତିଭା ଭବନ ପରିସରରେ ମାହାଙ୍ଗା ବିକାଶ ପରିଷଦ ପକ୍ଷରୁ ମାହାଙ୍ଗା ମାଟିର ଅନ୍ୟତମ ବରପୁତ୍ର ଦ୍ୱିତୀୟ ଭଞ୍ଜ ଗୋଲଖ ପ୍ରଧାନଙ୍କ ୧୨୯ତମ ଜୟନ୍ତୀ ମହୋତ୍ସବ ଡଃ ଅଶୋକ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡଃ ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ଗୋପାଳପୁର ମାଟିରେ ଜନ୍ମ ଲାଭ କରିଥିବା କବି ଦ୍ୱିତୀୟ ଭଞ୍ଜଙ୍କ କାବ୍ୟ କବିତା ଉପରେ ଆଲୋକପାତ କରିଥିଲେ। ବିଶ୍ୱଭୂଷଣ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ମାହାଙ୍ଗା ବିକାଶ ପରିଷଦର ସାଂସ୍କୃତିକ ସମ୍ପାଦକ ତାରାକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟ କ୍ରମରେ ଡକ୍ଟର ଯୁଧିଷ୍ଠିର ଖଟୁଆ, ଶିକ୍ଷାବିତ ଅକ୍ଷୟ ଅକ୍ଷୟ ଷଡ଼ଙ୍ଗୀ, ଅଧ୍ୟାପକ ନିଖିଳେଶ ପଦ ମହାନ୍ତି, ଅରୁଣ ବାରିକ, ପାନଙ୍ଗ ଭୂଷଣ ଦାସ, ପୂର୍ବତନ ସରପଞ୍ଚ ଅଜୟ ନାୟକ, ଜିତେନ୍ଦ୍ର ଶତପଥୀ, ସମିତି ସଭ୍ୟ ମନୋରଞ୍ଜନ ନାୟକ, ଶରତ ସାମଲ, ଭାବଗ୍ରାହୀ ରାଉତ, ଭକ୍ତ ଚରଣ ସ୍ୱାଇଁ, ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ହରେକୃଷ୍ଣ ସାହୁ, ଅଶୋକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିତ୍ତୀୟ ସ୍ୱାସ୍ଥ୍ୟ ସୂଚୀରେ ଓଡିଶା ପ୍ରଥମ
## ରାଜ୍ୟର ଋଣଭାରରେ ଉଲ୍ଲେଖନୀୟ ହ୍ରାସ




**ଭୁବନେଶ୍ୱର,୨୫।୧(ସଂଚାର ବ୍ୟୁରୋ):** ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ୨୦୨୫ର ବିତ୍ତୀୟ ସ୍ୱାସ୍ଥ୍ୟ ସୂଚୀରେ ଓଡ଼ିଶା ଦେଶର ସମସ୍ତ ରାଜ୍ୟମାନଙ୍କୁ ପଛରେ ପକାଇ ଶୀର୍ଷ ସ୍ଥାନରେ ରହିଛି। ୨୦୨୨-୨୩ ଆର୍ଥିକ ବର୍ଷର ଏହି ସୂଚୀରେ ଓଡିଶା ପ୍ରଥମ ସ୍ଥାନ ହାସଲ କରି ଆଚିଭର ବର୍ଗରେ ରହିଛି । ନୀତି ଆୟୋଗର ଏହି ରିପୋର୍ଟ ଅନୁଯାୟୀ, ୨୦୧୪-୧୫ରୁ ୨୦୨୧-୨୨ ପର୍ଯ୍ୟନ୍ତ ଲଗାତର ଭାବେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଆସୁଛି। ନୀତି ଆୟୋଗ ରିପୋର୍ଟ ଅନୁଯାୟୀ ୬୭.୮ ପଏଣ୍ଟ ପାଇ ଓଡିଶା ପ୍ରଥମ ସ୍ଥାନରେ ରହିଥିବା ବେଳେ ୫୫.୨ ପଏଣ୍ଟ ପାଇ ଛତିଶଗଡ଼ ଦ୍ୱିତୀୟ ଓ ୫୩.୬ ପଏଣ୍ଟ ପାଇ ଗୋଆ ତୃତୀୟ ସ୍ଥାନରେ ରହିଛି। ବିକାଶ ମାନଚିତ୍ରରେ ଓଡିଶାଠାରୁ ଆଗରେ ଥିବା ତାମିଲନାଡୁ, କର୍ଣ୍ଣାଟକ ଓ ହରିଆନା ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ଓଡିଶା ଠାରୁ ପଛରେ ରହିଛନ୍ତି । ରିପୋର୍ଟ ଅନୁଯାୟୀ, ଓଡିଶା ଋଣ ସୂଚକାଙ୍କରେ ୯୯.୦ ଓ ନିୟମିତ ଋଣ ପୈଠ ଓ ଉନ୍ନତ ଋଣ ସ୍ଥିତିରେ ୬୪.୦ ସହିତ ପ୍ରଥମ ସ୍ଥାନରେ ରହିଛି । ସେହିପରି ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ଓଡିଶା ୫୪, ବ୍ୟୟର ଗୁଣାତ୍ମକ ମାନରେ ୫୨ ଓ ରାଜସ୍ୱ ସଂଗ୍ରହରେ ୬୯.୯ ରହିଛି । ଓଡ଼ିଶାର ବିତ୍ତୀୟ ନିଅଣ୍ଟ ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ସର୍ବନିମ୍ନ ରହିଛି। ୨୦୦୦-୦୧ରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି)ର ୬.୯ ଭଳି ଉଚ୍ଚ ସ୍ତରରେ ଥିଲା, ଯାହା ୨୦୨୨-୨୩ ବେଳକୁ ମାତ୍ର ଦୁଇ ପ୍ରତିଶତକୁ ଖସିଆସିଛି। ୨୦୧୯-୨୦ପରଠାରୁ ଲଗାତର ଭାବେ ଓଡ଼ିଶାର ଋଣ ଭାର ହ୍ରାସ ପାଇବାରେ ଲାଗିଛି । ଏହି ରିପୋର୍ଟରେ ଓଡ଼ିଶାର ରାଜସ୍ୱ ସଂଗ୍ରହ ବୃଦ୍ଧି ହାର ମଧ୍ୟ ଉଲ୍ଲେଖନୀୟ ଭାବେ ଅଗ୍ରଗତି କରିଥିବା ଦର୍ଶାଯାଇଛି। ୨୦୧୮-୧୯ରୁ ୨୦୨୨-୨୩ ଭିତରେ ଓଡ଼ିଶାର ଖଣି ରାଜସ୍ୱ ବୃଦ୍ଧି କ୍ଷେତ୍ରରେ ଚମକପ୍ରଦ ଅଭିବୃଦ୍ଧି ଘଟିଛି । ଚାରି ବର୍ଷ ତଳେ ରାଜ୍ୟର ମୋଟ ଘରୋଇ ଉତ୍ପାଦନର ଏହି ଆୟ ୨.୯ ପ୍ରତିଶତ ଥିଲା, ଯାହା ୨୦୨୨-୨୩ ବେଳକୁ ୫.୬ ପ୍ରତିଶତକୁ ବୃଦ୍ଧି ପାଇଛି।

## ହାତୀ ଟ୍ରାକ୍ କରୁ କରୁ ମିଳିଲା ବାଘ ମୃତଦେହ

**କେନ୍ଦୁଝର,୨୫।୧(ସଂଚାର ବ୍ୟୁରୋ):** କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ତାଳପଦା ବିଟ୍ କଳାପାଟ ସଂରକ୍ଷିତ ଜଙ୍ଗଲରୁ ଶନିବାର ବନବିଭାଗ ଏକ ବର୍ଷକର କଲରାପତରିଆ ବାଘଛୁଆର ମୃତଦେହ ଉଦ୍ଧାର କରିଛି। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିନାହିଁ। ତେବେ କିଛିଦିନ ପୂର୍ବରୁ ବାଘଛୁଆ ମରିଥିବା କୁହାଯାଉଛି। ମୃତଦେହ ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେବା ପରେ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଡିଏଫ୍ଓ କେନ୍ଦୁଝର ଧନରାଜ ଏଚ୍.ଡି ଘଟଣାର କାରଣ ଅନୁଧ୍ୟାନ କରୁଛନ୍ତି। ହାତୀ କୁମିଙ୍ଗ ବେଳେ କଲରା ପତରିଆବାଘର ଗଳିତ ମୃତ ଦେହ ମିଳିଥିଲା। ମୃତ ବାଘଟି ଏକ ମାଈ କଲରାପତରିଆ ଓ ତା'ର ବୟସ ପ୍ରାୟ ଦେଢ଼ ବର୍ଷ କି ଦୁଇ ବର୍ଷ ହେବ। ଗତକାଲି କଳାପାଟ ସଂରକ୍ଷିତ ଜଙ୍ଗଲରେ ଏକ ୨୨ଟିକିଆ ହାତୀପାଲର ଗତିବିଧି ଲକ୍ଷ୍ୟ କରିବାକୁ ତେଲକୋଇ ବନାଞ୍ଚଳର ଏକ

# ଜାନୁଆରୀ ୨୬: ପ୍ରଥମେ ଥିଲା ସ୍ୱାଧୀନତା ଦିବସ

**ଭୁବନେଶ୍ୱର,୨୫।୧(ତଥ୍ୟ):** ୧୯୪୭ ଅଗଷ୍ଟ ୧୫ର ୧୭ବର୍ଷ ପୂର୍ବରୁ ଜାନୁଆରୀ ୨୬କୁ ପୂର୍ଣ୍ଣ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଥିଲା। ଇତିହାସର ଏହି ଗୌରବାବହ ସ୍ମୃତିକୁ ଉଜ୍ଜିବୀତ କରି ରଖିବାପାଇଁ ସ୍ୱାଧୀନତାପ୍ରାପ୍ତି ପରେ ୧୯୫୦ ଜାନୁଆରୀ ୨୬ରେ ଦେଶର ସମ୍ବିଧାନ ଲାଗୁ କରାଯାଇ ସେହିବର୍ଷଠାରୁ ଏହି ଦିନଟିକୁ ସାଧାରଣତନ୍ତ୍ର ଦିବସ ଭାବେ ପାଳନ କରାଯାଉଛି। ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ସମ୍ବିଧାନ ପ୍ରଣୟନ ସଭାରେ ଦେଶର ନୂଆ ସମ୍ବିଧାନ ଗୃହୀତ ହୋଇଥିଲେ ମଧ୍ୟ ଏହାକୁ ଲାଗୁ କରିବାପାଇଁ ଜାନୁଆରୀ ୨୬ ପର୍ଯ୍ୟନ୍ତ ଅପେକ୍ଷା କରାଯାଇଥିଲା । ଇତିହାସର ତଥ୍ୟ ଅନୁଯାୟୀ ୧୯୨୮ର କଲିକତା କଂଗ୍ରେସ ଅଧିବେଶନରେ ସ୍ୱାଧୀନତା ସଂକ୍ରାନ୍ତୀୟ ପ୍ରସ୍ତାବ ଗ୍ରହଣ କରାଯାଇ ଇଂରେଜ ସରକାରଙ୍କୁ ବର୍ଷେ କଣ୍ଟ ଦିଆଯାଇଥିଲା । କିନ୍ତୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ୧୯୨୯ ଡିସେମ୍ବର ୩୧ରେ ଲାହୋର କଂଗ୍ରେସ ଅଧିବେଶନ ବସିଥିଲା ଏବଂ ଏହି ଅଧିବେଶନ କାଳରେ ୧୯୩୦ ଜାନୁଆରୀ ୨ରେ ଗ୍ରହଣ କରାଯାଇଥିବା ଐତିହାସିକ ପ୍ରସ୍ତାବରେ ଜାନୁଆରୀ ୨୬କୁ ପୂର୍ଣ୍ଣ ସ୍ୱରାଜ ଦିବସ ଭାବେ ପାଳନ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା ।



ନିଜେ ମହାତ୍ମା ଗାନ୍ଧୀ ପୂର୍ଣ୍ଣ ସ୍ୱରାଜର ସଙ୍କଳ୍ପପତ୍ର ପ୍ରସ୍ତୁତ କରିଥିଲେ ଏବଂ ଏହା ଦେଶର ବିଭିନ୍ନ ଭାଷାରେ ଅନୁଦିତ ହୋଇଥିଲା । ଓଡିଆ ଭାଷାରେ ଏହି ସଙ୍କଳ୍ପର ଅନୁବାଦ କରିଥିଲେ ଗୋପବନ୍ଧୁ ଚୌଧୁରୀ । ନିଷ୍ପତ୍ତି ମୁତାବକ ଜାନୁୟାରୀ ୨୬ତାରିଖରେ ଲୋକେ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରି ତାହା ସମ୍ମୁଖରେ ପୂର୍ଣ୍ଣ ସ୍ୱରାଜର ସଙ୍କଳ୍ପ ପାଠ କରିବା ସହ ସ୍ୱାଧୀନତା ଭାରତୀୟମାନଙ୍କର ଅଧିକାର ଏବଂ ଏହା ହାସଲ କରିବା ପାଇଁ ଦେଶବାସୀ ଯେକୌଣସି ତ୍ୟାଗ ବରଣ କରିବାକୁ ପ୍ରସ୍ତୁତ ବୋଲି ଶପଥ ନେଇଥିଲେ ।

୧୯୩୦ ଜାନୁଆରୀ ୨୬ ଠାରୁ ପ୍ରତିବର୍ଷ ଏହି ଦିନକୁ ଯେଭଳି ପ୍ରତିପାଳନ କରାଯାଉଥିଲା ତାହା ଦେଶପ୍ରେମର ଲହର ସୃଷ୍ଟି କରୁଥିଲା। ଏମିତିକି କଂଗ୍ରେସ ସଂଗଠନକୁ ବେଆଇନ୍ ଘୋଷଣା କରାଯାଉଥିଲାବେଳେ ବି ତ୍ରିରଙ୍ଗା ଝଣ୍ଡା ତଳେ ସଙ୍କଳ୍ପପତ୍ର ପାଠକରି ଓଡିଶା ସମେତ ସମସ୍ତ ରାଜ୍ୟର ଦେଶପ୍ରେମୀମାନେ ଗିରଫ ହେଉଥିଲେ। ଭାରତଛାଡ ଆନ୍ଦୋଳନ ସମୟରେ ଓଡିଶାର ବ୍ରହ୍ମପୁର ଜେଲରେ ୧୯୪୩ ଜାନୁଆରୀ ୨୬ରେ ସ୍ୱାଧୀନତା ଦିବସ ପାଳନ ପାଇଁ ପତାକା ଉତ୍ତୋଳନ କରିଥିବା ଅଭିଯୋଗରେ ପ୍ରଶାସନ ପକ୍ଷରୁ ନିର୍ମମ ଲାଠିମାଡ କରାଯାଇଥିଲା ଏବଂ ସେଥିରେ ଅନେକ ଯୁବ ସଂଗ୍ରାମୀ ଗୁରୁତର ଆହତ ହୋଇଥିଲେ ।

ସ୍ୱାଧୀନତା ଦିବସ ଭାବେ ଜାନୁଆରୀ ୨୬କୁ ଗାଁ ଗଣ୍ଡାରେ ପାଳନ କରାଯିବା ଫଳରେ ନୂଆ ନୂଆ ସଂଗ୍ରାମୀ ସୃଷ୍ଟି ହୋଇଥିଲେ । ଜେଲ ଭିତରେ ଗାନ୍ଧୀଜୀ ଓ ଅନ୍ୟମାନେ ଜାନୁଆରୀ ୨୬ ପ୍ରତିପାଳନ କରୁଥିଲେ। ଇତିହାସର ତଥ୍ୟ ମୁତାବକ ୧୯୪୩ ଜାନୁଆରୀ ୨୬ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ ବର୍ଲିନ୍ ଠାରେ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ କରି ସ୍ୱାଧୀନତା ଦିବସ ମହା ସମାରୋହରେ ପାଳନ କରିଥିଲେ ।

ଦେଶ ସ୍ୱାଧୀନ ହେବା ପୂର୍ବରୁ ସମ୍ବିଧାନ ପ୍ରଣୟନ ସଭା ଗଠନ କରାଯାଇଥିଲା ଏବଂ ସମ୍ବିଧାନ ତିଆରି କରିବା ଲାଗି ଡକ୍ଟର ବି ଆର ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ୭ ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରଣୟନ କମିଟି ଗଠନ କରାଯାଇଥିଲା। ଚିଠା ସମ୍ବିଧାନ ଉପରେ ଅନ୍ୟୂନ ୭୬୩୫ ସଂଶୋଧନ ଆସିଥିଲେ ମଧ୍ୟ ସେଥିରୁ ୨୪୭୩ ସଂଶୋଧନ ଉପରେ ଆଲୋଚନା ହୋଇଥିଲା। ଶେଷରେ ୧୯୪୯ ଡିସେମ୍ବର ୨୬ରେ ସମ୍ବିଧାନ ପ୍ରଣୟନ ସଭା ନୂଆ ସମ୍ବିଧାନକୁ ଗ୍ରହଣ କରିନେବା ସହ କେନ୍ଦ୍ର ସରକାର ଏହାକୁ ୧୯୫୦ ଜାନୁଆରୀ ୨୬ରୁ ଲାଗୁ କରିଥିଲେ।


Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ଆଜିର ସୁନା ଦର

ସୁନା ବଜାରରେ ଲାଗିଲା ନିଆଁ। ହୁ ହୁ ହୋଇ ବଢ଼ିଲା ସୁନା ଦର। ବିବାହ ଋତୁରେ ଅହେତୁକ ଭାବେ ସୁନା ଦର ବୃଦ୍ଧି ସାଧାରଣ ଲୋକଙ୍କ ନିଦ ହଜାଇ ଦେଇଛି। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୫ ହଜାର ୫୫୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୮୨ ହଜାର ୪୨୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୫, ୫୫୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୨ , ୪୨୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୫,୫୫୦ ଟଙ୍କା ଓ ୮୨, ୪୨୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୫,୭୦୦ ଟଙ୍କା ଓ ୮୨, ୫୭୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୫,୫୫୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୨, ୪୨୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୫,୫୫୦ ଟଙ୍କା ଓ ୮୨,୪୨୦ ଟଙ୍କା ରହିଛି। ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୭,୫୦୦ ହଜାର ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ସବୁଦିନ ପରି ଆଜି ବି ପେଟ୍ରୋଲ ଓ ଡିଜେଲ ଦରରେ କିଛିଟା ପରିବର୍ତ୍ତନ ହୋଇଛି। ତେବେ ଆଜିର ଦାମ ବିଷୟରେ ଜାଣିବା ପୂର୍ବରୁ ଆପଣଙ୍କୁ କହିରଖିବାକୁ ଚାହିଁବୁ ଯେ ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପ୍ରଥମେ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୧. ୧୦ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୮ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ବଜେଟ୍ ୨୦୨୫ ଏଥର ୧୫% ବଢ଼ିପାରେ କୃଷି ବଜେଟ

**ନୂଆଦିଲ୍ଲୀ, ୨୫।୧:** ଦିନ କେଇଟା ପରେ ଆଗତ ହେବ ୨୦୨୫-୨୬ ଆର୍ଥିକବର୍ଷର ସାଧାରଣ ବଜେଟ୍। ବିଭିନ୍ନ କ୍ଷେତ୍ର ପକ୍ଷରୁ ବଜେଟ୍‌କୁ ନେଇ ଭିନ୍ନ ଭିନ୍ନ ଆଶା ରହିଛି। ତେବେ ଏଥର କୃଷି ବଜେଟ୍‌ରେ ବଡ଼ ଧରଣର ବୃଦ୍ଧି କରାଯାଇପାରେ ବୋଲି ଅନୁମାନ ରହିଛି। ଆସନ୍ତା ଆର୍ଥିକବର୍ଷ ପାଇଁ ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ବ୍ୟୟବରାଦରେ ପ୍ରାୟ ୧୫% ବୃଦ୍ଧି ହୋଇପାରେ। ଏଥର କୃଷି କ୍ଷେତ୍ରକୁ ମିଳିପାରେ ପ୍ରାୟ ୨୦୦୦ କୋଟି ଡଲାର ବା ୧,୭୩,୦୦୦ କୋଟି ଟଙ୍କା। ଦୁଇଟି ପ୍ରମୁଖ ସରକାରୀ ସୂତ୍ରରୁ ଏହା ଜଣାପଡ଼ିଛି। ଯଦି ଏହା ହୁଏ ତେବେ ୬ ବର୍ଷରେ କୃଷି ବଜେଟ୍‌ରେ ଏହା ହେବ ସର୍ବାଧିକ ବୃଦ୍ଧି। ଗ୍ରାମୀଣ ଆୟ ବୃଦ୍ଧି ତଥା ଦରଦାମ ନିୟନ୍ତ୍ରଣ ଲାଗି ସରକାର ଏଭଳି ଘୋଷଣା କରିପାରନ୍ତି ବୋଲି ଜଣାପଡ଼ିଛି। ଅତିରିକ୍ତ ପାଣ୍ଠି ମାଧ୍ୟମରେ ଉଚ୍ଚ ଅମଳକ୍ଷମ ବିହନ ବିକାଶ, ଭଣ୍ଡାର କ୍ଷମତା ବୃଦ୍ଧି, ମଜଭୁତ ଯୋଗାଣ ଭିତ୍ତିଭୂମି ଏବଂ ଡାଲିଜାତୀୟ ଶସ୍ୟ, ତୈଳବୀଜ, ପନିପରିବା ଓ ଦୁଗ୍ଧଜାତ ଉତ୍ପାଦଗୁଡ଼ିକର ଉତ୍ପାଦନ ବୃଦ୍ଧି ଲାଗି କାର୍ଯ୍ୟ କରାଯିବ।

# ହାଲୁଆ ବାଣ୍ଟିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ

**ନୂଆଦିଲ୍ଲୀ, ୨୫।୧:** ଦେଶରେ ବଜେଟ୍ ୨୦୨୫ ପ୍ରସ୍ତୁତି ଓ ଉପସ୍ଥାପନ ପ୍ରକ୍ରିୟା ଶୁକ୍ରବାର ଠାରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ନର୍ଥ ବ୍ଲକରେ ତାଙ୍କ ମନ୍ତ୍ରଣାଳୟର ଅଧିକାରୀଙ୍କ ସହ ପାରମ୍ପରିକ ହାଲୁଆ ସମାରୋହ ପାଳନ କରିଥିଲେ। ଏହି ସମାରୋହ ସହିତ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ସହ ଜଡ଼ିତ ସମସ୍ତ ଲୋକଙ୍କୁ ବଜେଟ୍ ଉପସ୍ଥାପନ ନ ହେବା ପର୍ଯ୍ୟନ୍ତ ଅର୍ଥ ମନ୍ତ୍ରଣାଳୟରେ ବନ୍ଦ କରି ରଖାଯିବ। ନା ସେମାନେ ଘରକୁ ଯାଇପାରିବେ ନା ପରିବାରର କୌଣସି ସଦସ୍ୟଙ୍କ ସହ କଥା ହୋଇପାରିବେ। ତେବେ ଏହି ହାଲୁଆ ସମାରୋହ ଏତେ ସ୍ୱତନ୍ତ୍ର କାହିଁକି ? ହାଲୁଆ ଉତ୍ସବ କେବେଠାରୁ ଆରମ୍ଭ ହୋଇଛି ତାହାର ଐତିହାସିକ ତଥ୍ୟ ଯଦିଓ ଉପଲବ୍ଧ ନାହିଁ ତଥାପି ଏହା ଏକ ପରମ୍ପରାରେ ପରିଣତ ହୋଇସାରିଛି। ଅର୍ଥ ମନ୍ତ୍ରାଳୟ ବା ନର୍ଥ ବ୍ଲକର ବେସମେଣ୍ଟରେ ବଜେଟ ଛପାଯାଇଥାଏ। ସେଠାରେ ବଜେଟ୍ ପ୍ରେସ୍ ରହିଛି। ଏଠାକୁ ଯେଉଁ ଅଧିକାରୀ ଓ କର୍ମଚାରୀମାନେ ଯାଇଥାନ୍ତି ସେମାନଙ୍କୁ ବଜେଟ୍ ଉପସ୍ଥାପନ ହେବା ପର୍ଯ୍ୟନ୍ତ ଅଲଗା ରହିବାକୁ ପଡ଼ିଥାଏ। ବାହାର ଦୁନିଆ ସହିତ ସେମାନଙ୍କର ସଂପର୍କ ବିଚ୍ଛିନ୍ନ ରହିଥାଏ। କେବଳ ଅର୍ଥମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କାହାରିକୁ ସେଠାକୁ ଯିବାଆସିବା ଲାଗି ଅନୁମତି ଦିଆଯାଇ ନଥାଏ। ଏପରିକି ମୋବାଇଲ ଫୋନ୍ କିମ୍ବା କୌଣସି ଡିଜିଟାଲ ଉପକରଣ ସେମାନେ ସାଥିରେ ନେଇପାରି ନଥାନ୍ତି। ନର୍ଥ ବ୍ଲକରେ ମୋବାଇଲ୍ ଜାମର ମଧ ଲଗାଇ ଦିଆଯାଇଥାଏ।



# ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଶାଲୁ ଜିନ୍ଦଲ



**ଡାଭୋସ୍, ୨୫।୧:** ଜିନ୍ଦଲ ଫାଉଣ୍ଡେସନ୍‌ର ଅଧକ୍ଷା ତଥା ଓପି ଜିନ୍ଦଲ ବିଶ୍ୱବିଦ୍ୟାଳୟର କୁଳପତି ଶାଲୁ ଜିନ୍ଦଲ ଡାଭୋସ୍‌ଠାରେ ଅନୁଷ୍ଠିତ ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଅଂଶଗ୍ରହଣ କରି ସକାରାତ୍ମକ ସାମାଜିକ ଏବଂ ଅର୍ଥନୈତିକ ବିକାଶ ପାଇଁ ଜିନ୍ଦଲ ଫାଉଣ୍ଡେସନର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ଇନ୍‌ଭେଷ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ ଇଣ୍ଡିଆ ପ୍ୟାଭିଲିୟନରେ ଦକ୍ଷତା ବିକାଶ ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସେ କେନ୍ଦ୍ର ଦକ୍ଷତା ବିକାଶ ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ସହ ଯୋଗଦେଇଥିଲେ। ଦକ୍ଷତା ଅଭାବଦୂର କରିବା ଏବଂ ନିଯୁକ୍ତିକୁ ପ୍ରୋତ୍ସାହିତ କରିବାରେ ଜିନ୍ଦଲ ଫାଉଣ୍ଡେସନ ଏବଂ ଭାରତ ସରକାରଙ୍କ ମଧରେ ପ୍ରଭାବଶାଳୀ ସହଯୋଗକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଦକ୍ଷତା ବିକାଶରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସେ ମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କୁ ମଧ ପ୍ରଶଂସା କରିଥିଲେ। ଓମେନ ଇନ୍‌ସ୍ପେରିଂ ନେଟ୍‌ୱର୍କ ଦ୍ୱାରା ଆୟୋଜିତ ଜେନେରେସ୍‌ନାଲ ୱେଲ୍‌ଥ ଶୀର୍ଷକ ଏକ ଅଧିବେଶନରେ ଯୋଗଦେଇ ସେ ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ବିଭିନ୍ନ ପଦକ୍ଷେପଗୁଡ଼ିକ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ପଦକ୍ଷେପଗୁଡ଼ିକ କିପରି ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବାରେ ସକ୍ଷମ ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

# ଅଗଷ୍ଟରେ ଆସିବ କିଆ କାରେନ୍ସ ଫେସଲିଫ୍ଟ ଓ କାରେନ୍ସ ଇଭି

**ନୂଆଦିଲ୍ଲୀ, ୨୫।୧:** କିଆ ଭାରତୀୟ ବଜାରରେ ଏମପିଭି ଏବଂ ଇଭି ଉଭୟ ସେଗମେଣ୍ଟରେ ନିଜର ପୋର୍ଟଫୋଲିଓକୁ ବଢ଼ାଇବାରେ ଲାଗିଛି। ଚଳିତ ବର୍ଷ କିଆ ଇଭି6 କୁ ଉପସ୍ଥାପନ କରାଯାଇଛି। ସହିଭଳି ଫେବୃଆରୀ ୧ ରେ ଏହାର ସାଇରସ ଲଞ୍ଚ ହେବାକୁ ଯାଉଛି। ଏହି ସ୍ଥିତିରେ ବର୍ତ୍ତମାନ୍ ଖବର ଆସୁଛି ଯେ ଆଉ ଦୁଇଟି ଗାଡ଼ି କୋରିଆ ଅଟୋ ମେକର ଅଗଷ୍ଟ ୨୦୨୫ ରେ ଲଞ୍ଚ ହେବାକୁ ଯାଉଛି ଯାହାର ନାମ ରହିଛି – କିଆ କାରେନ୍ସ ଫେସ୍‌ଲିଫ୍ଟ ଏବଂ କାରେନ୍ସ ଇଭି। ନିକଟରେ ଭାରତୀୟ ରୋଡରେ କାରେନ୍ସ ର ଟେଷ୍ଟ ମଧ କରାଯାଇଛି। ଆସନ୍ତୁ ଜାଣିବା କିଆ କାରେନ୍ସ ଫେସ୍‌ଲିଫ୍ଟ ଏବଂ କାରେନ୍ସ ଇଭି ର କେଉଁ ନୂଆ ଫିଚର୍ସ ଦେଖିବାକୁ ମିଳିବ। କିଆ କାରେନ୍ସ ଫେସ୍‌ଲିଫ୍ଟର ଡିଜାଇନ୍ ନୂଆ ହୋଇପାରେ ଏବଂ ଏହା ଅନେକ ଦମଦାର୍ ଫିଚର୍ସ ସହିତ ଲ୍ୟାସ୍ ମଧ ହୋଇପାରେ। ଏଥିରେ କିଛି ଏଡିଏଏସର ଫିଚର୍ସ ମିଳିବ ବୋଲି ଆଶା କରାଯାଉଛି, ଯାହା ଦ୍ୱାରା କମ୍ପାନୀ ୩-ରୋ ଏମପିଭି ସେଗମେଣ୍ଟରେ କମ୍ପିଟିଟିଭ୍ ବଜାୟ ରଖିପାରିବ। କିଆ କାରେନ୍ସ ରେ ନୂଆ ଗ୍ରୀଲ୍, ସ୍ଲିକର ଏଲଇଡି ହେଡଲ୍ୟାମ୍ପ ଏବଂ ନୂଆ ଡିଜାଇନ୍ ଭଳି ଆଲଏ ହୁଇଲ୍ ଦେଖିବାକୁ ମିଳିବ। ସେହିଭଳି ଏହାର ଇଣ୍ଟେରିୟରରେ ବଡ଼ ଇନଫୋଟେନ୍ମେଣ୍ଟ ସ୍କ୍ରିନ୍, ରିୟର ଭେଣ୍ଟିଲେଟେଡ୍ ସିଟ୍ ଏବଂ ଉନ୍ନତ ଅପହୋଲଷ୍ଟେରୀ ଭଳି ସୁବିଧା ଦିଆଯାଇ ପାରିବ। ଏହାର ଇଲେକ୍ଟ୍ରିକ୍ ଭର୍ସନ୍ କିଆ କାରେନ୍ସ ଇଭି ରେ ଅଲ୍-ଇଲେକ୍ଟ୍ରିକ୍ ଏମପିଭି ହେବାକୁ ଯାଉଛି। ଏଥିରେ ଆଇସିଇ ଭର୍ସନ୍ ଅପେକ୍ଷା ଭଲ ଡିଜାଇନ୍ ଏଲିମେଣ୍ଟ ଦିଆଯାଇପାରେ। ଇଭି, ଆଇସିଇ ମଡେଲ୍ ସହିତ ଆର୍କିଟେକ୍ଚର ଉପରେ ବେସ୍ଡ ହୋଇପାରେ। ଏହାର ଡ୍ରାଇଭିଂ ରେଞ୍ଜ ୪୦୦ କିଲୋମିଟରରୁ ଅଧିକ ହୋଇପାରେ ଏବଂ ଏଥିରେ ଫାଷ୍ଟ ଚାର୍ଜିଂର ଫିଚର ମଧ ଦିଆଯାଇପାରେ। କିଆ ଚଳିତ ବର୍ଷରେ ଏହାର ପ୍ରଥମ ଗାଡ଼ି ସାଇରସ ଲଞ୍ଚ କରିବାକୁ ଯାଉଛି। କୋରିଆ ଅଟୋ ମେକର ଏହାକୁ ଫେବୃଆରୀ ୧, ୨୦୨୫ ରେ ଲଞ୍ଚ କରିବ। ଏହା ପରେ କମ୍ପାନୀ ଅଗଷ୍ଟ ମାସରେ କାରେନ୍ସ ଫେସ୍‌ଲିଫ୍ଟ ଏବଂ କାରେନ୍ସ ଇଭି କୁ ଲଞ୍ଚ କରିପାରିବ।




ଏହାର ପ୍ରାଇସ ବିଷୟରେ କହିବାକୁ ଗଲେ କାରେନ୍ସ ଫେସ୍‌ଲିଫ୍ଟର ପ୍ରାଇସ୍ ୧୧.୫ ଲକ୍ଷ ଟଙ୍କା ହେବ ବୋଲି ଆଶା କରାଯାଉଛି। ଏଥି ସହ କାରେନ୍ସ ଇଭି ର ପ୍ରାଇସ୍ ପ୍ରାୟ ୧୬ ଲକ୍ଷ ଟଙ୍କା ମଧ ହୋଇପାରେ। କାରେନ୍ସ ଫେସ୍‌ଲିଫ୍ଟ ଲଞ୍ଚ ହେବା ପରେ ଏମପିଭି ସେଗମେଣ୍ଟରେ କିଆ ର ସ୍ଥିତି ଷ୍ଟ୍ରଙ୍ଗ ରହିବ ଏବଂ ଏହି ସେଗମେଣ୍ଟରେ ଇଲେକ୍ଟ୍ରିକକୁ ଖୋଜୁଥିବା ଲୋକଙ୍କ ଆବଶ୍ୟକତା ମଧ ପୂରଣ ହୋଇପାରିବ।

# ହ୍ୱାଟ୍‌ସଆପ୍ ଉପରୁ ହଟିଲା ଡାଟା ସେୟାରିଂ ବ୍ୟାନ୍



**ନୂଆଦିଲ୍ଲୀ, ୨୫।୧:** ହ୍ୱାଟ୍‌ସଆପ୍ ଏବଂ ଏହାର ମୂଳ କମ୍ପାନି ମେଟା ପ୍ଲାଟ୍‌ଫର୍ମ ମଧ୍ୟରେ ୫ ବର୍ଷିଆ ଡାଟା ସେୟାରିଂ ବ୍ୟାନ୍ ହଟିଯାଇଛି। ଜାତୀୟ କମ୍ପାନି ଆଇନ ଆପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ଗୁରୁବାର ଅସ୍ଥାୟୀ ଭାବେ ଏହି ବ୍ୟାନ୍‌କୁ ହଟାଇ ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୨୩ ନଭେମ୍ବରରେ ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ(ସିସିଆଇ) ପକ୍ଷରୁ ଏହି କଟକଣା ଲଗାଯାଇଥିଲା। ମେଟା ସହ ହ୍ୱାଟ୍‌ସଆପ୍‌ର ଡାଟା ସେୟାରିଂ କାର୍ଯ୍ୟକଳାପକୁ ନେଇ ଏକାଧିକ ଅଭିଯୋଗ ଆସିବା ପରେ ଏହି ବ୍ୟାନ୍ ଲଗାଯାଇଥିଲା। ଫେସ୍‌ବୁକ୍ ଏବଂ ହ୍ୱାଟ୍‌ସଆପ୍‌ର ମୂଳ କମ୍ପାନି ମେଟା ବ୍ୟାନ୍‌କୁ ଚ୍ୟାଲେଞ୍ଜ କରିଥିଲା ଏବଂ ଏହା କେତେକ ବୈଶିଷ୍ଟ୍ୟକୁ ପ୍ରତ୍ୟାହାର କରିବା ପାଇଁ ମଧ୍ୟ ଧମକ ଦେଇଥିଲା। ପ୍ରଯୁକ୍ତିଗତ ଅଭିଜ୍ଞତା ନ ଥିବା ଦର୍ଶାଇ ଏହା ସିସିଆଇର ସମାଲୋଚନା କରିଥିଲା। ଗୁରୁବାର ଏନ୍‌ସିଏଲ୍‌ଏଟି ଏହି ବ୍ୟାନ୍‌କୁ ଅସ୍ଥାୟୀ ଭାବେ ହଟାଇଦେଇଥିବା ଜଣାପଡ଼ିଛି।

# ସୁଉଚ୍ଚ ବ୍ରିଜରେ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ

**ନୂଆଦିଲ୍ଲୀ, ୨୫।୧:** ସୁଉଚ୍ଚ ବ୍ରିଜରେ ଗଡ଼ିଲା ବନ୍ଦେ ଭାରତ ଏକ୍ସପ୍ରେସ। କଟରାରୁ ଶ୍ରୀନଗର ଭିତରେ ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଥମ ଟ୍ରାଏଲ ରନ୍ ହୋଇଛି। ଅଞ୍ଜି ଖାଡ଼ ବ୍ରିଜ ଯାହା ଭାରତର ପ୍ରଥମ କେବଲ ଷ୍ଟେ ବ୍ରିଜ ଏବଂ ଚେନାବ ବ୍ରିଜ ଯାହା ବିଶ୍ୱର ଉଚ୍ଚତମ ରେଲୱେ ବ୍ରିଜ। ଏହା ଦେଇ ଗତି କରିଛି ବନ୍ଦେ ଭାରତ ଏକ୍ସପ୍ରେସ। ବଡ଼ କଥା ହେଉଛି କଶ୍ମୀରର ଥଣ୍ଡା ପରିବେଶକୁ ନଜରରେ ରଖି ଏହି ଟ୍ରେନକୁ ଡିଜାଇନ କରାଯାଇଛି। କଶ୍ମୀରର ସୁନ୍ଦର ଉପତ୍ୟକାରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବା ପାଇଁ ଭାରତୀୟ ରେଳ ପ୍ରସ୍ତୁତି ଶେଷ କରିବା ପରେ ଆଜି ଟ୍ରାଏଲ ରନ କରାଯାଇଛି। ଟ୍ରେନ୍ ଚଳାଚଳର ଶୁଭାରମ୍ଭ ଖୁବ୍‌ଶୀଘ୍ର ହେବାକୁ ଯାଉଛି। କଶ୍ମୀରର କଠିନ ପରିସ୍ଥିତି ଏବଂ ତୁଷାରପାତକୁ ବିଚାରକୁ ନେଇ ଏହି ଟ୍ରେନ୍‌କୁ ଅନେକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ସହ ସଜାଯାଇଛି। ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ଏପରି ଭାବରେ ଡିଜାଇନ କରାଯାଇଛି ଯେ ୧୦

**କଟରାରୁ ଶ୍ରୀନଗର ଭିତରେ ହେଲା ପ୍ରଥମ ଟ୍ରାଏଲ ରନ୍**

ଡିଗ୍ରୀ ସେଲସିୟସରେ ମଧ୍ୟ ଏହାର ଚଳାଚଳରେ କୌଣସି ଅସୁବିଧା ହେବ ନାହିଁ। ଏଥିପାଇଁ ଡ୍ରାଇଭର କୋଚ୍‌ରେ ଡ୍ରାଇଭର ସିଟ୍ ପୂର୍ବାପେକ୍ଷା ଅଧିକ ଆରାମଦାୟକ ହୋଇଛି। ଏହା ବ୍ୟତୀତ ଇଞ୍ଜିନର ୱିଣ୍ଡଶିଲ୍ଡ ଉପରେ ମଧ୍ୟ ଅନେକ କାମ କରାଯାଇଛି। ଏହି ୱିଣ୍ଡଶିଲ୍ଡ ତିନୋଟି ସ୍ତରରେ ନିର୍ମାଣ କରାଯାଇଥିବା ବେଳେ ଏହା ଭିତରେ ଏକ ସ୍ତର ଅଛି ଯାହା ସବୁବେଳେ ଗ୍ଲାସ୍‌କୁ ଗରମ ରଖିବ। ଉତ୍ତାପ ହେତୁ ଏହାକୁ ଡିଫ୍ରଷ୍ଟ କରିବା ସହଜ ହେବ। ଇଞ୍ଜିନର ୱିଣ୍ଡସ୍କ୍ରିନରେ ସ୍ଥାପିତ ୱାପରର ୱାଶରରେ ଗରମ ପାଣି ଛିଞ୍ଚିବ, ଯେଉଁ କାରଣରୁ ଏଠାରେ କାକର ଜମା ହେବନାହିଁ। ଏପରିକି ଏହା ବାଷ୍ପ ସୃଷ୍ଟି କରିବ ନାହିଁ। ଫଳରେ ଟ୍ରେନ୍ ଚଲାଇବାରେ କୌଣସି ଅସୁବିଧା ହେବ ନାହିଁ। ସମସ୍ତ କୋଚ୍‌ରେ ଉତ୍ତମ ଥର୍ମୋଷ୍ଟାଟ ବ୍ୟବହାର କରାଯାଇଥିବାରୁ ଏହା ମାଇନସ୍ ତାପମାତ୍ରାରେ ମଧ୍ୟ ଲୋକଙ୍କ ଯାତ୍ରା ଆରାମଦାୟକ ରହିବ। ଜଳ ଯୋଗାଣ ପାଇପରେ ମଧ୍ୟ ଡବଲ ଟ୍ରିପଲ ଇନ୍‌ସୁଲେସନ ଅଛି। ଯେଉଁ କାରଣରୁ ପାଇପରେ ପାଣି ବରଫ ହେବ ନାହିଁ। ୱାଶରୁମ୍‌ର ଆକାର ମଧ୍ୟ ବୃଦ୍ଧି କରାଯାଇଛି।

# ଏଣିକି ବ୍ୟାଙ୍କ କଲ୍ ନାଁରେ ହୋଇପାରିବନି ଠକେଇ

## ଆସିଲା ୨ ଡେଡିକେଟେଡ୍ ଫୋନ୍ ନମ୍ବର ସିରିଜ୍

**ନୂଆଦିଲ୍ଲୀ, ୨୫।୧:** ସମ୍ପ୍ରତି ଠକେଇ ତଥା ସ୍ପାମ୍ କଲ୍ ସାଧାରଣ ସମସ୍ୟା ପାଲଟିଲାଣି। ମୋବାଇଲ ଫୋନ୍ ୟୁଜର ଏଭଳି କଲ୍‌ରେ ଫସି ବଡ଼ ମାତ୍ରାରେ ଅର୍ଥ ହରାଉଛନ୍ତି। ଏହି କଲ୍‌ଗୁଡ଼ିକ ମାଧ୍ୟମରେ ଘୋଟାଲା ଏବଂ ଆର୍ଥିକ ଅପରାଧ ମାମଲା ଲଗାତର ଭାବେ ବଢ଼ିଚାଲିଛି। ଏହି ଚିନ୍ତାକୁ ଦୂର କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆର୍‌ବିଆଇ ବିତ୍ତୀୟ ପ୍ରତିଷ୍ଠାନଗୁଡ଼ିକ ପାଇଁ ନିଜ ନିଜ ଗ୍ରାହକଙ୍କୁ ଟ୍ରାଞ୍ଜାକ୍‌ସନ ଏବଂ ମାର୍କେଟିଂ କଲ୍ ବେଳେ ବ୍ୟବହାର କରିବା ନିମନ୍ତେ ଦୁଇଟି ସମର୍ପିତ ଫୋନ୍ ନମ୍ବର ସିରିଜ୍ ଆରମ୍ଭ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ୟୁଜରଙ୍କୁ ଠକେଇ କଲ୍‌ରୁ ସୁରକ୍ଷା ପ୍ରଦାନ କରିବା। ଆର୍‌ବିଆଇର ନୂଆ ନୋଟିସ୍ ଅନୁସାରେ, ବ୍ୟାଙ୍କଗୁଡ଼ିକୁ ଏବେ ସମସ୍ତ ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କଲ୍ ପାଇଁ ୧୬୦୦ରୁ ଆରମ୍ଭ ହେଉଥିବା ଫୋନ୍ ନମ୍ବର୍‌ର ବ୍ୟବହାର କରିବାକୁ ପଡ଼ିବ। ସେହିଭଳି ମାର୍କେଟିଂ କଲ୍ ଏବଂ ଏସ୍‌ଏମ୍‌ଏସ୍ ପାଇଁ ଆର୍‌ବିଆଇ ଦୁଇଟି ପୃଥକ ନମ୍ବର ରେଞ୍ଜ୍ ଆବଣ୍ଟିତ କରିଛି। ୧୬୦୦ରୁ ଆରମ୍ଭ ହେଉଥିବା ନମ୍ବରଗୁଡ଼ିକର ବ୍ୟବହାର ବ୍ୟାଙ୍କିଙ୍ଗ୍ ସେବାରୁ ଆରମ୍ଭ କରି ମାର୍କେଟିଂ ସମ୍ବନ୍ଧୀୟ ଯୋଗାଯୋଗ ପାଇଁ କରାଯିବ। ସେହିଭଳି ୧୪୦ରୁ ଆରମ୍ଭ ହେଉଥିବା ନମ୍ବରଗୁଡ଼ିକର ବ୍ୟବହାର ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଏବଂ ବୀମା ଭଳି ସେବାଗୁଡ଼ିକର ପ୍ରଚାର କଲ ଏବଂ ଏସ୍‌ଏମ୍‌ଏସ୍ ସୂଚନାଗୁଡ଼ିକ ପାଇଁ କରାଯିବ।




# ଆଜି ଜିଓ ସାଉଣ୍ଡ ପେ'ର ଶୁଭାରମ୍ଭ

**ମୁମ୍ବାଇ,୨୫।୧:** ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ଫିଚର 'ଜିଓ ସାଉଣ୍ଡ ପେ'ର ଶୁଭାରମ୍ଭ ଚଳିତ ବର୍ଷ ଗଣତନ୍ତ୍ର ଦିବସ (ଜାନୁୟାରୀ ୨୬)ରେ କରାଯିବ। ଏପରି କି ଏହି ସୁବିଧା ଜିଓ ଭାରତ ଫୋନରେ ଆଜୀବନ ମାଗଣା ଉପଲବ୍ଧ ହେବ। ଜିଓ ସାଉଣ୍ଡ ପେ'ରୁ ବିନା କୌଣସି ସାଉଣ୍ଡ ବକ୍ସରେ ୟୁପିଆଇ ପେମେଣ୍ଟ ଆଲର୍ଟ ମିଳିବ। ଭାରତର ଯେକୌଣସି ମୋବାଇଲ୍ ଫୋନରେ ଏହା ଏହିଭଳି ପ୍ରଥମ ବୈଶିଷ୍ଟ୍ୟ ବା ଫିଚର ହେବ। ଦେଶର ପାଞ୍ଚ କୋଟିରୁ ଅଧିକ କ୍ଷୁଦ୍ର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏଥିରୁ ପ୍ରତ୍ୟକ୍ଷ ଲାଭ ପାଇବେ। କମ୍ପାନୀର ସୂଚନା ଅନୁସାରେ ଜିଓସାଉଣ୍ଡ ପେ ଏକ ଅଭୂତପୂର୍ବ ନବସୃଜନ ବା ଇନୋଭେସନ୍ କରିଛି, ଯାହା ପ୍ରତ୍ୟେକ ୟୁପିଆଇ ଦେୟର ତତ୍‌କ୍ଷଣାତ ବହୁଭାଷୀ ଅଡିଓ ଆଲର୍ଟ ବାର୍ତ୍ତା ଦେବ। ଏହା ଛୋଟରୁ ଛୋଟ ଗ୍ରୋସେରି ଓ ଖାଦ୍ୟସାମଗ୍ରୀ ଦୋକାନ, ପନିପରିବା ବିକ୍ରେତା ଏବଂ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଖାଦ୍ୟ ଓ ପାନୀୟ ବିକ୍ରେତାମାନଙ୍କ ପାଇଁ ବ୍ୟବସାୟ କରିବା ଅଧିକ ସହଜ କରିବ। ବର୍ତ୍ତମାନ କ୍ଷୁଦ୍ର ଏବଂ ଅତିକ୍ଷୁଦ୍ର ବ୍ୟବସାୟୀମାନେ ସାଉଣ୍ଡ ବକ୍ସ ପାଇଁ ମାସକୁ ପ୍ରାୟ ୧୨୫ ଟଙ୍କା ଦେଉଛନ୍ତି। ଏହି ସେବା ବର୍ତ୍ତମାନ ଜିଓସାଉଣ୍ଡ ପେ'ରେ ଉପଲବ୍ଧ ହେବା ସହିତ ଜିଓ ଭାରତ ଫୋନ୍ ବ୍ୟବହାରକାରୀମାନେ ବାର୍ଷିକ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ। ଜିଓର ସଭାପତି ସୁନୀଲ ଦତ୍ତ କହିଛନ୍ତି, ଜିଓ ପ୍ରତ୍ୟେକ ଭାରତୀୟଙ୍କୁ ସଶକ୍ତ କରିବା ପାଇଁ ଟେକ୍ନୋଲୋଜି ଉପଯୋଗ କରିବାରେ ବିଶ୍ୱାସ କରିଥାଏ।

## ଅକ୍ଷୟ ଶକ୍ତି ବ୍ୟବହାରକୁ ସର୍ବାଧିକ ଗୁରୁତ୍ୱ

**ଭୁବନେଶ୍ୱର, ୨୫।୧:** ବର୍ତ୍ତମାନ ସମୟରେ ଓଡ଼ିଶା ସରକାର ଅକ୍ଷୟ ଶକ୍ତିକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏପରିକି ୨୦୨୭ ସୁଦ୍ଧା ରାଜ୍ୟରେ ୩ ଲକ୍ଷ ରୁଫ୍ ଟପ୍ ସୋଲାର ପ୍ୟାନେଲ ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି, ଯାହା ସବୁଜ ଶକ୍ତି ଆଡ଼କୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ସେହିଭଳି ୨୦୩୦ ସୁଦ୍ଧା ୫୦୦ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବା ପାଇଁ ରହିଥିବା ଜାତୀୟ ଲକ୍ଷ୍ୟ ସହିତ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ବେଶ୍ ଗୁରୁତ୍ୱ ଓ ସମନ୍ୱିତ ରହିଛି, ପରିବେଶ ଲାଭ ବ୍ୟତୀତ ଏହି ଯୋଜନା ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ କାର୍ବନ ଫୁଟପ୍ରିଣ୍ଟକୁ ହ୍ରାସ କରି ଦେଶର ସ୍ଥାୟିତ୍ୱ ପ୍ରୟାସକୁ ଆହୁରି ସୁଦୃଢ଼ କରିବ। ଉଲ୍ଲେଖଯୋଗ୍ୟ, ଛାତ ଉପରେ ସୌରଶକ୍ତି ପ୍ରକଳ୍ପ ସ୍ଥାପନ କରି ଅକ୍ଷୟ ଶକ୍ତିକୁ ସୁଲଭ ମୂଲ୍ୟରେ ଯୋଗାଇବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏପରିକି ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ହେଉଛି, ଭାରତ ସରକାରଙ୍କ ଏହା ଏକ ପ୍ରମୁଖ ଯୋଜନା। ଏପରିକି ସରକାରଙ୍କ ଏହି ପଦକ୍ଷେପ ଘରୋଇ ଛାତ ଉପରେ ସୌରଶକ୍ତି ସ୍ଥାପନ ପ୍ରକ୍ରିୟାକୁ ସରଳ କରିଛି, ସମଗ୍ର ଦେଶ ଓ ରାଜ୍ୟରେ ରୁଫ୍‌ଟପ୍ ସୋଲାର ସ୍ଥାପନକୁ ସୁଗମ କରିଥିବା ଏହି ଯୋଜନାର ଲକ୍ଷ୍ୟ ହେଉଛି, ଅକ୍ଷୟ ଶକ୍ତି କ୍ଷେତ୍ରରେ ବିପ୍ଳବ ଆଣିବା। ଅପରପକ୍ଷରେ ଆରଇସି ଲିମିଟେଡର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଭେଣ୍ଡର ମିଟ୍‌ର ଆୟୋଜନ କରାଯାଇଥିଲା।

# ମା' କଲରେଇ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**କାକଟପୁର/ଅସ୍ତରଙ୍ଗ,୨୫।୧ (ସଂଚାର ବ୍ୟୁରୋ) :** ସ୍ୱାସ୍ଥ୍ୟ ହିଁ ସମ୍ପଦ। ଉଭୟ ବ୍ୟକ୍ତି ଓ ସମାଜ ପାଇଁ ଏହା ଶ୍ରେଷ୍ଠ ସମ୍ପତି। ଆଜି ବି ଅନେକ ଲୋକ ସମୟ ଅଭାବରୁ ନିଜର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ପାରୁନାହାନ୍ତି। ତେଣୁ ସେମାନେ କିପରି କିଭଳି ସୁସ୍ଥ ରହିବେ ସେ ନେଇ ଅଣ୍ଟା ଭିଡିଛି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା କଲରେଇ ଚାରିଟେବୁଲ ଟ୍ରଷ୍ଟ। କେବଳ ସ୍ୱାସ୍ଥ୍ୟ ନୁହେଁ ଲୋକଙ୍କୁ କିଭଳି ସେବା ଯୋଗାଇବା ପାଇଁ ଅହରହ ପ୍ରୟାସ କରିଛି ମା କଲରେଇ ଚାରିଟେବୁଲ ଟ୍ରଷ୍ଟ। ଶନିବାର ଦିନ ପୁରୀ ଜିଲ୍ଲା କାକଟପୁର ତହସିଲ ନିକଟସ୍ଥ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟ ପରିସରରେ ହାଇଟେକ ମେଡିକାଲ ଏବଂ ମା କଲରେଇ ଚାରିଟେବୁଲ ଟ୍ରଷ୍ଟର ମେଗା ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଅତିଥି ଭାବେ ଡକ୍ଟର ସନ୍ଦୀପ କୁମାର ସାମଲ, ମା କଲରେଇ ଚାରିଟେବୁଲ ଟ୍ରଷ୍ଟ ଅଧକ୍ଷ ଇଂ ରଂଜିତ କୁମାର ସ୍ୱାଇଁ,ଡକ୍ଟର ଅରୂପ ରତନ ଦାସ, ଡକ୍ଟର ପ୍ରତୀକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଉଦଘାଟନ ହୋଇଥିଲା। ଟ୍ରଷ୍ଟ ଅଧକ୍ଷ ଇଂ ରଂଜିତ କୁମାର ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ ଗ୍ରାମାଞ୍ଚଳ ରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଏଭଳି ପ୍ରୟାସ ଜାରୀ ରଖିଛନ୍ତି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ହାଇଟେକ ମେଡିକାଲ ଡକ୍ଟର ସନ୍ଦୀପ କୁମାର ସାମଲ, ଡକ୍ଟର ଅରୂପ ରତନ ଦାସ, ପ୍ରତୀକ ତ୍ରିପାଠୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ହାଇଟେକ ମେଡିକାଲର ଅଭିଜ୍ଞ ଡକ୍ଟର ରୋଗୀ ଚିକିତ୍ସା କରିଥିଲେ। ଶିବିରରେ ବିଶେଷଜ୍ଞ ଚିକିତ୍ସଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କେବଳ ବ୍ଲଡ଼ ପ୍ରେସର ସୁଗାର ଆଦି ନୁହେଁ ସମସ୍ତ ପ୍ରକାର ପରୀକ୍ଷା କରାଯାଇଥିଲା। ଆଖି ଠାରୁ ଆରମ୍ଭ କରି ଇସିଜି, ଦନ୍ତ, ଶଲ୍ୟ, ଅସ୍ଥିଶଲ୍ୟ, କୀଡିନ ରୋଗ, ଭେଷଜ (ମେଡ଼ିସିନ ), ଦନ୍ତ ରୋଗ, ଶରୀର ଯନ୍ତ୍ରଣା ଜନିତ ରୋଗ ସହ ୩ଶହ ରୁ ଉର୍ଦ୍ଧ ଲୋକ ଙ୍କୁ ମାଗଣା ଔଷଧ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା କରାଯିବା ସହ ଡକ୍ଟରଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା। ଏପରିକି ବୟସ୍କ ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଶିବିର ମଧ୍ୟ କରାଯାଇଥିଲା। ଏଥିରେ ହାଇଟେକ ମେଡ଼ିକାଲ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ରୋଗୀଙ୍କ ଚିକିତ୍ସା ସହାୟକ କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ମାଗଣା ସ୍ୱାସ୍ଥ୍ୟ ଶିବିର ହୋଇଥିବାରୁ ଟ୍ରଷ୍ଟ ଅଧକ୍ଷଙ୍କୁ ଲୋକେ ପ୍ରଶଂସା କରିଥିଲେ। ଲୋକଙ୍କ ପାଇଁ ଏହିଭଳି ଶିବିର ଆଗକୁ ମଧ୍ୟ ଜାରୀ ରହିବ ବୋଲି ଟ୍ରଷ୍ଟ ତରଫରୁ ସୂଚନା ମିଳିଛି।

### ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଭୋଟର ଦିବସ

# ପ୍ରଲୋଭନରେ ପ୍ରଭାବିତ ନହୋଇ ନିର୍ବାଚନରେ ମତାଧିକାର ସାବ୍ୟସ୍ତ ପାଇଁ ଆହ୍ୱାନ

**ନୟାଗଡ଼,୨୫।୧ (ସଂଚାର ବ୍ୟୁରୋ) :** ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ଆଇନସେବା ପ୍ରାଧିକରଣ ସଚିବ ଅଞ୍ଜଳୀ ମଛଖଣ୍ଡଙ୍କ ତତ୍ୱାବଧାନରେ ଜିଲାକୋର୍ଟ ପରିସରରେ ଏବଂ ନୟାଗଡ଼ ଏନ୍‌ଏସି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା ନିଜ ବକ୍ତବ୍ୟରେ କହିଥିଲେ ଯେ ୨୦୧୧ ମସିହା ଜାନୁୟାରୀ ମାସ ୨୫ ତାରିଖ ଠାରୁ ସାରା ଭାରତବର୍ଷରେ ଜାତୀୟ ଭୋଟର ଦିବସ ପାଳିତ ହୋଇଆସୁଅଛି। ଭୋଟଦେବା ସମସ୍ତ ସାବାଳକ ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର। ଏହି ଅଧିକାରରୁ କାହାକୁ ବଂଚିତ କରାଯାଇପାରିବ ନାହିଁ। ଭୋଟରମାନଙ୍କୁ ସଚେତନତା କରିବା ଆଜି ଦିନର ତାତ୍ପର୍ଯ୍ୟ ବୋଲି କହିଥିଲେ।

ଅଧ୍ୟକ୍ଷ ବିଚାରପତି ଓ କର୍ମଚାରୀମାନଙ୍କୁ ଏବଂ ସଚିବ ଅଞ୍ଜଳୀ ମଛଖଣ୍ଡ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଠାରେ ଉପସ୍ଥିତ ଜନସାଧାରଣଙ୍କ




ମାନଙ୍କୁ ମତଦାତାଙ୍କ ସଂକଳ୍ପପାଠ କରାଇଥିଲେ। "ଆମେ ଭାରତର ନାଗରିକ ବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟଦା ବଜାୟ ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭିକ ହୋଇ, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାରର ପ୍ରୟୋଗ କରିବୁ।"

ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ଠାରେ ପାଳନ କରାଯାଇଥିବା ଜାତୀୟ ଭୋଟର ଦିବସରେ ମୁଖ୍ୟ ଅତିଥିଭାବେ ସଚିବ ଅଞ୍ଜଳୀ ମଛଖଣ୍ଡ, ସୁଶ୍ରିତା ମିଶ୍ର ପ୍ରୋବେସନର ମାଜିଷ୍ଟ୍ରେଟ୍, ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା, ପ୍ରଧାନଶିକ୍ଷୟିତ୍ରୀ ରସିତା ଖାନ୍ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମୀଣ ଆଇନ୍ ସଚେତନତା କର୍ମୀ ଲିପ୍‌ସା ଦାସ, ଜିନୁ ସାହୁ, ପ୍ରମୋଦ କୁମାର ମହାନ୍ତି, ସୋନାଲି ପଟ୍ଟନାୟକ, ଅକ୍ଷୟ ପ୍ରଧାନ, ମଞ୍ଜୁଲତା ପ୍ରଧାନ ଏବଂ ଆଇନସେବା ପ୍ରାଧିକରଣ କର୍ମଚାରୀ ପବନ କୁମାର ବେହେରା, ଗଗନ ବିହାରୀ ନାୟକ, ରାଜେଶ କୁମାର ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଖେଳ ପଡ଼ିଆରେ ସିମେଣ୍ଟ ଚୌକି ପକାଇବାକୁ ଦାବି

**ସୋନପୁର,୨୫।୧ (ସଂଚାର ବ୍ୟୁରୋ) :** ସୋନପୁର ବ୍ଲକ ବିଶିମୁଣ୍ଡା ଗ୍ରାମ ପଂଚାୟତ ଡୁଙ୍ଗୁରିପାଲି ଗ୍ରାମର ଖେଳ ପଡ଼ିଆ ସୋନପୁର ବ୍ଲକ ପ୍ରଶାସନ ଏବଂ ବିଶିମୁଣ୍ଡା ଗ୍ରାମ ପଂଚାୟତର ଅଭହେଲା ପାଇଁ ଖେଳ ପଡ଼ିଆ ଉନ୍ନତି ହୋଇ ପାରୁ ନାହିଁ ଯାହା ଫଳରେ ଗ୍ରାମର ଶହ ଶହ ପିଲା ଖେଳ କୁଦରୁ ବଞ୍ଚିତ ହୋଇଛନ୍ତି। ଡୁଙ୍ଗୁରିପାଲି ଗ୍ରାମରେ ଖେଳ ପଡ଼ିଆ ପାଇଁ ୪ ଏକର ୯୦୦ ଡ଼ିସମିଲ ଗ୍ରାମବାସୀଙ୍କ ତରଫରୁ ରୋଡ଼ ସାଇଟରେ ବଛା ଯାଇଥିଲା। କିନ୍ତୁ ସ୍ଥାନୀୟ ସରପଞ୍ଚ ଏବଂ ସୋନପୁର ବ୍ଲକ ପ୍ରଶାସନ ପଂଚାୟତର ଅନ୍ୟ ଗାଁ ମାନଙ୍କରେ ଖେଳ ପଡ଼ିଆର ଉନ୍ନତି ପାଇଁ ପଡିଆର ଚାରି ପଟେ ସିମେଣ୍ଟ ଚୌକି, ପଡ଼ିଆରେ ମାଟି, ଫୁଟବଲ ବାର ଲଗେଇଛନ୍ତି କିନ୍ତୁ ଡୁଙ୍ଗୁରିପାଲି ଖେଳ ପଡିଆର ଉନ୍ନତି କରୁନାହାନ୍ତି ଯାହା ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଖେଳ ପଡିଆର ଉନ୍ନତି ପାଇଁ ସୋନପୁର ବ୍ଲକ ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି।

# ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ, ଯାତାୟାତ ବାଧାପ୍ରାପ୍ତ

**ବାଲିଆପାଳ,୨୫।୧ (ସଂଚାର ବ୍ୟୁରୋ) :** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଦର ମୋହକୁମା ସ୍ଥିତ ସିମୁଳିଆ ମାର୍କେଟ ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଥିବାରୁ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ତାହାକୁ ରାସ୍ତା ମଝିରୁ ଖୁଣ୍ଟକୁ ହଟାଇବାକୁ ଦାବି ହେଉଛି। ଉକ୍ତ ମାର୍କେଟ ମଝିରେ ବିଦ୍ୟୁତ୍ ଖୁଣ୍ଟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଯାହା ଫଳରେ ଏହି ଏହି ମାର୍କେଟ ଦେଇ ଦୈନିକ ଶହ ଶହ ଯାନବାହାନ ଚଳାଚଳରେ ବାଧା ସୃଷ୍ଟି କରୁଛି। ଏପରିକି ଯାତ୍ରୀବାହୀ ଅଟୋ, ଦୁଇଚକିଆ ଯାନ ମଧ୍ୟ ଉକ୍ତ ରାସ୍ତା ଦେଇ ଯିବାକୁ ଭୟ କରୁଛନ୍ତି।



ଗ୍ରାମ ପଞ୍ଚାୟତ ଓ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ବିଦ୍ୟୁତ୍ ଖୁଣ୍ଟ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଓଭରଲୋଡ ବାଉଁଶ ବୋଝେଇ ଟ୍ରକ ପାଇଁ ଛିଣ୍ଡିଲା ବିଦ୍ୟୁତ୍ ତାର, ଅଧା ବୈଶିଙ୍ଗା ବଜାର ଅନ୍ଧାର

**ବୈଶିଙ୍ଗା,୨୫।୧ (ସଂଚାର ବ୍ୟୁରୋ) :** ଦୈନିକ ମୟୂରଭଞ୍ଜ ଜିଲ୍ଲାରୁ ବାହାର ଜିଲ୍ଲାକୁ ଶହ ଶହ ଟ୍ରକ ବାଉଁଶ ବୋଝେଇ ଟ୍ରକ ବିଭିନ୍ନ ଗ୍ରାମାଞ୍ଚଳରୁ ଆସି ଜାତୀୟ ରାଜପଥ ଉପରେ ଯାଉଥିବା ବେଳେ ବହୁତ ସମୟରେ ଅଘଟଣ ଘଟୁଥିଲେ ମଧ୍ୟ ପ୍ରଶାସନ ଦୃଷ୍ଟି ଗୋଚର



ହେଉ ନ ଥିବା ପରିତାପର ବିଷୟ। ବଡ଼ସାହି, ମାତତ୍ରୀ ଅଞ୍ଚଳରୁ ଆସୁଥିବା ଏହି ଟ୍ରକ୍ ପାଇଁ ବାରମ୍ବାର ଏଭଳି ଘଟଣା ଘଟୁଥିବାର ନଜିର ରହିଛି। ଆଜି ଶନିବାର ସନ୍ଧ୍ୟା ସମୟରେ ଏହିଭଳି ଓଭରଲୋଡ୍ ଏକ ବାଉଁଶ ବୋଝେଇ ଟ୍ରକ ନଂ- ସିଜେ ୦୪ ଜେସି ୭୩୭୨ ଟି ମାଣତ୍ରୀ ପଟୁ ଆସି ବୈଶିଙ୍ଗା ବଜାର ଅତିକ୍ରମ କରୁଥିବା ବେଳେ ଥାନା ପାର୍ଶ୍ୱରେ ଥିବା ଅର୍ଜୁନ ମାର୍କେଟ କମ୍ପ୍ଲେକ୍ସର ଦୋକାନୀଙ୍କର ସର୍ଭିସ ତାର ଗୁଡିକ ଛିଣ୍ଡାଇ ଦେଇଥିଲା। ଫଳରେ ଅଧା ବଜାର ଅନ୍ଧାର ହୋଇ ଯାଇଥିଲା। ବିଦ୍ୟୁତ ବିଭାଗ କର୍ମଚାରୀ ପହଞ୍ଚି ଏହାର ମରାମତି କରିଥିଲେ।

### ବାଲେଶ୍ୱର ଜିଲ୍ଲାବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଦାବି

# ୨୦ରେ କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ

**ବାଲେଶ୍ୱର,୨୫।୧ (ସଂଚାର ବ୍ୟୁରୋ):** ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାରେ ସମସ୍ତ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନର ଭିତ୍ତିଭୂମି ଓ ଉତ୍ତମ ସ୍ୱାସ୍ଥ୍ୟସେବା ଦାବିରେ ଆସନ୍ତା ଫେବୃଆରୀ ୨୦ ତାରିଖ ଦିନ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଜିଲ୍ଲାସ୍ତରୀୟ ଗଣଧାରଣା ପାଇଁ ଶନିବାର ଦିନ ପୂର୍ବାହ୍ନରେ ଅନୁଷ୍ଠିତ ସାଂଗଠନିକ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବାଲେଶ୍ୱର ଓକିଲସଂଘ ସଭାଗୃହରେ ଅନୁଷ୍ଠିତ ବୈଠକରେ ନିରଞ୍ଜନ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କମିଟିର କର୍ମକର୍ତ୍ତାମାନଙ୍କ ସମେତ ସମସ୍ତ ଅଞ୍ଚଳ କମିଟି ଓ ବ୍ଲକ କମିଟିର ନେତୃତ୍ୱ ଏହି ବୈଠକରେ ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟିର ଗତ ବାର୍ଷିକ ସମ୍ମିଳନୀରେ ଗୃହୀତ ୧୭ଦଫା ଦାବିପତ୍ର ଓ ଗତ ୧୦ ତାରିଖ ଦିନ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ସାଂସଦ, ବିଧାୟକମାନଙ୍କୁ




ଦିଆଯାଇଥିବା ଚିଠିକୁ ବୈଠକରେ ସାଧାରଣ ସମ୍ପାଦକ ପ୍ରଦୀପ ଦାସ ପାଠ କରିଥିଲେ। ସ୍ୱାସ୍ଥ୍ୟସେବାର ଅବ୍ୟବସ୍ଥା ସମ୍ପର୍କରେ ସମସ୍ତ ପ୍ରତିନିଧି ଆଲୋଚନାରେ ସେମାନଙ୍କର ଅସନ୍ତୋଷ ଓ ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରକାଶ କରିଥିଲେ। ଜିଲ୍ଲାସ୍ତରୀୟ ଗଣଧାରଣା ସହ ବ୍ଲକସ୍ତରରେ ଓ ବିଧାନ ସଭା ସମ୍ମୁଖରେ ଗଣଧାରଣା ଦେବାକୁ ବହୁ ପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ଓକିଲ ସଂଘର ସମ୍ପାଦକ ସମ୍ବିତ୍ ନନ୍ଦୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗତ ୨୦୦୫ ମସିହାରେ ବାଲେଶ୍ୱରରେ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ଓକିଲ ସଂଘ ସଭାଗୃହରେ ଜନ୍ମଲାଭ କରିଥିଲା। ଦୀର୍ଘ ୨୦ବର୍ଷ ପରେ ପୁନଶ୍ଚ ଏଠାରେ କ୍ରିୟାନୁଷ୍ଠାନ କମିଟିର ବୈଠକକୁ ଓକିଲ ସଂଘ ସ୍ୱାଗତ କରୁଛି। ସଭାକାର୍ଯ୍ୟ ଆରମ୍ଭରେ ଭୋଗରାଇ ବ୍ଲକ କ୍ରିୟାନୁଷ୍ଠାନ କମିଟିର ବରିଷ୍ଠସଦସ୍ୟ ତଥା ବ୍ଲକସମ୍ପାଦକ ଚିତ୍ତରଞ୍ଜନ ଦାସ ଆନୁଷ୍ଠାନିକଭାବେବୈଠକକୁ ଉଦ୍‌ଘାଟନ କରିଥିଲେ।

# ନବରଙ୍ଗପୁରରେ ଜାତୀୟ କନ୍ୟାସନ୍ତାନ ଦିବସ

**ନବରଙ୍ଗପୁର, ୨୫।୧ (ସଂଚାର ବ୍ୟୁରୋ) :** ସ୍ଥାନୀୟ ୱାନ୍‌ଷ୍ଟପ୍ କେନ୍ଦ୍ର ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଦିବସର ମହତ୍ତ୍ୱ ଏବଂ ସମାଜରେ କନ୍ୟାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଅସମାନତା ଏବଂ ଏହାର ସମାଧାନ ବାବଦରେ ଆଲୋକପାତ କରାଯାଇଛି। 'ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଝିଅଙ୍କୁ ସଶକ୍ତ କରିବା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏ ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ୬ କିଶୋରୀଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ମିଶନଶକ୍ତି ସଭା ଗୃହରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର। ୱାନ୍‌ଷ୍ଟପ୍ କେନ୍ଦ୍ର ନିର୍ଦ୍ଦେଶକ ସୁଧୀର କୁମାର ସାବତ, ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ଦ୍ରୌପଦୀ କହଁର ଝିଅମାନଙ୍କ ଲାଗି କରାଯାଇଥିବା ବିଭିନ୍ନ ଯୋଜନା ବାବଦରେ କହିଥିଲେ। ଆକ୍ସନଏଡ୍ ଜିଲ୍ଲା ପରାମର୍ଶଦାତା ଫକୀରକଚରଣ ରାଉତ, ସିଡିଓ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ମନୋରମା ମାଝୀ, ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ରମା ପଟ୍ଟନାୟକ, କାଉନ୍ସେଲର ଶର୍ମିଷ୍ଠା ସ୍ୱର୍ଣ୍ଣଲତା ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ସଭ୍ୟ ସନ୍ତୋଷ କୁମାର ଷଡ଼ଙ୍ଗୀ, ନର୍ସିଂ କଲେଜ ଅଧ୍ୟକ୍ଷ ଅନିତା ବ୍ରହ୍ମା, ୱାନ୍‌ଷ୍ଟପ୍ ସେଣ୍ଟରର ରଞ୍ଜିତା ସାହୁ, କିଶୋରୀ ପଟ୍ଟନାୟକ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।



# ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ



**ରାଇଘର,୨୫।୧ (ସଂଚାର ବ୍ୟୁରୋ) :** ବନବିଭାଗ ପକ୍ଷରୁ ଜଙ୍ଗଲ ରେ ଲାଗୁଥିବା ନିଆଁର ନିୟନ୍ତ୍ରଣ ଓ ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ବନଖଣ୍ଡ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଏ ବି ଡି ଓ ବିଜୟ କୁମାର ସେଠୀ, ତହସିଲଦାର ରିତୁ ସିଂ, ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ରେଞ୍ଜର ମହମ୍ମଦ ଅବଦୁଲ ସମ୍ମଦ ପ୍ରମୁଖ ଉପସ୍ଥିତ ଥିବାବେଳେ ରାଇଘର ବନଖଣ୍ଡ ଅଧୀନରେ ଥିବା ସମସ୍ତ ୨୬ଟି ପଞ୍ଚାୟତର ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ର ସଭାପତି ଏବଂ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଅସୁଥିବା ବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଙ୍ଗଲରେ କିପରି ନିଆଁ ନ ଲାଗିବ ଏହାକୁ ଗୁରୁତ୍ୱ ଦେଇ ଅତିଥି ମାନେ ଆସିଥିବା ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟମାନେ ଜଙ୍ଗଲରେ ନିଆଁ ନ ଲାଗିବା ପ୍ରତି ନଜର ରଖିବା ସହ ବନ କର୍ମଚାରୀ ମାନଙ୍କୁ ନିଆଁ ଲିଭେଇବାରେ ସହଯୋଗ କାମନା କରିଥିଲେ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ଜଣେ ଗିରଫ

**ମାହାଙ୍ଗା,୨୫।୧ (ସଂଚାର ବ୍ୟୁରୋ):** କଟକ ଅବକାରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କରୁଣାକରଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ଅବକାରୀ ବିଭାଗର ଆରକ୍ଷୀ ନିରୀକ୍ଷକ ରଙ୍କନିଧି ମଲିକ, ଉପଆରକ୍ଷୀ ନିରୀକ୍ଷକ ରାଜକିଶୋର ନାୟକ ଓ ଅଜୟ କୁମାର ଜେନା ସଦଳବଳେ



ମାହାଙ୍ଗା ଥାନା ପଣସପୁର ପଂଚାୟତ ସୋରଳ ଗ୍ରାମର ଭାବଗ୍ରାହୀ ବରାଳଙ୍କ ବାସଭବନ ଉପରେ ଚଢାଉ କରି ୧ କ୍ୱିଣ୍ଟାଲ ୫୬ କିଗ୍ରା ଚୋରା ଗଞ୍ଜେଇ, ୨ଟି ପିସ୍ତଲ ଓ ୪ଟି ମାଗାଜିନ ଓ ନଗଦ ୩.୭ ଲକ୍ଷ ଟଙ୍କା ଜବତ କରିବା ସହ ଏଥିରେ ସଂପୃକ୍ତ ଭାବଗ୍ରାହୀ ବରାଳଙ୍କ ଗିରଫ କରି ଅଧିକ ତଦନ୍ତ ଚାଲୁ ରହିଥିବା ସାଲେପୁର ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ମାହାଙ୍ଗା ସୋରଳ ୫୩ ନଂ ଜାତୀୟ ରାଜପଥଠାରୁ ମାତ୍ର ୨ରୁ ୩ କିମି ଦୂରତା ହୋଇଥିବାବେଳେ ଉକ୍ତ ଅଂଚଳରେ ଦୀର୍ଘ ଦିନ ଧରି ଚୋରା ଗଞ୍ଜେଇ ସହ ବିଭିନ୍ନ ନିଶା ଦ୍ରବ୍ୟ କାରବାର ହେଉଥିବା ଜିଲ୍ଲା ଅବକାରୀ ବିଭାଗ ଜାଣିବାକୁ ପାଇଥିଲା। ଗତକାଲି ଓଡି ୦୨ଏଚ୧୨୨୧ ନଂ ଫୋର୍ଡ ଫିଏଷ୍ଟା ଗାଡିରେ ଚୋରା, ଗଡେଇ ବାହାର ରାଜ୍ୟରୁ ଆସୁଥିବା ଅବକାରୀ ବିଭାଗ ଆରକ୍ଷୀ ଅଧିକ୍ଷକ କୌଣସି ସୁତ୍ରରୁ ସୂଚନା ପାଇଥିଲେ। ଏହି ସୂଚନା ଆଧାରରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ସାଲେପୁର ଅବକାରୀ ବିଭାଗର ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଟିମ ସୋରଳ ଗ୍ରାମରେ ଆଜି ମଧ୍ୟାହ୍ନରେ ଚଢାଉ କରିଥିଲା।

# ସୁବର୍ଣ୍ଣପୁରରେ ଜାତୀୟ ମତଦାନ ଦିବସ

**ସୁବର୍ଣ୍ଣପୁର,୨୫।୧ (ସଂଚାର ବ୍ୟୁରୋ) :** ଆମେ ଭାରତର ନାଗରିକ ବୃନ୍ଦ, ଗଣ ତନ୍ତ୍ରରେ ନିଜର ପୂର୍ଣ୍ଣ ଅସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବୁ ତଥା ମୁକ୍ତ ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଜାତି ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକରର ପ୍ରୟୋଗ କରିବୁ ବୋଲି ଆଜି ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ବିଶାଳ ସଚେତନତା ଶୋଭାଯାତ୍ରା ପରେ ନିଉ ଟାଉନ ହଲ ଠାରେ ଜିଲ୍ଲାପାଳ, ଉଭୟ ଏଡିଏମ୍, ଉପ ଜିଲ୍ଲାପାଳ ଓ ନିର୍ବାଚନ ଅଧିକାରୀ, ପୌର ପରିଷଦ ଅଧିକାରୀ, ସମସ୍ତ ବ୍ଲକ୍‌ର ବିଡିଓ, ସୂଚନା ଓ ଲୋକସଂପର୍କ ଅଧିକାରୀ, ସଂସ୍କୃତି ଅଧିକାରିଙ୍କ ସମେତ ବିଭିନ୍ନ ଅଧିକାରି କର୍ମଚାରୀ ,ନାଗରିକ ଓ ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ୧୫ତମ ଜାତୀୟ ମତଦାନ ଦିବସରେ ସଂକଳ୍ପ ନେଇଥିଲେ। ଟାଉନ ହଲ ଠାରେ ଆୟୋଜିତ ଏକ ସଚେତନତା ସଭାରେ ଭୋଟର ସଚେତନତା ଉପରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା।

# ବୋରିଗୁମାରେ ଜାତୀୟ ମତଦାତା ଦିବସ ପାଳିତ

**ବୋରିଗୁମ୍ମା,୨୫।୧ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅଧିନସ୍ଥ ଜୟପୁର ନିର୍ବାଚନ ମଣ୍ଡଳୀର ୮୧ ଟି ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀର ୫୭ ଟି ବୁଥ ରେ ରବିବାର ବ୍ଲକ ସ୍ତରୀୟ ଜାତୀୟ ମତଦାତା ଦିବସ ପାଳିତ ହୋଇଯାଇଛି। ନିଯୁକ୍ତ ବିଏଲଓ ମାନଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପଣ୍ଡୋସ ଗୁଡା କୁପିଆ, ରେଙ୍ଗାଳ ଗୁଡା, ଜାନିଗୁଡା, ଯୋଡ଼ାବନ୍ଧଏବଂ ଅଞ୍ଚଳା ପଞ୍ଚାୟତର ବିରାହାଣ୍ଡି, କୁନ୍ଦ୍ରାଗୁଡା,ଓ ବାମୁଣୀ ଗ୍ରାମରେ ପାଳନ କରାଯାଇଥିଲା। ବିଏଲଓ ସୁପରଭାଇଜର ସୁଶାନ୍ତ ନାୟକ ବୁଥରେ ଯୋଗଦେଇ ଗ୍ରାମବାସୀଙ୍କୁ ଗଣତନ୍ତ୍ରର ଭୂମିକା ଓ ଦେଶର ବିକାଶ ପାଇଁ ତାହା କେତେ ମହତ୍ୱପୂର୍ଣ୍ଣ ସେ ବିଷୟ ଜଣାଇଥିଲେ। ଏବଂ ଭୋଟରଙ୍କୁ ମତଦାତା ସଂକଳ୍ପପାଠ କରାଇଥିଲେ। ଶେଷରେ ମତଦାନ ଅଧିକାର ସଠିକ୍ ସାବ୍ୟସ୍ତ କରିବାକୁ କହିଥିଲେ।

# ଢେଙ୍କାନାଳ ଜିଲ୍ଲା ବିଜେପି ସଭାପତି ହେଲେ ରାସ ବିହାରୀ ବେହେରା

**ଢେଙ୍କାନାଳ,୨୫।୧ (ସଂଚାର ବ୍ୟୁରୋ) :** ଢେଙ୍କାନାଳ ବିଜେପି ଜିଲ୍ଲା ସଭାପତି ଭାବେ ରାସ ବିହାରୀ ବେହେରା ନିର୍ବାଚିତ ହୋଇଛନ୍ତି। ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ଢେଙ୍କାନାଳ ଜିଲ୍ଲା ସାଙ୍ଗଠନିକ ନିର୍ବାଚନ ଅଧିକାରୀ ସ୍ମୃତି ପଟ୍ଟନାୟକ ଆଜି ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ତତ୍‌ସଙ୍ଗେ ସଙ୍ଗେ ଲଳିତ ସାହୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରୁ, ଅଜୟ ଦାସ ହିନ୍ଦୋଳ ନିର୍ବାଚନ ମଣ୍ଡଳୀରୁ, ଭାରତୀ ସ୍ୱାଇଁ ଓ ମାନସ ହୋତା ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରୁ, ପ୍ରମୋଦ ନନ୍ଦ ଓ ଦୀପା ସାହୁ ପରଜଙ୍ଗ ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି



ଶ୍ରୀମତୀ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହି ଅବସରରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟରେ ଏକ ବୈଠକ ବିଦାୟୀ ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ବିଧାୟକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଦ୍ୟାଧର ମହାପାତ୍ର ବୈଠକରେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ନୂତନ ଜିଲ୍ଲା ସଭାପତି ଗିରିଶ

**ସୁନ୍ଦରଗଡ,୨୫।୧ (ସଂଚାର ବ୍ୟୁରୋ):** ଶନିବାର ଦିନ ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲା ପକ୍ଷରୁ ଭୋଜପୁର ସ୍ଥିତ ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ସଂଗଠନ ପର୍ବ ୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ଦିନେଶ ଜୈନଙ୍କ ସଦୟ ଉପସ୍ଥିତିରେ ସୁନ୍ଦରଗଡ଼ ସାଂଗଠନିକ ଜିଲ୍ଲାର ନୂତନ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ, ରାଜ୍ୟ ପରିଷଦ ଭାବରେ ଏସସି ବର୍ଗରୁ ସିମେଶ୍ୱର ଲରିଆ, ଓବିସି ବର୍ଗରୁ ଭବାନୀ ଶଙ୍କର ପଟେଲ, ସାଧାରଣ ବର୍ଗରୁ (ମହିଳା) ମଧୁସ୍ମିତା ରାଉତ, ଏସଟି ବର୍ଗରୁ ସୁଖଲାଲ ମୁଣ୍ଡା ଏବଂ ଜୁନାସ ଲୁଗୁନଙ୍କୁ



ନାମ ଘୋଷଣା କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ମାନ୍ୟବର ମନ୍ତ୍ରୀ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ରବି ନାରାୟଣ ନାଏକ। ସମ୍ମାନିତ ଅତିଥି ଭାବରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, ନରସିଂହ ମିଞ୍ଜ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଯଶବନ୍ତ ନାଏକ, ରାଜ୍ୟ ଏସସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଲଳିତ ମଗର, ସହ ନିର୍ବାଚନ ଅଧିକାରୀ ତଥା ଜିଲ୍ଲା ଉପସଭାପତି ସୁରେନ୍ଦ୍ର ଦେହୁରୀ ପ୍ରମୁଖ ଯୋଗଦେଇ ନବ ନିର୍ବାଚିତ ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ।

# ଶୀତବସ୍ତ୍ର ବଣ୍ଟନ

**ଦଶପଲ୍ଲା, ୨୫।୧ (ସଂଚାର ବ୍ୟୁରୋ):** ରାମକୃଷ୍ଣ ବିବେକାନନ୍ଦ ଆଶ୍ରମ ନୟାଗଡ଼ ଓ ଭାରତ ବିକାଶ ପରିଷଦର ମିଳିତ ସହଯୋଗରେ ଦଶପଲ୍ଲା ବ୍ଲକ ଅନ୍ତର୍ଗତ ଶାଳିଆଗୋଛା ଓ ତୁମାଣ୍ଡି ଗ୍ରାମର ଅସହାୟ ଗ୍ରିବ ଲୋକଙ୍କୁ ସିତବସ୍ତ୍ର ବଣ୍ଟନ ଲରାଯାଇଛି।ଏହି କାର୍ଯ୍ୟକ୍ରମରେ ମୋଟ ୪୫ ଜଣଙ୍କୁ ସିତବସ୍ତ୍ର ବଣ୍ଟନ କରାଯାଇଥବା ବେଳେ ଏଥିରେ ବିବେକାନନ୍ଦ ଆଶ୍ରମର ଜିଲ୍ଲା ସଂଯୋଜକ ଶ୍ରୀଧର ସାହୁ, ଦଶପଲ୍ଲା ଶାଖା ଆବାହକ ଲିପିକା ନାୟକ, ସଚିବ ସନ୍ତୋଷ ସାହୁ, ସଦସ୍ୟ ରାଜେନ୍ଦ୍ର ସାହୁ, ବୀରେନ୍ଦ୍ର କୁମାର ନାୟକ ଓ ଅନ୍ୟାନ୍ୟ ମାନେ ଉପସ୍ଥିତ ଥିଲେ। ସଙ୍ଗଠନର ଏତାଦୃଶ୍ୟ କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।



# ଧୂଳିଗଡ଼ ଜଙ୍ଗଲରୁ ବେଧଡ଼କ ଚାଲିଛି କାଠ ଓ ମୋରମ ଲୁଟ୍

**କଳିଙ୍ଗନଗର, ୨୫।୧ (ସଂଚାର ବ୍ୟୁରୋ) :** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ଜଙ୍ଗଲଟି ବହୁ ପୁରାତନ। ଦୁଃଖର କଥା ଧୀରେ ଧୀରେ ଲୋପ ପାଇବା ରାସ୍ତାରେ ଏହି ଜଙ୍ଗଲ। ଅସାମାଜିକ ଲୋକଙ୍କ ଆଡାସ୍ଥଳୀ ପାଲଟିଥିବା ଜଙ୍ଗଲଟିରେ ଏବେ ଗଛ କଟା ଓ ମୋରମ ଖୋଳା ନିର୍ଭୟରେ ଚାଲିଛି। ଦିନ ଦିପ୍ରହରରେ ଅବାଧରେ ଜଙ୍ଗଲ ଲୁଟ ଚାଲିଛି। ବନ ବିଭାଗ ଶୋଇଛି। ଏହି ଜଙ୍ଗଲରୁ ବହୁ ଔଷଧୀୟ ଗଛ ସହ ଶାଳ, ଚାକୁଣ୍ଡା, ପିଆଶାଳ, ଆକାଶୀଆ, ଅର୍ଜୁନ ଆଦି ବହୁ ମୂଲ୍ୟବାନ ଗଛ ଲୋପ ପାଇବାକୁ ବସିଛି। ୩୦ ଏକର ବିଶିଷ୍ଟ ଏହି ପୁରାତନ ଜଙ୍ଗଲଟି ଶିଳ୍ପାଞ୍ଚଳ ପାଖରେ ରହିଛି। ଏହାକୁ ବଞ୍ଚାଇ ରଖିଲେ ପରିବେଶ ପ୍ରଦୂଷିତ ହୁଅନ୍ତା ନାହିଁ।

କୋଟି କୋଟି ଟଙ୍କା ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଆସୁଛି କିନ୍ତୁ ପୁରୁଣା ଜଙ୍ଗଲକୁ ସୁରକ୍ଷା ପାଇଁ କାହାର ନଜର ନାହିଁ। ଏହି ଜଙ୍ଗଲ ପାଖରେ ବେଆଇନ ଭାବରେ





## ବନ ବିଭାଗ ନୀରବ

ଜୁଆ ଖେଳ, କୁକୁଡ଼ା ଲଢେଇ ଓ ବିଭିନ୍ନ ଅସାମାଜିକ କାର୍ଯକଳାପ ବୃଦ୍ଧି ପାଉଛି। ରାତିରେ ଚୋରମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ଜଙ୍ଗଲ ଭିତରୁ ମୋରମ ଲୁଟ୍ ଚାଲିଛି। ଚୋରା ଦେଶୀ ମଦ ବେପାରୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଏହି ଜଙ୍ଗଲକୁ ଲାଗି ରହିଥିବା ସାହିର କିଛି ଲୋକ ଦେଶୀ ମହୁଲି ଜଙ୍ଗଲ ଭିତରେ ଲୁଚାଇ ନିର୍ଭୟରେ ବିକୁଛନ୍ତି। ପୋଲିସ ସବୁ ଜାଣି ନୀରବ। ଏ ଜଙ୍ଗଲରେ ଚାଲୁଥିବା ବେଆଇନ କାରବାରକୁ ବିରୋଧ କରୁଥିବା ସାମାଜିକକର୍ମୀଙ୍କ ଉପରେ ଆକ୍ରମଣ ହେଉଛି। ଏ ସବୁ ଘଟଣାରେ ପୋଲିସ କିନ୍ତୁ ଚୁପ ରହିଛି। ଏହି ପୁରାତନ ଜଙ୍ଗଲଟି ଧୀରେ ଧୀରେ ପଦା ହେବା ସହିତ ଜଙ୍ଗଲ ଭିତରକୁ ଘର ମାଡି ଗଲାଣି।

ବନ ବିଭାଗ ଓ ପ୍ରଶାସନ ସମ୍ପୂର୍ଣ୍ଣ ଭାବରେ ନୀରବ ରହିବାର କାରଣ କଣ ହୋଇପାରେ? ଶିଳ୍ପ ଚାରିପାଖରେ ଥିବା ଗାଁ ଗୁଡିକ ପ୍ରଦୂଷଣରୁ ରକ୍ଷା ପାଇଁ କାରଖାନାମାନଙ୍କୁ ବୃକ୍ଷ ରୋପଣ ପାଇଁ ବାରମ୍ବାର ପ୍ରଶାସନ କହୁଥିବା ବେଳେ ଗୋଦାରା କୋଡେ ଯେତେ ମାଡ଼େ ସେତେ ଭଳି ବହୁ ପୁରୁଣା ଜଙ୍ଗଲ ଲୋପ ପାଇଯିବା ପଥରେ। ଦାନଗଦି ବଜାର ଓ ମେଡିକାଲର ସମସ୍ତ ଆବର୍ଜନା ଗଦା ହେଉଛି ଏହି ଜଙ୍ଗଲରେ। ଏହାକୁ ନେଇ ଚିନ୍ତାରେ ବୁଦ୍ଧିଜୀବୀ। ତେଣୁ ବନ ବିଭାଗ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପୁରାତନ ଜଙ୍ଗଲଟିକୁ ବଞ୍ଚାଇ ରଖିବାକୁ ସାଧାରଣରେ ଦାବି ହେଉଛି।